

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୮ ମଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 28 MAY 2023

Vol.No. 34 ■ No. 140 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ନୂଆ ସଂସଦର ନିର୍ମାଣ ସ୍ୱତନ୍ତ୍ର ଭାରତ ଯାତ୍ରାରେ ମାଇଲ ଖୁଂଟ : ଜେ.ପି. ନଡ୍ଡା

ନୂଆଦିଲ୍ଲୀ, ୨୭/୦୫ (ନି.ପ୍ର): ଭାରତୀୟ ଜନତା ପାର୍ଟି(ଭାଜପା) ର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ନୂଆ ସଂସଦକୁ ସ୍ୱତନ୍ତ୍ର ଭାରତ ଯାତ୍ରାରେ ମାଇଲ ଖୁଂଟ ବୋଲି କହିଛନ୍ତି। ଦେଶର ସଂସ୍କୃତି ଏବଂ ପରମ୍ପରାର ପ୍ରତୀକ ବୋଲି କହିଛନ୍ତି। ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡା ଶନିବାର ଦିନ ଟ୍ୱିଟ୍ କରି କହିଛନ୍ତି ଯେ ନୂଆ ସଂସଦ ଭବନ ସ୍ୱତନ୍ତ୍ର ଭାରତ ଯାତ୍ରାରେ ଏକ ମହତ୍ୱପୂର୍ଣ୍ଣ ମାଇଲ ଖୁଂଟ ଅଟେ। ଏହା ସଂସଦ ଭବନ କେବଳ ଏକ ବାସ୍ତୁଶିଳ୍ପ ଉପକରଣ ନୁହେଁ, ପରନ୍ତୁ ଏହା ବାସ୍ତବରେ ଭାରତର ଜୀବନ୍ତ ସଂସ୍କୃତି ଏବଂ ବିରାସତ ଭାବନାର ପ୍ରତୀକ ଅଟେ।

# ରାଜଦଣ୍ଡ ଧରିଲେ ମୋଦି

ନୂଆଦିଲ୍ଲୀ, ୨୭/୦୫ (ନି.ପ୍ର): ରାଜଦଣ୍ଡ ଧରିଲେ ମୋଦି। ତାମିଲନାଡୁ ଧର୍ମପୁରମ ଅଧିନମ୍ ମଠ ମହନ୍ତ ମୋଦିଙ୍କୁ ସେଙ୍ଗୋଲ ବା ରାଜଦଣ୍ଡ ପ୍ରଦାନ କରିଛନ୍ତି। ଏହି ଅବସରରେ ୨୧ ଜଣ ଅଧିନମ୍ ଓ ଅର୍ଥ ମନ୍ତ୍ରୀ ନିର୍ମଳା ସୀତା ରମଣ ମଧ ଉପସ୍ଥିତ ଥିଲେ। ଏହି ସନ୍ଥମାନେ ମୋଦିଙ୍କୁ ଭେଟିବା ସହ ମନ୍ତ୍ର ଧ୍ୱନୀ କରି ସେଙ୍ଗୋଲ ଦେଇଥିଲେ। ଆସନ୍ତାକାଲି ନୂଆ ସଂସଦ ଭବନର ଲୋକାର୍ପଣ ହେବାକୁ ଥିବା ବେଳେ ଏହାପୂର୍ବରୁ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ରାଜଦଣ୍ଡ ହସ୍ତାନ୍ତର କରାଯାଇଛି। ଏହି ରାଜଦଣ୍ଡକୁ ଆସନ୍ତାକାଲି ନୂଆ ସଂସଦ ଭବନରେ ବାଚସ୍ପତିଙ୍କ ଆସନ ପାଖରେ ସ୍ଥାପନ କରାଯିବ। ଆସନ୍ତାକାଲି ସକାଳ ପ୍ରାୟ ସାଢେ ୭ଟାରେ ପୂଜା ଏବଂ ଯଜ୍ଞ ରହିଛି।



ସକାଳ ପ୍ରାୟ ସାଢେ ୮ରୁ ୯ଟା ଭିତରେ ସେଙ୍ଗୋଲକୁ ସ୍ଥାପନ କରାଯିବ। ପରେ ପ୍ରାୟ ସାଢେ ୯ଟା ବେଳକୁ ପାର୍ଲାମେଣ୍ଟ ଲବିରେ ପ୍ରାର୍ଥନା ସଭା ଏବଂ ମଧ୍ୟାହ୍ନ ପ୍ରାୟ ୧୨ଟା ବେଳକୁ ପାର୍ଲାମେଣ୍ଟ ଉପରେ ଦୁଇଟି ସର୍ଟଫିଲ୍ମ ପ୍ରଦର୍ଶିତ ହେବ। ଦିନ ପ୍ରାୟ ଗୋଟାଏ ବେଳକୁ ନୂଆ ୭୫ ଟଙ୍କା କଏନ ଏବଂ ଷ୍ଟାମ୍ପକୁ ପ୍ରଧାନମନ୍ତ୍ରୀ ଉନ୍ମୋଚନ କରିବେ। ଏହାପରେ ପ୍ରଧାନମନ୍ତ୍ରୀ ମୋଦି ଉଦବୋଧନ ଦେବା କାର୍ଯ୍ୟକ୍ରମ ରହିଛି। ସେପଟେ ଆସନ୍ତାକାଲି ଦେଶର ଇତିହାସରେ ଯୋଡ଼ାହେବ ଏକ ନୂତନ ଅଧ୍ୟାୟ। ବିଶ୍ୱର ସର୍ବବୃହତ ଗଣତନ୍ତ୍ରର ନୂତନ ମନ୍ଦିର ଲୋକାର୍ପଣ ହେବ। ଭାରତକୁ ମିଳିବ ଏକ ଭବ୍ୟ, ବିଶାଳ ଏବଂ ଅତ୍ୟାଧୁନିକ ନୂତନ ସଂସଦ ଭବନ। ଯେଉଁଠି ୧୪୦ କୋଟି ଭାରତୀୟଙ୍କ ପ୍ରତିନିଧି କରିବେ, ଦେଶର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ନୀତି ନିର୍ଦ୍ଧାରଣ ଏବଂ ନିୟମ ପ୍ରଣୟନ। ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ ହେବ ୬୪ ହଜାର ୫ଶହ ବର୍ଗମିଟର କ୍ଷେତ୍ରରେ ନିର୍ମିତ ତ୍ରିକୋଣାକାର ନୂଆ ସଂସଦ ଭବନ। ଯାହାର ସଭା ଉପରେ ଶୋଭା ପାଉଛି ୧୦ ହଜାର କିଲୋଗ୍ରାମର ସୁଦୃଶ୍ୟ ରାଷ୍ଟ୍ରୀୟ ପ୍ରତୀକ- ଅଶୋକ ସ୍ତମ୍ଭ। ସଂସଦ ସୌଧ ମୁଖ୍ୟ ପ୍ରବେଶ ଦ୍ୱାରରେ ଖୋଦିତ ହୋଇଛି ଅଶୋକ ଚକ୍ର। ତଳେ ଲେଖାଯାଇଛି ସତ୍ୟମେବ ଜୟତେ। ନୂତନ ପାର୍ଲାମେଣ୍ଟ ଗୃହରେ ରହିଛି ୩ଟି ପ୍ରବେଶ ପଥ। ଯାହାର ନାଁ ରଖାଯାଇଛି ଜ୍ଞାନ ଦ୍ୱାର, ଶକ୍ତି ଦ୍ୱାର ଓ କର୍ମ ଦ୍ୱାର।

▶▶ପୃଷ୍ଠା ୭

## ୧୯ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର, ୨୭/୦୫ (ନି.ପ୍ର): ଆଗାମୀ ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ପ୍ରଭାବରେ ଘଡଘଡି , ବିଜୁଳି ସହ ବର୍ଷା ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ପାଇଁ ୧୯ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସମୟରେ କାଳବୈଶାଖୀ ସହ ପବନର ବେଗ ୪୦ରୁ ୫୦ କିମି ରହିପାରେ। ଏହି ଜିଲ୍ଲାଗୁଡିକ ହେଲା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, କେନ୍ଦୁଝର, ମୟୁରଭଂଜ, ଖୋର୍ଦ୍ଧା, ପୁରୀ, ନୟାଗଡ, ଗଂଜାମ, ଗଜପତି, ସୁନ୍ଦରଗଡ, ଅନୁଗୁଳ, ଢେଙ୍କାନାଳ, କନ୍ଧମାଳ, ରାୟଗଡା କୋରାପୁଟ। ସେହିପରି ରବିବାର ପାଇଁ ମଧ୍ୟ ୧୯ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଜିଲ୍ଲାଗୁଡିକ ହେଉଛି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର,ଖୋର୍ଦ୍ଧା, ପୁରୀ, ନୟାଗଡ, ଗଂଜାମ, ଗଜପତି, ମୟୁରଭଂଜ, ଢେଙ୍କାନାଳ, କନ୍ଧମାଳ, କେନ୍ଦୁଝର, ମାଲକାନଗିରି, କୋରାପୁଟ, ରାୟଗଡା ଓ ଅନୁଗୁଳ।

## ମରାମତି ହେବ ମହାପ୍ରଭୁଙ୍କ ରତ୍ନ ପଲଙ୍କ: ରୁପା ଛାଉଣୀ ହେବ ସିଂହଦ୍ୱାର



ପୁରୀ, ୨୭/୦୫ (ନି.ପ୍ର): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରତ୍ନ ପଲଙ୍କ ମରାମତି ହେବ। ଏଥିସହ ସିଂହଦ୍ୱାର ରୁପା ଛାଉଣୀ କରାଯିବ। ଆଜି ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ବୈଠକ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଏହି ସୂଚନା ଦେଇଛନ୍ତି। ▶▶ପୃଷ୍ଠା ୭

## ସରକାରୀ କାର୍ଯ୍ୟରେ ଅବହେଳା ପାଇଁ ୨୩୩ କଲେଜ ଅଧ୍ୟକ୍ଷଙ୍କ ଦରମା ବନ୍ଦ

ଭୁବନେଶ୍ୱର, ୨୭/୦୫ (ନି.ପ୍ର): ରାଜ୍ୟରେ ୨୩୩ କଲେଜ ଅଧ୍ୟକ୍ଷଙ୍କ ଦରମା ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସରକାରୀ କାର୍ଯ୍ୟରେ ଅବହେଳା ପାଇଁ ଉଚ୍ଚଶିକ୍ଷା ବିଭାଗ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବାରମ୍ବାର ଜଣାଇବା ସତ୍ତ୍ୱେ ୨୩୩ କଲେଜର ଅଧ୍ୟକ୍ଷମାନେ ଆବଶ୍ୟକ ସୂଚନା ପ୍ରଦାନ କରିନଥିବା କାରଣରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ମିଳିଥିବା ସୂଚନା ଅନୁସାରେ ଉଚ୍ଚଶିକ୍ଷା ବିଭାଗର ସହକାରୀ ନିର୍ଦ୍ଦେଶକଙ୍କ ଚିଠିର ଉତ୍ତର ଦେଇନଥିବାରୁ ଏସବୁ କଲେଜ ଅଧ୍ୟକ୍ଷ ଏବଂ ମୁଖ୍ୟ କିରାଣିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ବିଭାଗୀୟ ଚିଠିର ଉତ୍ତର ନଦେବାର ଅର୍ଥ, ସରକାରୀ କାର୍ଯ୍ୟ ନିର୍ବାହରେ ବଡ଼ ଅବହେଳା ବୋଲି କୁହାଯାଇଛି । କାର୍ଯ୍ୟରେ ଚରମ ଅବହେଳା ପାଇଁ ମେ' ମାସର ଦରମା ନ ଉଠାଇବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

## ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା 'ନୀତି ଆୟୋଗ' ବୈଠକରେ ଯୋଗ ଦେବେନାହିଁ ୮ଜଣ ମୁଖ୍ୟମନ୍ତ୍ରୀ


ନୂଆଦିଲ୍ଲୀ,୨୭/୦୫ : ଆଜି ଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା 'ନୀତି ଆୟୋଗ ପରିଷଦ୍' ବୈଠକରେ ୮ଜଣ ମୁଖ୍ୟମନ୍ତ୍ରୀ ଯୋଗ ଦେବେ ନାହିଁ ବୋଲି ବିଭିନ୍ନ ଗଣମାଧ୍ୟମ ରିପୋର୍ଟ କରିଛନ୍ତି। ରାଜସ୍ଥାନର ମୁଖ୍ୟମନ୍ତ୍ରୀ ଅଶୋକ ଗେହ୍‌ଲଟ୍ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଉକ୍ତ ବୈଠକରେ ଯୋଗ ଦେବେ ନାହିଁ ବୋଲି କହିଥିବା ବେଳେ କେରଳର ମୁଖ୍ୟମନ୍ତ୍ରୀ ପିନରାୟି ବିଜୟନ୍ ନିଜ ଅନୁପସ୍ଥିତି ସମ୍ପର୍କରେ କୌଣସି କାରଣ ଦର୍ଶାଇ ନାହାନ୍ତି। କେନ୍ଦ୍ର ସରକାରଙ୍କ ଅଧ୍ୟାଦେଶକୁ ବିରୋଧ କରି ଏହି ବୈଠକ ବର୍ଜନ କରିବେ ବୋଲି ଶୁକ୍ରବାର ଦିନ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ୍ କହିଥିଲେ। ସେହିପରି, ପଞ୍ଜାବ ପ୍ରତି କେନ୍ଦ୍ର ସରକାର ଧ୍ୟାନ ଦେଉ ନ ଥିବା ଦର୍ଶାଇ 'ନୀତି ଆୟୋଗ' ବୈଠକରେ ଯୋଗ ଦେବେ ନାହିଁ ବୋଲି ପଞ୍ଜାବର ମୁଖ୍ୟମନ୍ତ୍ରୀ ଭଗଓ୍ୱନ୍ତ ମାନ୍ ଲେଖି ଜଣାଇଛନ୍ତି। ସିଙ୍ଗାପୁର ଓ ଜାପାନ ଗସ୍ତରେ ଥିବାରୁ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଏମ୍. କେ. ଷ୍ଟାଲିନ୍ ମଧ ଏହି ବୈଠକରେ ଯୋଗ ଦେଇ ପାରିବେ ନାହିଁ। ଏହାଛଡ଼ା, ତେଲେଙ୍ଗାନାର ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ, ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ବିହାରର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଆସନ୍ତା ଲୋକସଭା ନିର୍ବାଚନ ନିମନ୍ତେ 'ବିଜେପି' ବିପକ୍ଷରେ ବିରୋଧୀ ଦଳମାନଙ୍କୁ ଏକତ୍ର କରିବାରେ ବ୍ୟସ୍ତ ଥିବାରୁ ଏହି ବୌଠକରେ ଯୋଗ ଦେଇ ପାରିବେ ନାହିଁ। ▶▶ପୃଷ୍ଠା ୭

## ସିଦ୍ଧରମୈୟାଙ୍କ ମନ୍ତ୍ରିମଣ୍ଡଳ ସଂପ୍ରସାରଣ: ଶପଥ ନେଲେ ୨୪ ନୂଆ ମନ୍ତ୍ରୀ



ବେଙ୍ଗାଲୁରୁ ,୨୭/୦୫ : କର୍ଣ୍ଣାଟକ ମନ୍ତ୍ରିମଣ୍ଡଳ ବିସ୍ତାର । ସିଦ୍ଧରମୈୟାଙ୍କ ନୂଆ ଟିମରେ ସ୍ଥାନ ପାଇଲେ ଆଉ ୨୪ ମନ୍ତ୍ରୀ । କର୍ଣ୍ଣାଟକରେ କଂଗ୍ରେସ ସରକାର ଗଠନ କରିବାରର ସପ୍ତାହେ ମଧ୍ୟରେ କ୍ୟାବିନେଟ୍ ବିସ୍ତାର ହୋଇଛି । ରାଜ୍ୟପାଳ ଥାଓ୍ୱରଚନ୍ଦ ଗେହଲଟ୍ ମନ୍ତ୍ରୀମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି । ପୂର୍ବରୁ ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟା ଓ ଉପ-ମୁଖ୍ୟମନ୍ତ୍ରୀଙ୍କ ସମେତ ୧୦ ମନ୍ତ୍ରୀ କ୍ୟାବିନେଟରେ ସ୍ଥାନ ପାଇଥିଲେ । ମୋଟ୍ ୨୨୪ ଆସନ ବିଶିଷ୍ଟ କର୍ଣ୍ଣାଟକ ବିଧାନସଭାରେ ସମସ୍ତ ୩୪ ମନ୍ତ୍ରୀ ଶପଥ ନେଇଛନ୍ତି । ଏହି ଶପଥ ଉତ୍ସବରେ ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟାଙ୍କ ସହିତ ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଓ ଅନ୍ୟ ବରିଷ୍ଠ ନେତା ଉପସ୍ଥିତ ରହିଥିଲେ । ରବିବାର ଉଦ୍‌ଘାଟିତ ହେବ ସଂସଦର ନୂଆ ଭବନ, ସାମ୍ନାକୁ ଆସିଲା ଭିତର ଏବଂ ବାହାରର ସୁନ୍ଦର ଭିଜୁଆଲ ନୂଆ ମନ୍ତ୍ରିମଣ୍ଡଳରେ ସବୁ ବର୍ଗ ଓ ସମୁଦାୟକୁ ପ୍ରତିନିଧିତ୍ୱ ପ୍ରାଧାନ୍ୟ ଦିଆଯାଇଛି । ବିଶେଷ କରି ଲିଙ୍ଗାୟତ ସମୁଦାୟଙ୍କୁ ଅଗ୍ରାଧିକାର ଦିଆଯାଇଛି । ବରିଷ୍ଠ ବିଧାୟକ ଏଚ.କେ ପାଟିଲ୍, କୃଷ୍ଣ ବାୟରଗୌଡ଼ା, ଏନ ଚେଲୁବରାସ୍ୱାମୀ, କେ. ଭେଙ୍କଟାଶ, ଡା. ଏକ.ସି ମହାଦେବପ୍ପା, ପ୍ରଦେଶ କଂଗ୍ରେସ କାର୍ଯ୍ୟକାରୀ ଅଧ୍ୟକ୍ଷ ଈଶ୍ୱର ଖେଣ୍ଡର ଏବଂ ପ୍ରଦେଶ କଂଗ୍ରେସର ପୂର୍ବ ଅଧ୍ୟକ୍ଷ ଦିନେଶ ଗୁଣ୍ଡୁ ରାଓ୍ୱ ଆଦି ନେତା ନୂଆ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇ ଶପଥ ନେଇଛନ୍ତି । କର୍ଣ୍ଣାଟକ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିବା ବିଧାୟକଙ୍କ ମଧ୍ୟରେ ୬ ଲିଙ୍ଗାୟତ ଏବଂ ୪ଜଣ ବେକାଲ୍ଲିଗା ସମୁଦାୟର ବିଧାୟକ ରହିଛନ୍ତି । ସେହିପରି ୩ଜଣ ବିଧାୟକ ଅନୁସୂଚିତ ଜାତି ଏବଂ ୨ଜଣ ଅନୁସୂଚିତ ଜନଜାତି ଏବଂ ପଛୁଆ ବର୍ଗକୁ ୫ଜଣ ବିଧାୟକଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇଛି । ଦିନେଶ ଗୁଣ୍ଡୁ ରାଓ ରୂପରେ ଜଣେ ବ୍ରାହ୍ମଣ ସମ୍ପ୍ରଦାୟ ସାମିଲ କରାଯାଇଛି। ପୁରୁଣା ମହୀଶୂର ଏବଂ କଲ୍ୟାଣ କର୍ଣ୍ଣାଟକ କ୍ଷେତ୍ରରୁ ୭ଜଣ ବିଧାୟକ ସିଦ୍ଦରମେୟାଙ୍କ ଟିମ୍ ସ୍ଥାପନ ପାଇଛନ୍ତି। ସେହିପରି କିତ୍ତୁର କର୍ଣ୍ଣାଟକ କ୍ଷେତ୍ରରୁ ୬ଜଣ ଏବଂ ମଧ କର୍ଣ୍ଣାଟକରୁ ୨ଜଣ ବିଧାୟକ ସାମିଲ ହୋଇଛନ୍ତି । ମନ୍ତ୍ରିମଣ୍ଡଳ ବିସ୍ତାର ନେଇ ସରକାରଙ୍କ ପକ୍ଷରୁ ଏକ ବୟାନ ଜାରି ହୋଇଥିଲା । ଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟା ଓ ଉପମୁଖ୍ୟମନ୍ତ୍ରୀ ଡି.କେ ଶିବକୁମାର ଗତ ଦୁଇଦିନ ଧରି କଂଗ୍ରେସ ଅଧ୍ୟକ୍ଷ ମଲିକାର୍ଜୁନ ଖଡ୍‌ଗେ, ପୂର୍ବତନ ଅଧ୍ୟକ୍ଷ ନେତା ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ସମେତ ଅନ୍ୟ ବରିଷ୍ଠ ନେତାଙ୍କ ସହ ବୈଠକ କରି ମନ୍ତ୍ରିମଣ୍ଡଳର ରୂପ ରେଖ ପ୍ରସ୍ତୁତ କରିଥିଲେ ।

## କେନ୍ଦ୍ରର ଅଧ୍ୟାଦେଶ ବିରୋଧରେ ସମର୍ଥନ ପାଇଁ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କେଜରିୱାଲ



ନୂଆଦିଲ୍ଲୀ,୨୭/୦୫ : କେନ୍ଦ୍ର ସରକାରଙ୍କ ଅଧ୍ୟାଦେଶ ବିରୋଧରେ ସମର୍ଥନ ପାଇଁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଜାତୀୟସ୍ତରରେ ବିରୋଧୀ ଦଳ ନେତାଙ୍କୁ ଭେଟୁଛନ୍ତି। ଏହିକ୍ରମରେ ସେ ଶନିବାର ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ତଥା ବିଆରଏସ ଅଧ୍ୟକ୍ଷ କେ ଚନ୍ଦ୍ରଶେଖର ରାଓଙ୍କୁ ହାଇଦ୍ରାବାଦରେ ସାକ୍ଷାତ କରିଛନ୍ତି। ଏହି ସମୟରେ କେଜରିୱାଲଙ୍କ ସହ ପଞ୍ଜାବର ମୁଖ୍ୟମନ୍ତ୍ରୀ ଭଗତ ସିଂ ମନ, ଆପ୍ ନେତା ରାଘବ ଚଡ୍ଡା, ସଞ୍ଜୟ ସିଂ ଏବଂ ଅନ୍ୟ ନେତା ଉପସ୍ଥିତ ଥିଲେ। ହାଇଦ୍ରାବାଦ ପ୍ରଗତି ଭବନରେ ଆଜି ଅପରାହ୍ନ ୧ଟାରେ ଦିଲ୍ଲୀ ଏବଂ ତେଲେଙ୍ଗାନାର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ବୈଠକ ବସିଥିଲା। ଶୁକ୍ରବାର ଆମ୍ ଆଦମୀ ପାର୍ଟି ଟୁଇଟ୍ କରି କହିଥିଲା, ସୁପ୍ରିମକୋର୍ଟଙ୍କ ଆଦେଶ ବିରୋଧରେ ବିଜେପି ସରକାର ଆଣିଥିବା ଅସାମ୍ବିଧାନିକ ଏବଂ ଅଗଣତାନ୍ତ୍ରିକ ଅଧ୍ୟାଦେଶକୁ ପ୍ରତିହତ କରିବା ପାଇଁ ଆମେ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେସିଆରଙ୍କ ସମର୍ଥନ ଲୋଡ଼ିଛୁ। କେଜରିୱାଲ ସମଗ୍ର ଦେଶ ବୁଲି ଅଣବିଜେପି ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଏବଂ ନେତାମାନଙ୍କୁ ଭେଟୁଛନ୍ତି। କେଜରିୱାଲଙ୍କ ସହିତ ଆପ୍‌ର ନେତାମାନେ ଅଧ୍ୟାଦେଶ ବିରୋଧରେ ସମର୍ଥନ ଦେବାକୁ କେସିଆରଙ୍କୁ ଅପିଲ୍ କରିଛନ୍ତି। ଏଥିସହ ସହ କେଜରିୱାଲ୍ ସଂସଦରେ ମୋଦୀ ସରକାରଙ୍କ ଅଧ୍ୟାଦେଶକୁ ବିରୋଧ କରିବା ପାଇଁ ▶▶ପୃଷ୍ଠା ୭

## ଶ୍ରୀମନ୍ଦିରରେ ଅଘଟଣ: ଗରମ ଡାଲି ପଡ଼ି ୨ ବୋଝିଆ ଗୁରୁତର

ପୁରୀ, ୨୭/୦୫ (ନି.ପ୍ର): ଶ୍ରୀମନ୍ଦିରରେ ଅଘଟଣ। ଭୋଗମଣ୍ଡପ ଘରୁ ପାଟଅଗଣା ଦେଇ ଆନନ୍ଦବଜାରକୁ ମହାପ୍ରସାଦ ନେଉଥିବା ବେଳେ ଗୋଡ଼ ଖସି ଯିବାରୁ ଗରମ ଡାଲି ପଡ଼ି ୨ ବୋଝିଆ ଗୁରୁତର। ସେମାନେ ହେଲେ ବ୍ରହ୍ମଗିରିର ପ୍ରଦୀପ କୁମାର ସାହୁ ଓ ତଳଜଙ୍ଗର ପପି ପ୍ରଧାନ। ସେମାନଙ୍କୁ ତୁରନ୍ତ ପୁରୀ ସଦର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଭୋଗମଣ୍ଡପ ଉଠିବା ପରେ ବୋଝିଆମାନେ ଆନନ୍ଦ ବଜାରକୁ ମହାପ୍ରସାଦ ନେଉଥିଲେ। ପପି ପ୍ରଧାନ ନେଉ ଯାଉଥିବା ବୋଝରେ ଗରମ ଡାଲି ଥିଲା। କୌଣସି କାରଣ ବସତଃ ଭୋଗମଣ୍ଡପ ଘର ବାହାର ପାହାଚରେ ତାଙ୍କ ଗୋଡ଼ ଖସି ଯାଇଥିଲା। ତେଣୁ ସେ ପଡ଼ି ଯାଇଥିଲେ। ତାଙ୍କ ସହ ଅନ୍ୟ ଏକ ବୋଝରେ ମହାପ୍ରସାଦ ନେଇ ଆସୁଥିବା ପ୍ରଦୀପଙ୍କ ଗୋଡ଼ ଉପରେ ଏହି ଗରମ ଡାଲି ବୋଝ ପଡ଼ି ଯାଇଥିଲା। ▶▶ପୃଷ୍ଠା ୭

## ରାଜ୍ୟରେ ବଦଳିବ ଆହାରର ରୂପରେଖ

ଭୁବନେଶ୍ୱର , ୨୭/୦୫ (ନି.ପ୍ର): ଆହାର ୧.୨ ରୁ ୨.୨ କରିବାକୁ ଯୋଜନା କରୁଛନ୍ତି ସରକାର। ଭାତ ଡାଲମା ସହିତ ମିଳିବ ଅନ୍ୟ ଆଇଟମ୍। ସେହିପରି ଖାଦ୍ୟ ପ୍ରସ୍ତୁତ କରୁଥିବା ଏସ୍‌ଏସ୍‌ଜି ମହିଳାମାନଙ୍କୁ ୭ ତାରିଖ ଭିତରେ ପଇସା ପୈଠ ନିର୍ଦ୍ଦେଶ ଦିଆଯାଇଛି। ନଗର ଉନ୍ନୟନ ବିଭାଗ ପକ୍ଷରୁ କ୍ୟାପିଟାଲ ହସ୍ପିଟାଲ ଆହାର କେନ୍ଦ୍ର ସର୍ଟ ପ୍ରାଇଜ ଭିଜିଟ କରିଛନ୍ତି ରାଜ୍ୟ ଆହାର ନୋଡାଲ ଅଫିସର ଓ ଟିମ୍। ଖାଦ୍ୟର ମାନ କିପରି ରହିଛି ଓ ପରିଷ୍କାର ପରିଛନ୍ନତା ନେଇ ଯାଞ୍ଚ କରିଛନ୍ତି । ମୁଖ୍ୟତଃ




ଯେଉଁମାନେ ଖାଦ୍ୟ ଖାଉଛନ୍ତି ସେମାନଙ୍କର ଅସୁବିଧା ଓ ଆବଶ୍ୟକତା ସମ୍ପର୍କରେ ମଧ୍ୟ ଆଲୋଚନା କରିଛନ୍ତି । ତେବେ ଏହି ସମ୍ପର୍କରେ ନୋଡାଲ ଅଫିସର କହିଛନ୍ତି ମୁଖ୍ୟମନ୍ତ୍ରୀଙ୍କର ବିଭାଗ ରିଭିୟୁ କରାଯାଇଛି । ତେବେ ବର୍ତ୍ତମାନ ଲୋକଙ୍କୁ ଭାତ ଡାଲମା ଦିଆଯାଉଛି ତେବେ ଆଗକୁ ଆଉ ନୂଆ ଆଇଟମ୍ ଯୋଡ଼ିବା ପାଇଁ ଆଲୋଚନା କରାଯାଇଛି ▶▶ପୃଷ୍ଠା ୭

## ଛତିଶଗଡ଼ରେ ନକ୍ସଲ-ଯବାନ ସଂଘର୍ଷ : ଜଣେ ବିଏସଏଫ ଯବାନ ଆହତ

କାଂକେର/ରାୟପୁର, ୨୭/୦୫ (ନି.ପ୍ର): ଛତିଶଗଡ଼ ରାଜ୍ୟର କାଂକେର ଜିଲ୍ଲାର ବଡଗାଁଓ ଥାନା ଅଂଚଳରେ ଶନିବାର ନକ୍ସଲଙ୍କ ସହିତ ହୋଇଥିବା ସଂଘର୍ଷରେ ବିଏସଏଫର ଜଣେ ଯବାନ ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ନିମନ୍ତେ ହସ୍ପିଟାଲରେ ଭର୍ତି କରାଯାଇଛି । ପଙ୍ଖାଜୁର ଅନୁବିଭାଗୀୟ ଅଧିକାରୀ ରବି କୁଜୁର ଏନେଇ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଆହତ ଯବାନ ମେଂଣ୍ଡ୍ରା କ୍ୟାମ୍ପ ବିଏସଏଫ ୧୭୮ ବିଏନର ଅଟନ୍ତି । ସର୍ଚ୍ଚ ଅପରେସନରେ ଏହି କ୍ୟାମ୍ପର ଯବାନ ମାନେ ସେଠାକୁ ଯାଇଥିବା ବେଳେ ନକ୍ସଲଙ୍କ ସହିତ ମୁହାଁମୁହିଁ ହୋଇଥିଲା । ପ୍ରଥମେ ନକ୍ସଲ ମାନେ ଯବାନ ମାନଙ୍କ ଉପରକୁ ଗୁଳି ଚଳାଇଥିଲେ। ପରେ ଯବାନ ମାନେ ଏହାର ପାଲଟା ଜବାବ ରଖିଥିଲେ । ନକ୍ସଲ ଓ ଯବାନଙ୍କ ମଧ୍ୟରେ ଘଟିଥିବା ଏହି ସଂଘର୍ଷରେ ଜଣେ ମହିଳା ନକ୍ସଲ ମଧ ଆହତ ହୋଇଥିବା ସୂଚନା ମିଳିଛି । ସମ୍ପୃକ୍ତ ମହିଳା ଜଣକ ନକ୍ସଲ ସଂଗଠନ ଆରକେବି ଡିଭିଜନର ସଦସ୍ୟ ବୋଲି କୁହାଯାଉଛି ।

# ଆନ୍ତର୍ଜାତିକ ପଥ ବିକ୍ରେତା ଦିବସରେ ଉଠା ଦୋକାନୀଙ୍କ ସମାବେଶ

ବାଲେଶ୍ୱର, ୨୭/୦୫ (ନି.ପ୍ର): ଆନ୍ତର୍ଜାତିକ ପଥ ବିକ୍ରେତା ଦିବସ ପାଳନ ଅବସରରେ ବିଭିନ୍ନ ଦାବି ନେଇ ଓଡ଼ିଶା ପଥ ବିକ୍ରେତା ସଂଘ ପକ୍ଷରୁ ପୌରାପାଳିକା ସମ୍ମୁଖରେ ସମାବେଶ ଅନୁଷ୍ଠିତ ହୋଇଯାଇଛି ଉଠା ଦୋକନୀମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା ସହ ପୌରାପାଳିକା କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ । ସେଠାରେ ଆୟୋଜିତ ସଭାରେ ଓଡ଼ିଶା ପଥବିକ୍ରେତା ସଂଘ ସଭାପତି ତଥା ନେଶନାଲ ହକର ଫେଡ଼େରେସନର ଅତିରିକ୍ତ ସାଧାରଣ ସଂପାଦକ ଜୟନ୍ତ ଦାସ ସଭାପତିତ୍ୱ କରିବା ସହିତ ଆନ୍ତର୍ଜାତିକ ଉଠା ଦୋକାନ ଦିବସ ପାଳନର ଯଥାର୍ଥତା ସମ୍ପର୍କରେ ଆଲୋଚନା କରିଥିଲେ । ବିଶେଷ କରି ଉଠା ଦୋକାନୀଙ୍କ ସ୍ୱାର୍ଥରକ୍ଷା ଓ ସାମାଜିକ ସୁରକ୍ଷା ନେଇ ତତ୍କାଳୀନ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣିତ ଆଇନ କାର୍ଯ୍ୟକାରିତାରେ ରାଜ୍ୟସ୍ତରରେ ଦେଖା ଦେଇଥିବା କାଳକ୍ଷେପଣ ନୀତି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ବାଲେଶ୍ୱର ସହରରେ ୨୦୧୮ମସିହାରୁ ଟାଉନ ଭେଣ୍ଡିଂ କମିଟି (ଟିଭିସି) ଗଠନ ହୋଇ ୨୦୨୧ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ପଥ ବିକ୍ରେତାଙ୍କ ସମସ୍ୟା ସମାଧାନ ହେଉଥିଲା । ମାତ୍ର ୨୦୨୨ ମସିହା ଠାରୁ ଟିଭିସିକୁ ପ୍ରଶାସନ ପକ୍ଷରୁ ଆମାନ୍ୟ ସହ ଉଠା ଦୋକାନୀଙ୍କ ଉପରେ ଚାଲିଥିବା ଜୁଲମକୁ କେବେ ବରଦାସ୍ତ କରାଯିବ ନାହିଁ । ସଂଘ ପକ୍ଷରୁ ଏହାର ଉଚିତ ମାର୍ଗରେ ମୁକାବିଲା କରିବ ବୋଲି ଶ୍ରୀ ଦାସ ଚେତାବନୀ ଦେଇଥିଲେ । ପଥ ବିକ୍ରେତା ସଂଘର ଉ ପସଭାପତି ଆବିଦ୍ ଖାନ୍, ସମ୍ପାଦକ ମୋହିନୀ ମୋହନ ପରଡ଼ା, ମନୋଜ ରାଠୋର, ଭିଟାମାଟି ଆନ୍ଦୋଳନର ନେତା ଓ ସମାଜସେବୀ ଅରୁଣ ଜେନା, ଯୁବନେତା ତପନ କୁମାର ସିଟ୍, ଟି.ଭି.ସି. ମେମ୍ବର ଟିପିରି ସିଂ ଓ ରାମଚନ୍ଦ୍ର ପରିଡ଼ା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଉଠାଦୋକାନୀମାନେ ସାମ୍ନା କରୁଥିବା ସମସ୍ୟା ଓ ତା'ର ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ । ପରେ ସଂଘର ଏକ ପ୍ରତିନିଧି ଦଳ ଉଠାଦୋକାନୀଙ୍କ ସମସ୍ୟା ସମାଧାନ ପାଇଁ ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଉପ-ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦୀନବନ୍ଧୁ ସାହୁ, ଅଭିରାମ ବାରିକ୍, ମହମ୍ମଦ ଅସଲମ୍, ପୂର୍ଣ୍ଣ ଦାସ, ଶଶଧର ନାଥ, ସେଖ୍ ସଫିବୁଲ୍, ଦେବକି ଦତ୍ତ, ମହମ୍ମଦ ମୁସ୍ତାଫା, ସେଖ ରିୟାଜ, ଶେଖ୍ ସଲଉଦ୍ଦିନ, ଜଗବନ୍ଧୁ ସିଂ, ଦିବାକର ଜେନା, ପ୍ରଶାନ୍ତ ସେଠୀ ଅମଜଦ୍ ଖାନ୍, ସନ୍ତୋଷ କୁମାର ସାହୁ, ଅବଦୁଲ ରାଜିକ୍, ରହିମ୍ ଖାନ, ରତନ କୁମାର ଗିରି, ବିଜୟ କୁମାର ବାରିକ ପ୍ରମୁଖ ଏହି ସମାବେଶର ନେତୃତ୍ୱ ନେଇଥିଲେ ।

# ସିନ୍ଧେକେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସୂତି ସ୍ତ୍ରୀ ରୋଗ ବିଶେଷଜ୍ଞ ଓ ଅନ୍ୟ ଡାକ୍ତର ନିଯୁକ୍ତି ଦାବି

ବଲାଙ୍ଗିର, ୨୭/୦୫ (ନି.ପ୍ର): ବଲାଙ୍ଗିର ଜିଲ୍ଲା ସଦର ମହକୁମାରୁ ପ୍ରାୟ ୧୦୦ କିଲୋମିଟର ଦୂର ନୂଆପଡା, କଳାହାଣ୍ଡି ଓ ବଲାଙ୍ଗିର ଜିଲ୍ଲାର ସୀମାନ୍ତରେ ଥିବା ସିନ୍ଧେକେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବେ ଶ୍ରୀହୀନ ହୋଇପଡିଛି । ପୁରା ବଙ୍ଗୋମୁଣ୍ଡା ବ୍ଲକ ତଥା ତିନୋଟି ଜିଲ୍ଲାର ସୀମାନ୍ତବର୍ତୀ ଅଂଚଳର ରୋଗୀମାନଙ୍କ ତଥା ନିକଟରେ ଥିବା ୧୬ ନମ୍ବର ରାଜ୍ୟ ରାଜପଥ ଓ ୪୨ ନମ୍ବର ରାଜ୍ୟ ରାଜପଥରେ କୌଣସି ଦୁର୍ଘଟଣା ହେଲେ ପ୍ରଥମେ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ହିଁ ସାହା ଭରସା । କିନ୍ତୁ, ଏବେ ଏ ଅଂଚଳର ଗୁରୁତ୍ୱ ବହନ କରୁଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଅଭାବରୁ ଶ୍ରୀହୀନ ହୋଇ ପଡିଛି । କିଛି ବର୍ଷ ତଳେ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଅବସ୍ଥା ବିଷୟରେ ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ଖବର ପରିବେଷଣ ହୋଇଥିଲା । ଏବଂ ସାମ୍ବାଦିକ ଅନିଲ କୁମାର ତ୍ରିପାଠୀ ଏ ବିଷୟରେ କଂଟାବାଞ୍ଜି ବିଧାୟକ ସନ୍ତୋଷ ସିଂହ ସାଲୁଜାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବିଧାୟକ ଶ୍ରୀ ସାଲୁଜା ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ସ୍ୱର୍ଗତ ନବ କିଶୋର ଦାସଙ୍କ ବଲାଙ୍ଗିର ଗସ୍ତ ସମୟରେ ସିନ୍ଧେକେଲା ଅଂଚଳର ଲୋକଙ୍କ ସହ ନିଜେ ବିଧାୟକ ଶ୍ରୀ ସାଲୁଜା ସିନ୍ଧେକେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ପଦବୀ ପୂରଣ ପାଇଁ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ । ସ୍ୱର୍ଗତ ମନ୍ତ୍ରୀ ଶ୍ରୀ ଦାସ ତୁରନ୍ତ ବିଭାଗୀୟ ଅଧିକାରୀଙ୍କୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । କିଛିଦିନ ପରେ ସିନ୍ଧେକେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜଣେ ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞ ଡାକ୍ତର ରମାକାନ୍ତ ସାହୁଙ୍କ ପୋଷ୍ଟିଂ ହେବାସହ କିଛି ମାସ ପରେ ଜଣେ ଏମବିବିଏସ ଡାକ୍ତର ପ୍ରମୋଦ କୁମାର ବାରିକଙ୍କ ପୋଷ୍ଟିଂ ହୋଇଥିଲା । କିନ୍ତୁ, କିଛିବର୍ଷ ସବୁ ଠିକଠାକ ଚାଲିବା ପରେ ଚଳିତ ମାସ ହଠାତ ଦୁଇ ଜଣ ଡାକ୍ତରଙ୍କ ବଦଳି କରି ଦିଆଯାଇଛି । ପ୍ରକାଶ ଥାଉକି, ସିନ୍ଧେକେଲା ସ୍ୱାସ୍ଥ୍ୟକେନ୍ଦ୍ରରେ କେବଳ ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞ ଡାକ୍ତର ଗୋଟିଏ ବର୍ଷରେ ପ୍ରାୟ ୧୦୦୮ ଡେଲିଭରି ହୋଇପାରିଥିଲା । ଏଥିରୁ ସ୍ପଷ୍ଟ ଯେ, ଏହି ହସ୍ପିଟାଲ ଏ ଅଂଚଳ ପାଇଁ କେତେ ନିର୍ଭରଶୀଳ । କିନ୍ତୁ, ଏବେ ଗର୍ଭବତୀ ମା ମାନେ ଚିନ୍ତାରେ । ଗୋଟିଏ ମାତ୍ର ନିୟମିତ ଡାକ୍ତରଙ୍କୁ ନେଇ ଏ ଅଂଚଳର ସ୍ୱାସ୍ଥ୍ୟସେବା କିପରି ହୋଇପାରିବ । ସେ ନେଇ ଜନ ସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ତେଣୁ ଯଥାଶୀଘ୍ର ଡାକ୍ତର ପଦବୀ ପୂରଣ ପାଇଁ ସବୁ ମହଲରୁ ଦାବି ହେଉଛି ।

## ଗୁଣିଗାରେଡ଼ି ସଚେତନତା ଶିବିର ଅନୁଷ୍ଠିତ

ଗଞ୍ଜାମ, ୨୭/୦୫ (ନି.ପ୍ର): ଗଞ୍ଜାମ ଜିଲ୍ଲା ଶେରଗଡ଼ ଥାନା ପରିସରରେ ଏକ ଗୁଣିଗାରେଡ଼ି ସଚେତନତା ଶିବିର ଆଜି ଥାନା ଅଧିକାରୀ ମନୋଜ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଲକ୍ଷ୍ମୀନୃସିଂହ ପୁର ଗ୍ରାମବାସୀଙ୍କୁ ଗୁଣିଗାରେଡ଼ି ପରି କୁସଂସ୍କାରରେ ନପଡିବା ପାଇଁ ଶିବିରରେ ସଚେତନ କରାଯାଇଥିଲା । ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ଆମ ପୋଲିସ ସମିତି ସଦସ୍ୟ ହୃଷୀକେଶ ପାଢ଼ୀ, ଯନ୍ତ୍ରୀ ଶଶାଙ୍କଶେଖର ପାଢ଼ୀଙ୍କ ସହ ଲକ୍ଷ୍ମୀନୃସିଂହପୁର ଗ୍ରାମର ଶତାଧିକ ଲୋକ ଉପସ୍ଥିତ ଥିଲେ । ଶେଷରେ ଶେରଗଡ଼ ଥାନା ଏସଆଇ ସତ୍ୟଜିତ୍ ବେଣିଆ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ଜୟପୁର ସଚିବଙ୍କ ଦ୍ୱାରା ଭିନ୍ନକ୍ଷମଙ୍କୁ ସାମଗ୍ରୀ ବଂଟନ

ଜୟପୁର, ୨୭/୦୫ (ନି.ପ୍ର): ଜିଲ୍ଲା ଦୌରାଜଜ ତଥା ଅଧ୍ୟକ୍ଷ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁର ସତ୍ୟ ନାରାୟଣ ମିଶ୍ରଙ୍କ ତତ୍ୱାବଧାନରେ ସାରା ଜିଲ୍ଲାରେ ଭିନ୍ନକ୍ଷମଙ୍କ ପାଇଁ ଏକ ସ୍ୱତନ୍ତ୍ର ଅଭିଯାନ ଚଳିତ ମାସ ୨୨ ତାରିଖ ଠାରୁ ୨୯ ତାରିଖ ପର୍ଯ୍ୟନ୍ତ ଭିନ୍ନକ୍ଷମମାନଙ୍କ ସର୍ଭେ କାର୍ଯ୍ୟକ୍ରମ ହେଉଅଛି । ଏହି ସର୍ଭେ କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁର ସହିତ ସାତ ଗୋଟି ତାଲୁକ ଲିଗାଲ ସେବା କମିଟି ଯଥା : କୋରାପୁଟ, ଦଶମନ୍ତପୁର, ସେମିଲିଗୁଡା, କୋଟପାଡ, ବୋରିଗୁମ୍ମା, ଲମତାପୁଟ, ଲକ୍ଷ୍ମୀପୁରର ପାରା ଲିଗାଲ ସ୍ୱେଚ୍ଛାସେବୀ ମାନେ ଏହି ଅଭିଯାନରେ ଅଂଶଗ୍ରହଣ କରି ୨୧ ପ୍ରକାର ଭିନ୍ନକ୍ଷମ ଲୋକଙ୍କୁ ବିଭିନ୍ନ ଆଇନଗତ ସହାୟତା ପ୍ରଦାନ କରୁଛନ୍ତି । ସେହିପରି ବହୁଦିନ ହେଲା ଏହି ଭିନ୍ନକ୍ଷମମାନଙ୍କୁ ସାମଗ୍ରୀ ପ୍ରଦାନ କରାଯାଇନଥିଲା, କିନ୍ତୁ ସଚିବ ସୁମନ ଜେନା ହସ୍ତକ୍ଷେପ ପରେ ଆଜି ମହାଦେଇପୁଟ ଠାରେ ଭିନ୍ନକ୍ଷମମାନଙ୍କ ପାଖକୁ ଯାଇ ହୁଇଲ ଚେୟାର, ବ୍ଲାଇଣ୍ଡ ଷ୍ଟିକ, ହିୟରିଂ ମେଶିନ ଆଦି ବଣ୍ଟନ କରିଥିଲେ । ଏହି ଅଭିଯାନରେ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ସହଯୋଗ କରୁଛନ୍ତି ।

## ଯୋଜନା ଏବଂ ସମନ୍ୱୟ ମନ୍ତ୍ରୀଙ୍କ ଦିନିକିଆ ମାଲକାନଗିରି ଗସ୍ତ

ମାଲକାନଗିରି, ୨୭/୦୫ (ନି.ପ୍ର): ଯୋଜନା ଏବଂ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ଆଜି ଦିନିକିଆ ମାଲକାନଗିରି ଜିଲ୍ଲା ଗସ୍ତ କରିଛନ୍ତି । ସେ ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଗୁଡିକର ସମୀକ୍ଷା କରିବା ନିମନ୍ତେ ଏହି ଗସ୍ତ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସାଂସଦ ନବରଙ୍ଗପୁର ରମେଶ ଚନ୍ଦ୍ର ମାଝୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପଦେଷ୍ଟା ପ୍ରଦୀପ ମାଝୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ, ମାଲକାନଗିରି ଅଧ୍ୟକ୍ଷ ଆଡମା ରାବା, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀମତୀ ସମାରୀ ତାଙ୍ଗୁଲ, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ଜିଲ୍ଲାପାଳ ତଥା ସିଇଓ, ଜିଲ୍ଲା ପରିଷଦ ବିଶାଳ ସିଂ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରତ୍ନାକର ସାହୁ ଏବଂ ଅତିରିକ୍ତ ଜିଲ୍ଲାପାଳ କୋରାପୁଟ ରାମେଶ୍ୱର ପ୍ରଧାନ ମଂଚାସୀନ ଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ଢୋଲକିଆ ୨୦୨୨-୨୩ ଓ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା ( ଏସପିଏଫ୍) ଅଧୀନରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପ ଉପରେ ସମୀକ୍ଷା କରିଛନ୍ତି । ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ସିଂ ସୂଚନା ଦେଇଥିଲେ ଯେ, ମାଲକାନଗିରି ଜିଲ୍ଲାରେ ୨୩ ଗୋଟି ମହାବିଦ୍ୟାଳୟ ପାଇଁ ୧୦ କୋଟି ୭୪ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି ।

# ସତ୍ୟସାଇ ସେବା ସଂଗଠନ ପକ୍ଷରୁ ଆଧ୍ୟାତ୍ମିକ ସଚେତନତା

ବାଲେଶ୍ୱର, ୨୭/୦୫ (ନି.ପ୍ର): ସତ୍ୟସାଇ ସେବା ସଂଗଠନର 'ବାଲ ବିକାଶ କେନ୍ଦ୍ର' ପକ୍ଷରୁ ଶିଶୁମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ସଚେତନତା କାର୍ଯ୍ୟକ୍ରମ କେନ୍ଦ୍ରର ଶିକ୍ଷାର୍ଥୀ ମାନବ କୁମାର ମହାନ୍ତିଙ୍କ ଜେଜେ ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତିଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି । ବାଲ ବିକାଶ କେନ୍ଦ୍ର ଗୁରୁମା ଜୟନ୍ତୀମଣି ସାହୁ ଏଥିରେ ଯୋଗଦେଇ ଏହାକୁ ପରିଚାଳନା ସହିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ବିଦ୍ୟାରମ୍ଭ ଠାରୁ ଶିଶୁମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ଚେତନା ଜାଗ୍ରତ ପାଇଁ ଶ୍ରୀ ସତ୍ୟସାଇଙ୍କ ଉପଦେଶ ଅନୁସାରେ ବାଲ ବିକାଶ କେନ୍ଦ୍ର ମାଧ୍ୟମରେ ଆଧ୍ୟାତ୍ମିକ ଶିକ୍ଷା ପ୍ରଦାନ ହେଉଥିବା ସେ କହିଥିଲେ । ବିଶେଷ କରି ପିଲାମାନଙ୍କୁ ନୀତିଶିକ୍ଷା, ସଂସ୍କାର, ପୌରାଣିକ କଥାବସ୍ତୁ, ପ୍ରାର୍ଥନା, ଶ୍ଳୋକ ଓ ବେଦ ପାଠ, ଭଜନ, ସତସଙ୍ଗ, ପ୍ରାକୃତିକ ଚିକିତ୍ସା ପ୍ରଭୃତି ଉପରେ ଶିକ୍ଷା ଦେଇ ସେମାନଙ୍କ ବ୍ୟକ୍ତିତ୍ୱ ବିକାଶ କରାଯାଉଥିବା ଶ୍ରୀମତୀ ସାହୁ କହିଥିଲେ । ବାଲ ବିକାଶ କେନ୍ଦ୍ରର ଏହି କାର୍ଯ୍ୟକ୍ରମ କୌଣସି ନିର୍ଦ୍ଦିଷ୍ଟ ସ୍ଥାନ ପରିବର୍ତ୍ତେ ଶିକ୍ଷାର୍ଥୀଙ୍କ ବାସଭବନରେ ପ୍ରତ୍ୟେକ ମାସ ଅନୁଷ୍ଠିତ ହୋଇଥାଏ ବୋଲି ସେ ସୂଚନା ଦେଇଥିଲେ । ଏହା ସ୍ଥାନୀୟ ଅଞ୍ଚଳ ଶିଶୁଙ୍କ ମଧ୍ୟରେ ସକାରାତ୍ମକ ପ୍ରଭାବ ପକାଇଥାଏ ବୋଲି ସେ କହିଥିଲେ । ବାଲ ବିକାଶ କେନ୍ଦ୍ର ଶିକ୍ଷାର୍ଥୀଙ୍କ ଅଭିଭାବକମାନେ ମଧ୍ୟ ଏଥିରେ ଯୋଗଦେଇ ଏହି କାର୍ଯ୍ୟକ୍ରମର ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ । ବାଲ ବିକାଶ କେନ୍ଦ୍ର ମାଧ୍ୟମରେ ପିଲାଙ୍କ ଆଚରଣରେ ଉଲ୍ଲେଖନୀୟ ପରିବର୍ତ୍ତନ ହେଉଥିବା ସମ୍ପର୍କରେ ଜନୈକ ଛାତ୍ରର ମା ଜ୍ୟୋତ୍ସାରାଣୀ ପତ୍ରୀ ପ୍ରକାଶ କରିଥିଲେ ।ଏହି ଅବସରରେ ଆୟୋଜିତ ପ୍ରାର୍ଥନା କାର୍ଯ୍ୟକ୍ରମରେ ବିଦ୍ୟୁଜ୍ୟୋତି ସାଇ ପ୍ରକାଶ ସାଇମନ୍ତ୍ର ପାଠ କରିଥିଲେ । ବହୁ ଛାତ୍ରଛାତ୍ରୀ ନିଜ ନିଜର ଅନୁଭୂତି ସମ୍ପର୍କରେ ବର୍ଣ୍ଣନା କରିଥିଲେ । ପରେ ମାନବ ମହାନ୍ତି ଆରତୀ କରିଥିଲେ । ଶାନ୍ତିଲତା ରାଉତ ଏଥିରେ ତାଙ୍କୁ ସହଯୋଗ କରିଥିଲେ । ଜ୍ୟୋର୍ତିମୟୀ ପଟ୍ଟନାୟକ, ନିହାରିକା ମହାନ୍ତି, ସସ୍ମିତା ଦାସ, ତ୍ରିଶା ମହାନ୍ତି, ସାଇ ବୈଷ୍ଣବୀ ମହାନ୍ତି, ସାଇଜ୍ୟୋତି ମହାନ୍ତି, କୁମୁଦ ନନ୍ଦିନୀ ପରିଡ଼ା, ତୃପ୍ତିତନୟା ରାଉତ, ରକ୍ଷିତା ରୋନାଲି ରାଉତ, ଆରାଧ ମହାପାତ୍ର, ପାୟେଲ ମହାପାତ୍ର, ଲୋହିତାକ୍ଷ ପଣ୍ଡା ପ୍ରମୁଖ କାର୍ଯକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

# ଜିଲ୍ଲାରେ ରେଳ ଚଳାଚଳ ସ୍ୱାଭାବିକ ହେଉଛି

ବାଲେଶ୍ୱର, ୨୭/୦୫ (ନି.ପ୍ର): ବାଲେଶ୍ୱର ଜିଲା ସମେତ ସଂସଦୀୟ କ୍ଷେତ୍ରରେ ରେଳ ଚଳାଚଳ କୋଭିଡ଼ ପୂବର ସ୍ଥିତିକୁ ଫେରୁଥିବା ନେଇ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏକ ପ୍ରେସ ବିବୃତ୍ତିରେ ପ୍ରକାଶ କରିଛନ୍ତି । କୋଭିଡ଼ ପରେ ରେଳ ଚଳାଚଳ ସ୍ୱାଭାବିକ ହେବା ପରେ ଅନେକ ଟ୍ରେନ ଯିବା ଆସିବା ରହଣି କ୍ଷେତ୍ରରେ ଅସାମଞ୍ଜସ୍ୟ ଦେଖାଦେଇଥିଲା । ଯାହା ଫଳରେ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏ ବାବଦରେ ସାଂସଦ ଶ୍ରୀ ଷଡ଼ଙ୍ଗୀ ରେଳ କର୍ତ୍ତୃପକ୍ଷଙ୍କୁ ଅବଗତ କରିବା ସହିତ ରେଳମନ୍ତ୍ରୀ ଅଶ୍ୱନୀ ବୈଷ୍ଣବଙ୍କ ସହିତ ଆଲୋଚନା କରିଥିଲେ । ବନ୍ଦେ ଭାରତ ଏକପ୍ରେସର ଶୁଭାରମ୍ଭ ବେଳେ ବାଲେଶ୍ୱର ଷ୍ଟେସନରେ ରେଳମନ୍ତ୍ରୀଙ୍କ ସହିତ ସାଂସଦ ଶ୍ରୀ ଷଡ଼ଙ୍ଗୀ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଖୁବଶୀଘ୍ର ଏହାର ସମାଧାନ କରାଯିବା ନେଇ ମେନ୍ତ୍ରୀ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ । ସେହି କ୍ରମରେ ରେଳ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ପ୍ରଥମ ପର୍ଯ୍ୟାୟରେ ସୋର ରେଳ ଷ୍ଟେସନରେ ଉତ୍କଳ ଓ ଜଗନ୍ନାଥ ଏକ୍ସପ୍ରେସର ରହଣି କରୁଛି । ଆସନ୍ତା ୧ ତାରିଖରୁ ଏହା ସ୍ୱାଭାବିକ ହେବ ଏବଂ ନିକଟ ଭବିଷ୍ୟତରେ ବେତନଟୀଠାରୁ ଜଳେଶ୍ୱର ପର୍ଯ୍ୟନ୍ତ ଟ୍ରେନ ରହଣି କ୍ଷେତ୍ରରେ ଥିବା ଅସଙ୍ଗତିକୁ ଦୂର କରିଯିବ ବୋଲି ରେଳମନ୍ତ୍ରୀ ସାଂସଦ ଶ୍ରୀ ଷଡ଼ଙ୍ଗୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । ସୋର ଷ୍ଟେସନରେ ଉତ୍କଳ ଓ ଜଗନ୍ନାଥ ଏକ୍ସପ୍ରେସର ରହଣି ପାଇଁ ସ୍ଥାନୀୟ ବିଜେପି ନେତା ରାକେଶ ମଲିକ ମଧ୍ୟ ଅନେକ ସମୟରେ ସାଂସଦଙ୍କ ସହିତ ଏ ବାବଦରେ ଆଲୋଚନା କରିବା ସହିତ ଦାବିପତ୍ର ଦେଇଥିଲେ । ସାଂସଦଙ୍କ ପ୍ରଚେଷ୍ଟାରେ ଟ୍ରେନ ରହଣି ସମସ୍ୟା ଦୂର ହୋଇଥିବାରୁ ବିଭିନ୍ନ ମହଲରୁ ସାଂସଦ ଶ୍ରୀ ଷଡ଼ଙ୍ଗୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି ।

# ସଦର ବିଜେପିର ରୂପ୍ସା ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ



ବାଲେଶ୍ୱର, ୨୭/୦୫ (ନି.ପ୍ର): ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ହଳଦୀପଦା ଠାରେ ରୁପସା ବିଜେପି ମଣ୍ଡଳ ସଭାପତି ତପନ ଗିରିଙ୍କ ସଭାପତିତ୍ୱରେ ଏବଂ ରାଜ୍ୟ ଯୁବମୋର୍ଚ୍ଚା ଉପ-ସଭାପତି ତଥା ସଦର ବିଜେପି ନେତା ମାନସ କୁମାର ଦତ୍ତଙ୍କ ଉପସ୍ଥିତିରେ ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଆସନ୍ତା ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଦୃଢ଼ ଦଳୀୟ ସଂଗଠନକୁ ଆଗେଇ ନେବା ଉଦ୍ଦେଶ୍ୟରେ ଏହି ବୈଠକ ଆୟୋଜିତ ହୋଇଥିଲା । ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି, କୁପୋଷଣ, ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ବେରୋଜଗାରୀ, କେନ୍ଦ୍ରୀୟ ଯୋଜନା ବାଟମାରଣାକୁ ପ୍ରସଙ୍ଗ କରି ଦଳ ଲୋକଙ୍କ ପାଖକୁ ଯିବ । ଆସନ୍ତା ୨୯ରୁ ଆରମ୍ଭ ହେବାକୁ ଯାଉଥିବା 'ମହା ଜନସମ୍ପର୍କ ଅଭିଯାନ'ରେ ଦଳ କିପରି ସମସ୍ତ ପରିବାର ପାଖକୁ ଯିବ ଓ ମୋଦି ସରକାରଙ୍କ ସୁଶାସନ ତଥା ବିଜେଡିର କୁଶାସନ ସମ୍ପର୍କରେ ବୁଝାଇବେ ସେ ସମ୍ପର୍କରେ ଏହି ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଆଗାମୀ ନିର୍ବାଚନର ସଫଳତା ପାଇଁ ଦଳୀୟ ସଂଗଠନକୁ ସର୍ବବ୍ୟାପୀ କରିବା ନିମନ୍ତେ ବିଜେପିର ପ୍ରତ୍ୟେକ କାର୍ଯ୍ୟକର୍ତ୍ତା ନିରନ୍ତର କାର୍ଯ୍ୟ କରିବାକୁ ମାନସ କୁମାର ଦତ୍ତ ଆହ୍ୱାନ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ବିଜେପି ରାଜ୍ୟ ସମ୍ପାଦିକା ଶିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ମଣ୍ଡଳ ପ୍ରଭାରୀ ଗଙ୍ଗାଧର ରାଉତ, ପ୍ରବୀର ଶଙ୍କର ଦାଶ, ରାଜେନ୍ଦ୍ର ଚାଟାର୍ଜୀ, ହରେନ୍ଦ୍ର ପ୍ରଧାନ, ମଣ୍ଡଳ ସାଧାରଣ ସମ୍ପାଦକ ଅନ୍ତର୍ଯ୍ୟାମୀ ବେହେରା ଓ କାର୍ତ୍ତିକ ପ୍ରଧାନ, ଜନ ସମ୍ପର୍କ ଅଭିଯାନ ପ୍ରମୁଖ ସୁଭେଶ ନାୟକ, ବିଜୟ ସାହୁ, ଚତୁର୍ଭୁଜ ବେହେରା, ଉମାକାନ୍ତ ପ୍ରଧାନ, ଜଗଦାନନ୍ଦ ବେହେରା, ଜଳଧର ପରିଡା, ନିରଞ୍ଜନ ଜେନା, ସହିତ ସମସ୍ତ ୱାର୍ଡ଼ ସଦସ୍ୟ, ମଣ୍ଡଳ ପଦାଧିକାରୀ, ମୋର୍ଚ୍ଚା ପ୍ରମୁଖ, ବୁଥ ସଭାପତିମାନେ ଉପସ୍ଥିତ ଥିଲେ ।

# କଟକ ପାଣିପାଗ କେନ୍ଦ୍ରକୁ ମିଳିଲା ଐତିହାସିକ ମାନ୍ୟତା



କଟକ, ୨୭/୦୫ (ନି.ପ୍ର): କଟକ ପାଣିପାଗ ପର୍ଯ୍ୟବେକ୍ଷଣ କେନ୍ଦ୍ରକୁ ଐତିହାସିକ ପର୍ଯ୍ୟବେକ୍ଷଣ କେନ୍ଦ୍ରର ମାନ୍ୟତା ମିଳିଛି । ଏହି କେନ୍ଦ୍ର ୧୫୬ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ପାଣିପାଗ ପର୍ଯ୍ୟବେକ୍ଷଣ କ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି । ଶହେରୁ ଅଧିକ ବର୍ଷ ସେବା ଯୋଗାଇଥିବା ଓଡ଼ିଶାର କଟକ, ଗୁଜରାଟର ଭେରାବାଲ ଓ ଦ୍ୱାରିକା କେନ୍ଦ୍ରକୁ ଆଜି ଐତିହାସିକ ମାନ୍ୟତା ଦିଆଯିବା ସମ୍ପର୍କରେ ଭାରତୀୟ ପାଣିପାଗ ବିଭାଗ(ଆଇଏମ୍ଡି) ପକ୍ଷରୁ ଘୋଷଣା କରାଯାଇଛି । ଏହି ତିନିଟି କେନ୍ଦ୍ର ମଧ୍ୟରୁ କଟକ ସବୁଠାରୁ ପୁରୁଣା ବୋଲି ଜଣାପଡ଼ିଛି । ସୂଚନା ଅନୁସାରେ, ୧୮୭୫ ଜାନୁଆରି ୧୫ ତାରିଖରେ ଭାରତୀୟ ପାଣିପାଗ ବିଭାଗ ଆରମ୍ଭ ହୋଇଥିଲା । ଏହାର ୮ବର୍ଷ ପୂର୍ବରୁ ନୈବାଣିଜ୍ୟ କାରବାର ଚାଲିଥିବା ନଦୀ ଓ ସମୁଦ୍ର ତଟବର୍ତ୍ତୀ ଓଡ଼ିଶାର କଟକ ସମେତ ବିଭିନ୍ନ ରାଜ୍ୟର ପ୍ରମୁଖ ସ୍ଥାନଗୁଡ଼ିକରେ ପାଣିପାଗର ସୂଚନା, ସମୁଦ୍ରର ଗତିପଥ, ନଦୀର ଗତିପଥ ସମ୍ପର୍କରେ ନାବିକ ଓ ବ୍ୟବସାୟୀଙ୍କୁ ଅବଗତ କରାଇବା ନିମନ୍ତେ ବ୍ରିଟିସ୍‌ମାନଙ୍କ ଦ୍ୱାରା ଏଭଳି କେନ୍ଦ୍ର ଖୋଲାଯାଇଥିଲା । କଟକରେ ନୈବାଣିଜ୍ୟ ପରମ୍ପରା ଅତ୍ୟନ୍ତ ପ୍ରାଚୀନ । କଟକର ଗଣେଶ ଘାଟରୁ ବ୍ୟବସାୟୀମାନେ ବ୍ୟବସାୟ ପାଇଁ ବାଲି, ବର୍ଣ୍ଣଓ, ଜାଭା, ସୁମାତ୍ରା ସମେତ ବିଭନ୍ନ ଦେଶକୁ ଯାତ୍ରା କରୁଥିଲେ । ସେହିସମୟରେ କଟକର ପୋଷ୍ଟାଲ୍ ବିଭାଗର ଟେଲିଗ୍ରାମ୍ ହେଉଥିବା ସ୍ଥାନ ମିସନ୍‌ରୋଡ୍‌ରେ ୧୮୬୭ ମାର୍ଚ୍ଚ ୨୩ ତାରିଖ ଏହି କାର୍ଯ୍ୟାଳୟ ଖୋଲାଯାଇଥିଲା । ସେତେବେଳେ ଏହାର ଆଞ୍ଚଳିକ କାର୍ଯ୍ୟାଳୟ କୋଲକାତାରେ ରହିଥିଲା । କଟକ ଭଳି ଓଡ଼ିଶାର ପୁରୀ, ଗୋପାଳପୁର, ଚାନ୍ଦବାଲି ଓ ବାଲେଶ୍ୱରରେ ମଧ୍ୟ ପାଣିପାଗ କେନ୍ଦ୍ର ଖୋଲାଯାଇଥିଲା । ୧୦୦ରୁ ଅଧିକ ବର୍ଷ ଧରି ପାଣିପାଗ ସମ୍ପର୍କିତ ପର୍ଯ୍ୟବେକ୍ଷଣ ଓ ସୂଚନା ପ୍ରଦାନ କରି ବିଶ୍ୱ ମାନଚିତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା କଟକ ପାଣିପାଗ ପର୍ଯ୍ୟବେକ୍ଷଣ କେନ୍ଦ୍ରକୁ ଐତିହାସିକ ପାଣିପାଗ ପର୍ଯ୍ୟବେକ୍ଷଣ କେନ୍ଦ୍ର ଭାବେ ଆଜି ଆଇଏମ୍ଡି ପକ୍ଷରୁ ମାନପତ୍ର ପ୍ରଦାନ କରାଯାଇଛି । ଅପରପକ୍ଷରେ, ୨୦୦୦ ମସିହାରୁ କଟକର ଏହି କେନ୍ଦ୍ର ଅନ୍ୟତ୍ର ସ୍ଥାନାନ୍ତର ହୋଇଛି । ଏବେ ସ୍ୱତନ୍ତ୍ର ଭାବେ କଟକ ପାଣିପାଗ କେନ୍ଦ୍ର ନାହିଁ । ଜିଲ୍ଲା ଜରୁରୀକାଳୀନ ବିଭାଗ ମାଧ୍ୟମରେ ଏହା ନିୟନ୍ତ୍ରିତ ହେଉଛି । ରାଜ୍ୟରେ ପାଣିପାଗ ବିଭାଗର ୧୦ଟି ନିଜସ୍ୱ କେନ୍ଦ୍ର ରହିଥିଲା ବେଳେ କଟକ ସମେତ ଅନ୍ୟ ୨୯ଟି ସ୍ଥାନରେ ଏହା ଜିଲ୍ଲା ଜରୁରୀକାଳୀନ ବିଭାଗ ଦ୍ୱାରା ନିୟନ୍ତ୍ରିତ ହେଉଛି ।

# ୨୧ଟି ଗ୍ରାମର ୫୮୬୫ ପରିବାର ପାଣି ମୁନ୍ଦେ ପାଇବା ପାଇଁ ହୀନସ୍ତା

ମାଲକାନଗିରି, ୨୭/୦୫ (ନି.ପ୍ର): ବିଶୁଦ୍ଧ ଜଳ ଯୋଗାଇ ଦେବାକୁ ୨୦୨୦ ମସିହାରେ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଯୋଜନାକୁ ଶୁଭାରମ୍ଭ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ଲୋକାର୍ପଣ ଅବସରରେ ମାଲକାନଗିରି ଜିଲ୍ଲା କାଲିମେଳାବାସୀଙ୍କୁ ଭେଟି ଦେଇଥିଲେ ବୃହତ୍ ପାନୀୟ ଜଳ ପ୍ରକଳ୍ପ । ଭେଙ୍କଟପାଲମ ଠାରେ ଏହି ପ୍ରକଳ୍ପ ନିର୍ମାଣ କରିବାକୁ ସ୍ଥାନ ନିରୂପଣ ହୋଇଥିଲା । ୩୭ କୋଟି ୨ ଲକ୍ଷ ୨୪ ହଜାର ଟଙ୍କା ବ୍ୟୟରେ ଜେଏମସି ପ୍ରୋଜେକ୍ଟ ଇଣ୍ଡିଆ ଲିମିଟେଡ ନାମକ କଂପାନି ପ୍ରକଳ୍ପ କାମ କରିବାକୁ ସରକାରଙ୍କ ସହ ଚୁକ୍ତି କରିଥିଲା । ଭେଙ୍କଟପଲମ ଗ୍ରାମ ନିକଟରେ ପ୍ରବାହିତ ପୋଟେରୁ ନଦୀ କୂଳରେ ୪.୫ ଏମଏଲଡି କ୍ଷମତା ବିଶିଷ୍ଟ ଏହି ବୃହତ୍ ପ୍ରକଳ୍ପ ନିମନ୍ତେ ନାବାର୍ଡ ଅର୍ଥ ଯୋଗାଇ ଦେଇଛି । ଏହି ପ୍ରକଳ୍ପ ପରେ ଜଳକଷ୍ଟର ଅନ୍ତ ହୋଇଯିବ ବୋଲି କାଲିମେଳାବାସୀଙ୍କ ମଧ୍ୟରେ ଆଶା ସଂଚାର ହୋଇଥିଲା । କିନ୍ତୁ, ଚୁକ୍ତି ଅବଧି ଶେଷ ହେବାକୁ ଆଉ ୪ ମାସ ରହିଥିବା ବେଳେ ପ୍ରକଳ୍ପ ସଂପୂର୍ଣ୍ଣ ହୋଇନି । ପ୍ରାୟ ଅଧା କାମ ସରିଥିବା ବେଳେ ବଳକା କାମ କେବେ ଶେଷ ହେବ ବୋଲି କାଲିମେଳା ଭେଙ୍କଟପଲମ, ବଡ଼ିଗେଟା, ଗମ୍ପାକୋଣ୍ଡା ଏବଂ କୋଇମେଟଲା ପଂଚାୟତବାସୀ ପ୍ରଶ୍ନ କରିଛନ୍ତି । ଅପରପକ୍ଷରେ ପୂର୍ବବର୍ଷ ଭଳି ଚଳିତ ବର୍ଷ ମଧ୍ୟ ୨୧ଟି ଗ୍ରାମର ୫୮୬୫ ପରିବାର ପାଣି ମୁନ୍ଦେ ପାଇବା ପାଇଁ ହୀନସ୍ତା ହେଉଛନ୍ତି । ପୋଟେରୁ ନଦୀରୁ ମୋଟର ଯୋଗେ ପାଣି ଉଠାଇ ତାହାକୁ ବିଶୋଧନ ପରେ ଜଳ ଯୋଗାଇ ଦେବାକୁ ପ୍ରକଳ୍ପର ପରିକଳ୍ପନା କରାଯାଇଥିଲା । ତେଣୁ କାଲିମେଳା, ଗମ୍ପାକୋଣ୍ଡା, କୋଇମେଟଲା, ଭେଙ୍କଟପଲମ, ବଡିଗେଟା ପଂଚାୟତର ଉଚ୍ଚ ସ୍ଥାନରେ ବଡ଼ ଓଭରହେଡ୍ ପାଣି ଟାଙ୍କି ନିର୍ମାଣ ଶେଷ ହୋଇଛି । ତଥାପି ନିର୍ଦ୍ଧାରିତ ସମୟ ସୁଦ୍ଧା ଏହି ପ୍ରକଳ୍ପ କାର୍ଯ୍ୟ ଶେଷ ହେବାର ସମ୍ଭାବନା କମ୍ । କାରଣ ପୋଟେରୁ କୂଳରେ ନିର୍ମିତ ଇନଟ୍ଲେ୍ ୱେଲ ସଂପୂର୍ଣ୍ଣ ହୋଇନି । ସେହିପରି ଗୋଟିଏ ପମ୍ପ ହାଉସ, ଗୋଟିଏ ଅଫିସ କୋଠା, ଗୋଟିଏ କ୍ଲିଅର ୱାଟର ରିଜର୍ଭ ଟାଙ୍କି, ଦୁଇଟି ସିଲ୍‌ଏଫ୍ ଟାଙ୍କି, ଗୋଟିଏ ଫିଲ୍ଟର ହାଉସ, ଗୋଟିଏ ବ୍ଲିଚିଂ ରୁମ୍, ଗୋଟିଏ ଏରିଏଟର ହାଉସ, ଗୋଟିଏ କେମିକାଲ ହାଉସ, ଗୋଟିଏ ସିଏଫବି କୋଠା ଏବେ ମଧ୍ୟ ଅସଂପୂର୍ଣ୍ଣ ଅବସ୍ଥାରେ ରହିଛି । ଏଥିସହିତ ପାଇପିଂ ଓ ଇଲେକ୍ଟ୍ରିକାଲ କାମ ଆଦେ ? ଆରମ୍ଭ ହୋଇନଥିବା ଦେଖିବାକୁ ମିଳିଛି । ଓଭର ହେଡ୍ ଟାଙ୍କିରୁ ଘର ପର୍ଯ୍ୟନ୍ତ ଜଳ ଯୋଗାଣ ନିମନ୍ତେ ପାଇପ ବିଛାଇବା କାମ ମଧ୍ୟ ସଂପୂର୍ଣ୍ଣ ହୋଇନି । ବର୍ଷ ବର୍ଷ ଧରି ରାସ୍ତାରେ ପାଇପ ଗୁଡ଼ିକ ପଡ଼ିଛି । କିନ୍ତୁ, କଂପାନି ପକ୍ଷରୁ ପାଇପ ବିଛାଇବା ପାଇଁ ଗାଁ ରାସ୍ତାକୁ ଖୋଳି ଛାଡ଼ି ଦେଇଥିବାରୁ ଯାତାୟାତ ପ୍ରଭାବିତ ହେଉଛି । ଠିକାସଂସ୍ଥା ପକ୍ଷରୁ କାମ କରୁଥିବା ସ୍ଥାନୀୟ ଠିକାଦାରଙ୍କୁ ଟଙ୍କା ଦେବାରେ ବିଳମ୍ବ ହେଉଥିବାରୁ ଏମିତି ସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି । ଏ ନେଇ ଗ୍ରାମ୍ୟ ଜଳ ଯୋଗାଣ ଓ ପାନୀଳ ଜଳ ବିଭାଗ ନିବାର୍ହୀ ଯନ୍ତ୍ରୀ ରିତେଶ ସାହୁଙ୍କୁ ଯୋଗାଯୋଗ କରିବାରୁ କଂପାନିକୁ କାମ ଶୀଘ୍ର ଶେଷ କରିବାକୁ ବାରମ୍ବାର ତାଗିଦ କରାଯାଉଛି । ଜିଲ୍ଲାସ୍ତରରୁ ଆରମ୍ଭ କରି ରାଜ୍ୟସ୍ତରରୁ ମଧ୍ୟ କଂପାନିକୁ ବାରମ୍ବାର ଏନେଇ ଅବଗତ କରାଯାଇଛି । ଯଦି ସ୍ଥାନୀୟ ଠିକାଦାରଙ୍କୁ ଅର୍ଥ ଦେବାରେ କଂପାନି ବିଳମ୍ବ କରୁଛିଏବଂ ଏଥିଯୋଗୁ କାମ ବିଳମ୍ବ ହେଉଛି ତେବେ ସ୍ଥାନୀୟ ଠିକାଦାରଙ୍କୁ ଡାକି ଆଲୋଚନା କରିବେ ବୋଲି କହିଛନ୍ତି ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୮ ମଇ ୨୦୨୩
email : rabibarachayan2015@gmail.com



......ସୁଚୟନ ସୁଚୟନ ସୁଚୟନ.......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

## ଧାରାବାହିକ ଉପନ୍ୟାସ



# ବୈଦେହୀ

**ଡ.ଭାଗବତ**

ଭାଗ-୫
(ପୂର୍ବ ପ୍ରକାଶିତ ଉତ୍ତାରୁ...)



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

କୁଡ଼ିଆ ଭିତରକୁ ପଶି ଯାଇଥିଲେ ଦେବୀ ସୀତା । ରାତ୍ରିର ଅନ୍ଧକାର ମଧ୍ୟରେ ସେ ନିଜ ଗୃହାଙ୍ଗନକୁ ଦେଖିପାରି ନଥିଲେ । ଘରର କାନ୍ଥରେ ସୁନ୍ଦର ବୃକ୍ଷଲତା ପଶୁପକ୍ଷୀଙ୍କର ଚିତ୍ର ଆଙ୍କି ଦିଆଯାଇଛି । ଗବାକ୍ଷ ଫାଙ୍କରେ ରଖିଦିଆଯାଇଛି ଜାତିଜାତି ଫୁଲ । ମୃଗ ଚର୍ମର ବିଛଣାରେ ନାନାଜାତରି ଫୁଲ ମଧ୍ୟ ବିଛାଇ ଦିଆଯାଇଛି । ପୁଷ୍ପର ସୁଗନ୍ଧରେ ଘରଟି ମହକି ଉଠୁଛି । ଦୀର୍ଘଶ୍ୱାସଟିଏ ଛାଡ଼ି ବିଛଣାରେ ବସିପଡ଼ିଥିଲେ ସେ । ଗୃହ ମଧ୍ୟରେ ସେ ଏକାକୀ । ପାଖରେ କେହି ନାହାନ୍ତି । ଏକାକୀ ଆଶ୍ରମର ଏ କୁଡ଼ିଆ ଭିତରେ ରହିଲେ କାଳେ ସୀତା ଭୟଭୀତ ହେବେ, ସେଥିପାଇଁ ରାତିରେ ମାତା ତୁଲ୍ୟା ଅନୁକମ୍ପା ଏଠାରେ ଶୟନ କରିଥିଲେ । ରାତ୍ରି ପ୍ରହରେ ଥାଉ ସେ ଶଯ୍ୟା ତ୍ୟାଗ କରିଗଲେଣି । ରାତିଯାକ ଅନିଦ୍ରାରେ ରହି ଆଶ୍ରମରେ ପ୍ରଥମ ରାତିଟିକୁ କଟାଇ ଦେଇଛନ୍ତି ସେ । ତାଙ୍କୁ ତ ସାରାଜୀବନ ଏହି ଆଶ୍ରମରେ କଟାଇବାକୁ ହେବ । ଏ ଜୀବନରେ ପ୍ରଭୁ ଆଉ ତାଙ୍କୁ ଗ୍ରହଣ କରିବେ ନାହିଁ । ସେହି ଚିନ୍ତାରେ ରାତି କଟିଛି । ରାତିଯାକ ସେ ପ୍ରଭୁଙ୍କୁ ଅନୁଭବ କରିଛନ୍ତି । ଚଉଦବର୍ଷ ବନବାସ ସାରି, ରାବଣକୁ ବଧ କରି ଭଗବାନ ରାମଚନ୍ଦ୍ର ଯେଉଁଦିନ ଅଯୋଧାରେ ପହଞ୍ଚିଥିଲେ, ସେହିଦିନ ରାତ୍ରିଟି ସ୍ୱାମୀଙ୍କ ସହ ଉଜାଗରରେ କଟାଇଥିଲେ ସେ । ସେଦିନ ଉଜାଗରରେ ଭରି ରହିଥିଲା ଅପାର ଆନନ୍ଦ, ଅସୀମ ସୁଖ, ଅକଳନୀୟ ଶାନ୍ତି । ସାରା ଗୃହ ଭିତରେ ପରିପୂର୍ଣ୍ଣ ହୋଇ ରହିଥିଲା ପୁଷ୍ପର ସୁବାସ । ସୁବର୍ଣ୍ଣ ପଲଙ୍କର ତୂଳିତଳ୍ପ ଶଯ୍ୟା ଉପରେ ବିଛେଇ ହୋଇ ପଡ଼ିଥିଲା ଅତ୍ୟନ୍ତ ସୁନ୍ଦର ମନୋରମ, ଲୋଭନୀୟ ସୁବାସିତ ପୁଷ୍ପର ଆସ୍ତରଣ । ପଲଙ୍କର ଗୋଟାଏ ଧାରକୁ ଆଉଜି ବସିଥିଲେ ପ୍ରଭୁ ରାମଚନ୍ଦ୍ର । ତାଙ୍କ ଅଙ୍କ ପର୍ଯ୍ୟଙ୍କରେ ମୁଣ୍ଡରଖି ଶୋଇଥିଲେ ସେ । ହସିହସି ପ୍ରଭୁ ତାଙ୍କ ମସ୍ତକରେ ତାଙ୍କର ପଦ୍ମକଢ଼ ସଦୃଶ ଅଙ୍ଗୁଳି ଚାଳନା କରି କହୁଥିଲେ, "ସୀତେ ! ମୋ ପାଇଁ ତୁମେ କେତେ କଷ୍ଟ ନ ସହିଛ । ଅରଣ୍ୟ ବାସର ଯେଉଁ ଦୁଃଖ ଯାତନା ସବୁ ସହିଛ । ଶେଷରେ ରାବଣ କର୍ତ୍ତୃକ ଅପହୃତା ହୋଇ ଅଶୋକବନରେ ଏକାକୀ କେତେଦିନ ନ ବିତାଇଛ । ବନବାସର ଏ ଚଉଦବର୍ଷର ଦୁଃଖ ଯନ୍ତ୍ରଣା ମୋ ଅନ୍ତରରେ ଶେଲାଘାତ କରିଛି ପ୍ରିୟେ । ବିଦେହ ରାଜକନ୍ୟା, ଅଯୋଧାର ରାଜରାଣୀ ହୋଇ ମଧ୍ୟ ତୁମେ ଅରଣ୍ୟରେ ଭିକାରୁଣୀର ଜୀବନ ଜିଇଁଛ । ବଣର ଫଳମୂଳ ଖାଇ ଜୀବନ ବିତାଇଛ । ଦିନେ ହେଲେ ବି ପ୍ରତିବାଦ କରିନାହଁ ପ୍ରିୟେ । ତୁମପରି ପତ୍ନୀ ପାଇ ମୋ ଜୀବନ ଧନ୍ୟ ହୋଇଯାଇଛି ସଖୀ । ଦୀର୍ଘବର୍ଷର ବିଚ୍ଛେଦ ପରେ ଆଜି ଯେ ତୁମେ ମୋ ଅଙ୍କପଲଙ୍କକୁ ମଣ୍ଡନ କରିବ, ଏହା ମୁଁ ଭାବିପାରି ନଥିଲି । ରାମର ଭାଗ୍ୟାକାଶରେ ଆଜି ସୁଖ ପୂର୍ଣ୍ଣମୀର ଚାନ୍ଦ ଉଇଁଛି । ଭାଗ୍ୟଦେବୀ ଆଜି ମୋତେ ପ୍ରସନ୍ନ ହୋଇଛନ୍ତି । ଆଜିଠୁଁ ରାମ ତୁମର କିଣାଦାସ ହୋଇ ରହିବ ପ୍ରିୟେ ।"

ସ୍ୱାମୀଙ୍କ କୋଳରେ ମୁଣ୍ଡରଖି ଶୋଇ ତାଙ୍କ ମୁଖମଣ୍ଡଳରୁ ସ୍ନେହାମୃତ, ପ୍ରେମାମୃତ ପାନ କରୁଥିବା ସୀତାଦେବୀ ସହସା ଉଠିପଡ଼ି ସ୍ୱାମୀଙ୍କ ତୁଣ୍ଡରେ ନିଜ ଚମ୍ପାକଢ଼ ସଦୃଶ ହସ୍ତାଙ୍ଗୁଳିକୁ ଚାପି ଦେଇ କହିଥିଲେ, "ଆପଣ ଏ କ'ଣ କହୁଛନ୍ତି ସ୍ୱାମୀ ! ମୁଁ ଆପଣଙ୍କ ଶ୍ରୀଚରଣର ଦାସୀ । ଆପଣଙ୍କର ପାଦସେବା ମୋର ଏକାନ୍ତ କାମ୍ୟ । ମୋତେ ଆଶୀର୍ବାଦ କରନ୍ତୁ ପ୍ରଭୁ ମୁଁ ଯେମିତି ଆଜୀବନ ଆପଣଙ୍କ ସେବାରେ ନିଜକୁ ଉତ୍ସର୍ଗ କରିଦିଏ । ଆପଣ ମୋର ସୁଖ, ଶାନ୍ତି, ସ୍ନେହ, ପ୍ରେମ, ଦୟା, କ୍ଷମା ସବୁକିଛି । ଆପଣଙ୍କ ବ୍ୟତିରେକେ ମୁଁ ଶୂନ୍ୟ । ମୋତେ କେବଳ ଏତିକି ଦୟା କରିଥିବେ ସ୍ୱାମୀ, ଏ ଜୀବନରେ ମୋତେ କେବେବି ଆପଣଙ୍କ ଚରଣ ସେବାରୁ ବଞ୍ଚିତ କରିବେ ନାହିଁ ।" ଏତକ କହି ମୁଁ ଭୋ ଭୋ ହୋଇ କାନ୍ଦି ଉଠନ୍ତେ, ମୋତେ କୋଳକୁ ଟାଣିନେଇ, ମୋ ଚକ୍ଷୁରୁ ଅଶ୍ରୁ ପୋଛି ଦେଇ, ମୋ ମୁଣ୍ଡରେ ସ୍ନେହର ଅମୀୟଧାରା ଢାଳିଦେଇ ପ୍ରଭୁ ମୋର କହିଥିଲେ, "ଛି ସୀତେ ! ଆଜିର ଏ ଆନନ୍ଦ ମୁହୂର୍ତ୍ତରେ, ଏ ମଧୁଭିଜା ଅମୃତମୟ ରାତ୍ରିରେ ତୁମ ଚକ୍ଷୁରେ ଅଶ୍ରୁ ଶୋଭାପାଏନା । ତୁମେ ତ ରାମର ଆତ୍ମା, ମନ, ଶରୀର ସବୁକିଛି । ତୁମ ବିହୂନେ ରାମ ଶୂନ୍ୟ । ତୁମେ ଥିଲେ ରାମ ପୂର୍ଣ୍ଣ । ଯାହା ଯାଇଛି ତାହା ଅତୀତ ସଖୀ ! ବିଧାତା ଆମ କପାଳରେ ଚଉଦବର୍ଷ ପାଇଁ ଯେଉଁ ଦୁଃଖ ଲେଖିଥିଲେ, ତାହା ଚଉଦବର୍ଷର ଗ୍ରୀଷ୍ମରେ ସିଝି, ବର୍ଷାରେ ଭିଜି, ଶୀତରେ ସଢ଼ି ଶେଷ ହୋଇଯାଇଛି । ଆଜି ସେ ଦୁଃଖ ନଦୀରେ ଆଉ ବର୍ଷା ହେବନାହିଁ କି ବନ୍ୟା ଆସିବ ନାହିଁ । ଆମ ସୁଖର ଯାତ୍ରା ଆରମ୍ଭ ହୋଇଛି । ରାତିପାହିଲେ ତୁମ ସ୍ୱାମୀ ରାଜ ସିଂହାସନରେ ବସିବେ । ତୁମେ ହେବ ଅଯୋଧାର ରାଜରାଣୀ । ରାଜ ପରିବାରର ବସ୍ତ୍ର ଅଳଙ୍କାର ପିନ୍ଧି ତୁମେ ହେବ ରାଜଲକ୍ଷ୍ମୀ । ମୁଁ କିନ୍ତୁ ତୁମର ରାଜରାଣୀ ବେଶଠାରୁ ତୁମ ଫୁଲରାଣୀ ବେଶକୁ ଅତି ଭଲପାଏ ଦେବୀ । ଅରଣ୍ୟବାସ କାଳରେ ଅନେକଦିନ ମୁଁ ତୁମକୁ ଫୁଲରେ ଫୁଲରେ ସଜାଇ ଦେଇଛି । ରାତି ପାହିଲେ ସେ ସୌଭାଗ୍ୟ ଆଉ ମୋତେ ମିଳିବ ନାହିଁ । ଆଜି ମୁଁ କିନ୍ତୁ ତୁମକୁ ଫୁଲରେ ଫୁଲରେ ସଜାଇ, ତୁମର ଫୁଲରାଣୀ ବେଶକୁ ମନଭରି ଉପଭୋଗ କରିବି ।" ଏତକ କହି ସେଦିନ ପ୍ରଭୁ ମୋତେ କୋଳରେ ବସାଇ ମୋ ଗଭାରେ ଖୋସି ଦେଇଥିଲେ ନାନା ଜାତିର ଫୁଲ । ହସ୍ତରେ ଲଗାଇ ଦେଇଥିଲେ ଫୁଲର ଅଳଙ୍କାର । ବକ୍ଷରେ ଲମ୍ବାଇ ଦେଇଥିଲେ ବନଫୁଲର ମାଳା । ଆଉ ପାଦରେ ପୁଷ୍ପ କଢ଼ର ପାଉଁଜି ପିନ୍ଧାଇବାକୁ ଯାଉଥିବା ବେଳେ ମୁଁ ତାଙ୍କର ହାତଧରି ନେଇ କହିଥିଲି ଆପଣ ଏ କ'ଣ କରୁଛନ୍ତି ପ୍ରଭୁ । ମୋ ପାଦରେ ଆପଣ....

ମୋ ହାତଧରି ନେଇ ସେ କହିଥିଲେ, "ସୀତେ ! ତୁମେ କ'ଣ ଆଜି ପର୍ଯ୍ୟନ୍ତ ଜାଣିପାରିଲ ନାହିଁ ତୁମ ସ୍ୱାମୀ ତୁମର କେଉଁ ଅଂଗକୁ ଅଧିକ ଭଲପାଆନ୍ତି ? ଅଧିକ ସତୃଷ୍ଣ ନୟନରେ ଦେଖନ୍ତି ? ତାହା ହେଲା ତୁମର ଏହି ସ୍ୱର୍ଣ୍ଣିମ କୋକନଦ କଢ଼ ସଦୃଶ ଦର ବିକଶିତ ପଦଯୁଗଳ । ଅରଣ୍ୟବାସ ସମୟରେ ତୁମେ ଯେତେବେଳେ ଧୀର ପଦପାତରେ କୁଡ଼ିଆରେ ଘୂରିବୁଲ ମୁଁ ଅନାଇ ରହିଥାଏ ତୁମର ଏହି ଆରକ୍ତ ପଦଯୁଗଳକୁ । ଆବେଗରେ ଥରେ ଦୁଇଥର ରକ୍ତ ପୁଷ୍ପ ପାଖୁଡ଼ା ରସରେ ତୁମ ପାଦରେ ବଳପୂର୍ବକ ଅଳତାର ଦାଗ ମଧ୍ୟ ମୁଁ ଆଙ୍କି ଦେଇଛି ସଖୀ । ଏ ସୁକୋମଳ, ମନୋରମ, ସ୍ୱର୍ଣ୍ଣକଳିକା ପଦ ଦୁଇଟି ରାମର, କେବଳ ରାମର । ଆଜି ମୋତେ ବାଧା ଦିଅନାହିଁ ସଖୀ । ଏ ପାଦରେ ମୁଁ ଆଜି ଫୁଲ ପାଉଁଜି ପିନ୍ଧାଇଦେବି । ଦୀପାଲୋକର ସେହି ମିଞ୍ଜିମିଞ୍ଜି ଆଲୁଅ ଭିତରେ ମୋ ପାଦରେ ଫୁଲର ପାଉଁଜି ପିନ୍ଧାଇ ଦେଇ ପ୍ରଭୁ ମୋର ମୋତେ ଟାଣି ନେଇଥିଲେ ତାଙ୍କର ବାହୁବନ୍ଧନ ମଧ୍ୟକୁ । ତା'ପରେ ମୋ ସର୍ବାଙ୍ଗରେ ଝରାଇ ଦେଇଥିଲେ ସେ ସ୍ନେହ, ପ୍ରେମ, ପ୍ରୀତିର ପିୟୁଷଧାରା ।" ଭୋ... ଭୋ... ହୋଇ କାନ୍ଦି ଉଠିଥିଲେ ସୀତାଦେବୀ । ପ୍ରଭୁ ପ୍ରଭୁ କହି ଲୋଟି ଯାଇଥିଲେ ସେହି ବିଛଣାରେ। ସେଦିନର ସେ ମଧୁମୟ ସ୍ମୃତି ଆଜି ଏ ତପସ୍ୱିନୀ ଜୀବନରେ କାହିଁକି ଉଙ୍କି ମାରୁଛି । ସେ ତ ମୋତେ ସବୁଦିନ ପାଇଁ ବିସର୍ଜନ ଦେଇଛନ୍ତି । ତାଙ୍କ ସ୍ନେହ ପ୍ରେମର ସେହି ସ୍ମୃତିକୁ ପାଥେୟ କରି ମୋତେ ଏଠାରେ ତପସ୍ୱିନୀର ଜୀବନ ବିତାଇବାକୁ ହେବ । ମୁଁ ସିନା ଏ ଆଶ୍ରମରେ ତପସ୍ୱିନୀ ସାଜି ରହିବି ପ୍ରଭୁ, ହେଲେ ଆପଣ ମୋ ଗର୍ଭରେ ଯାହାକୁ ସ୍ଥାନ ଦେଇଛନ୍ତି ? ସେ ଯେତେବେଳେ ଏ ଆଶ୍ରମର ମାଟିକୁ ଛୁଇଁବ, ଧୀରେଧୀରେ ବଢ଼ି ଯେତେବେଳେ ବାପା, ବାପା ବୋଲି ଡାକିବ, ବାପାଙ୍କୁ ଖୋଜିବ ସେତେବେଳେ ମୁଁ ତାକୁ ଆପଣଙ୍କର କି ପରିଚୟ ଦେବି ପ୍ରଭୁ ? ହେ ଦୟାସାଗର, କରୁଣାନିଧାନ, କି ଦୋଷ ମୁଁ କରିଥିଲି, ଯେଉଁଥିପାଇଁ ମୋର ଏ କଷଣ ।

(କ୍ରମଶଃ)

♥ ଦର୍ଜୀ ପୋଖରୀ, ରାଣୀପାଟଣା, ବାଲେଶ୍ୱର

## ଅନ୍ୱେଷଣ

# ଉତ୍ସାହ ହିଁ ଜୀବନ

**ପ୍ରଶାନ୍ତ ଦାସ**



(ପୂର୍ବ ପ୍ରକାଶିତ ଉତ୍ତାରୁ)

ଭାବ ବନ୍ଧୁତାକୁ ବହନ କରେ । ଭୟ ଭକ୍ତିକୁ ବହନ କରେ । ଯେତେବେଳେ ବନ୍ଧୁତା ଦୁଇଜଣଙ୍କ ଭିତରେ ସୃଷ୍ଟିହୁଏ, ସେତେବେଳେ ସେମାନଙ୍କ ଭିତରେ ଏକ ଉତ୍ତମ ବୁଝାମଣା ଥାଏ। ବୁଝାମଣାର ଶ୍ରେଷ୍ଠତ୍ୱ ଯଦି କୌଣସି ସଂପର୍କରେ ପରିଲକ୍ଷିତ ହୁଏ, ତାହା ହେଉଛି ବନ୍ଧୁତ୍ୱ । ପୁଅଟି ଯେତେବେଳେ ବଦମାସି କରେ, ବାପଟି ନିର୍ଦ୍ୱନ୍ଦ୍ୱରେ ତାକୁ ଚାପୁଡ଼ାଟିଏ ମାରିପାରେ । କିନ୍ତୁ ଛାତ୍ରଟି ବଦମାସି କଲେ, ଗୁରୁଟିଏ ତାକୁ ନିର୍ଦ୍ୱନ୍ଦ୍ୱରେ ଚାପୁଡ଼ାଟିଏ ମାରିପାରେ ନାହିଁ । ଦୁଇଟି କ୍ଷେତ୍ରରେ ଅଧିକାର ଅଛି । କିନ୍ତୁ ଦ୍ୱିତୀୟ ସଂପର୍କରେ ସୀମିତ ଅଧିକାର ରହିଛି । କିନ୍ତୁ ବନ୍ଧୁତା ଏପରି ଏକ ସଂପର୍କ ଯେଉଁ ସମ୍ପର୍କରେ ଅସୀମ ଅଧିକାର ଅଛି। ବନ୍ଧୁତା ଭିତରେ କୌଣସି ପ୍ରଶ୍ନ ନ ଥାଏ କି କୌଣସି ଉତ୍ତର ମଧ୍ୟ ନ ଥାଏ । ବେଳେବେଳେ ମଣିଷ ଭିତରେ ଦ୍ୱନ୍ଦ୍ୱ ଆସେ, ସେ ଦ୍ୱନ୍ଦ୍ୱ ଅଧିକାରର ଦ୍ୱନ୍ଦ୍ୱ ହୋଇପାରେ, ଗୋଟିଏ ଶ୍ରଦ୍ଧାର ଦ୍ୱନ୍ଦ୍ୱ ହୋଇପାରେ, ଗୋଟିଏ ପ୍ରେମର ଦ୍ୱନ୍ଦ୍ୱ ହୋଇପାରେ, ଗୋଟିଏ ବିଚାରଧାରାର ଦ୍ୱନ୍ଦ୍ୱ ହୋଇପାରେ। ସେ ପରିସ୍ଥିତିରେ ମଣିଷ ଟିକିଏ ଚିନ୍ତା କରେ । ସେହି ପରିସ୍ଥିତିରେ ମଣିଷ ନିରବ ହୋଇଯିବାର ଆବଶ୍ୟକତା ଅଛି ଏବଂ ସମୟକୁ ଅନୁଭୂତି ପ୍ରଦାନ କରିବାର ଆବଶ୍ୟକତା ଅଛି । ବେଳେବେଳେ ମଣିଷ ସଂପର୍କକୁ ପରୀକ୍ଷା କରିବା ପାଇଁ ବିଚାରଧାରକୁ ପରୀକ୍ଷା କରିବା ପାଇଁ ନିରବ ରହିବାର ଆବଶ୍ୟକତା ଅଛି । ନିଜ ଭିତରେ ବ୍ୟକ୍ତିଗତ ଶ୍ରଦ୍ଧା ଭାବ ତିଆରି କରିବା ତ ବହୁତ କଷ୍ଟ । ସାମଗ୍ରିକ ଶ୍ରଦ୍ଧା ବାଣ୍ଟିବା ଆହୁରି କଷ୍ଟ । ନିଜ ପୁଅଝିଅଙ୍କ ପ୍ରତି ନିଜର ଗୋଟିଏ ଭଲପାଇବା ରହିବା ତ ସ୍ୱାଭାବିକ କଥା। କିନ୍ତୁ ଭାଇର ପୁଅଝିଅଙ୍କ ପ୍ରତି ସମାନ ଭଲପାଇବା ଆଣିବା ବହୁତ କଷ୍ଟ । ତାହା ଯେତେବେଳେ ନିଜ ଭିତରେ ବିକଶିତ ହୋଇଯିବ, ସେତେବେଳେ ପଡ଼ିଶାର ପୁଅଟି ଅଥବା ରାସ୍ତାରେ ଯାଉଥିବା ପୁଅ ବୟସର ପିଲାଟି ମଧ୍ୟ ଭଲ ଲାଗିବ । ସ୍ନେହ, ଆଦରର କୌଣସି ଶ୍ରେଣୀବିଭାଗ ନାହିଁ । ତାକୁ ସୃଷ୍ଟି କରିବା ଭାରି କଷ୍ଟ । କିନ୍ତୁ ତାକୁ ଉପଭୋଗ କରିବା ବା ଅନୁଭବ କରିବା ଭାରି ଆନନ୍ଦଦାୟକ। ଅନ୍ୟର ସ୍ନେହ, ଆଦର, ଭଲପାଇବାକୁ ଉପଭୋଗ କରିବା ଏକ ଉଚ୍ଚତମ ମାନସିକତାର ନିଦର୍ଶନ ।


ଯଦି ମଣିଷର ଯୋଗ୍ୟତା କେହି ନଷ୍ଟ କରେ ତାହା ହେଉଛି ମଣିଷର କଥାବାର୍ତ୍ତା । ଛୋଟ ସୁନ୍ଦର କଥାଟିଏ ଗୋଟିଏ ବ୍ୟକ୍ତିତ୍ୱକୁ ନିର୍ମାଣ କରିପାରେ ଛୋଟ ମୂଲ୍ୟହୀନ କଥାଟିଏ ଗୋଟିଏ ବ୍ୟକ୍ତିତ୍ୱକୁ ନଷ୍ଟ ମଧ୍ୟ କରିପାରେ । ଯେତେବେଳେ ମଣିଷର ଭାବନା ସୁନ୍ଦର ହେବ, ସେତେବେଳେ ମଣିଷର ଓଠର କଥା ମଧ୍ୟ ସୁନ୍ଦର ହେବ । ଯେତେବେଳେ ମଣିଷ ନିଜର ସୁନ୍ଦର ଭାବନା ଏବଂ ବକ୍ତବ୍ୟର ସମନ୍ୱୟ ରକ୍ଷା କରିପାରିବ, ସେତେବେଳେ ତାର କର୍ମ ମଧ୍ୟ ସୁନ୍ଦର ହେବ। ଛୋଟ କଥାଟି ଗୋଟିଏ ମଣିଷର ବ୍ୟକ୍ତିତ୍ୱ ଏବଂ ପ୍ରତିଷ୍ଠା ଏବଂ ବ୍ୟକ୍ତିତ୍ୱକୁ ନଷ୍ଟ କରିଥାଏ। ଯେତେବେଳେ ଜଣେ କଥା କହିଛି, ସେହି କଥା ଯଦି କୌଣସି ଉଚ୍ଚ ଏବଂ ଉତ୍ତମ ପରିବେଶ ପାଇଁ ପ୍ରଯୁଜ୍ୟ ହୋଇଛି, ସେ କଥା ପ୍ରବାହ ସୃଷ୍ଟି କରିଛି । ଯେତେବେଳେ କଥା ପ୍ରବାହ ସୃଷ୍ଟି କରିଛି, ସେ କଥା ଜୀବନ୍ତ ହୋଇଛି। ଆଇନ୍‌ଷ୍ଟାଇନ୍ କହିଥିଲେ ପୃଥିବୀରେ ଯାହା ସୃଷ୍ଟି ହୋଇଛି; ପୃଥିବୀ ଆମ ଆଖିକୁ ଯେମିତି ଦେଖାଯାଉଛି, ଏହା ଗୋଟିଏ ବ୍ୟକ୍ତି ଓ ସମଷ୍ଟିଗତ ବିଚାରର ପ୍ରବାହ । ଯେତେବେଳେ ଅନେକ ବ୍ୟକ୍ତିଗତ ବିଚାର ଗୋଟିଏ ଜାଗାରେ ଏକତ୍ରିତ ହେଉଛି, ସେତେବେଳେ ତାହା ହେଉଛି ସମଷ୍ଟିଗତ ବିଚାର । ଯେକୌଣସି କଥା ଯେତେବେଳେ ଏକତ୍ରିତ ହୋଇଛି ସେତେବେଳେ ତାହା ଶକ୍ତିଶାଳୀ ହୋଇଛି । ଭାରତବର୍ଷକୁ ସ୍ୱାଧୀନ କରିବାର ବିଚାରଧାରା ଯେତେପର୍ଯ୍ୟନ୍ତ ଏକତ୍ରିତ ହୋଇନଥିଲା, ସେତେପର୍ଯ୍ୟନ୍ତ ଅନେକ ଲୋକ ଚିତ୍କାର କରୁଥିଲେ । କିନ୍ତୁ ତାହା ବ୍ୟକ୍ତିଗତ ଥିଲା । କିନ୍ତୁ ଯେତେବେଳେ ମହାତ୍ମାଗାନ୍ଧୀ ଭାରତବର୍ଷରେ ପହଞ୍ଚିଲେ ଏବଂ ସମସ୍ତଙ୍କର ଚିନ୍ତାଧାରା ଏକତ୍ରିତ ହେଲା, ସେତେବେଳେ ତାହା ଶକ୍ତିଶାଳୀ ହେଲା । ମହାତ୍ମାଗାନ୍ଧୀଙ୍କ ଭଳି ବିଚାରକୁ ବହନ କରୁଥିବା ବ୍ୟକ୍ତି ନିର୍ଦ୍ୱନ୍ଦ୍ୱରେ ଅନେକ ଲୋକଙ୍କୁ ପ୍ରଭାବିତ କରିପାରେ । ଜଣେ ବ୍ୟକ୍ତିଗତ ମଣିଷର ବିଚାରଧାରା ସମଗ୍ର ପୃଥିବୀକୁ ଛୁଇଁପାରେ । ବିଚାରଧାରା ସକାରାତ୍ମକ ହୋଇପାରେ ଅଥବା ନକାରାତ୍ମକ ମଧ୍ୟ ହୋଇପାରେ । ସମଗ୍ର ପୃଥିବୀରେ ଏମିତି କୌଣସି ଦର୍ଶନ ନାହିଁ, ଯେଉଁ ଦର୍ଶନ ପ୍ରତ୍ୟକ୍ଷରେ ଅବା ପରୋକ୍ଷରେ ଜଣେ ଈଶ୍ୱରଙ୍କୁ ବିଶ୍ୱାସ ନ କରୁଛି । ସତ୍ୟ ସବୁବେଳେ ବହୁତ ସରଳ। ଯେଉଁକଥା ସତ୍ୟ ନୁହେଁ, ତାହା କଦାପି ସରଳ ନୁହେଁ। ପୃଥିବୀରେ ଯେତେ ସାଧୁ, ସନ୍ଥ, ମହାପୁରୁଷମାନେ ଆଜିଯାଏଁ ସମସ୍ତଙ୍କ ହୃଦୟରେ ବଞ୍ଚିଛନ୍ତି, ସେମାନଙ୍କ ଜୀବନର ପୃଷ୍ଠଭୂମି ଥିଲା ସରଳତା । ଯେଉଁମାନେ ସରଳତାର ସହିତ ନିଜର ଦର୍ଶନକୁ ଧରି ରଖିଛନ୍ତି, ସେମାନେ ମୃତ୍ୟୁର ଅନେକ ବର୍ଷ ପରେ ମଧ୍ୟ ଜୀବନ୍ତ ଅଛନ୍ତି । ମନ୍ଦ ବିଚାରଧାରାର ମଣିଷର ମୁଖମଣ୍ଡଳରେ ତାର ଅଗ୍ରହଣୀୟ ଭାବ ପ୍ରକଟ ହୋଇଥାଏ । ସମଷ୍ଟିଗତ ବିଚାରଧାରାର ରୂପାନ୍ତରରେ ପୃଥିବୀର ପରିବର୍ତ୍ତନ ସମ୍ଭବ ହୋଇପାରିବ ବୋଲି ବର୍ତ୍ତମାନର ଦାର୍ଶନିକମାନେ ମତ ପ୍ରକାଶ କରିଛନ୍ତି । (ସମାପ୍ତ)

♥ ବାଗବୃନ୍ଦାବନ, ବାଲେଶ୍ୱର
(ମୋ)୯୯୩୭୯୩୨୫୭୦

## ଆମ ସମୟର କବିତା.....

### ॥ ପୁରୀ ॥

**ମାନସ ରଞ୍ଜନ ମହାପାତ୍ର**



ମୁଁ ତୁମ ସମୁଦ୍ର ହାଓ୍ୱାରେ ଫେରାର
ଗୋଟେ ଖବର ।

ବହୁଦିନୁ ମୁଁ ତୁମ ପାଖେ ଅଛି
ପୁଣି ନାହିଁ
କେଉଁ ତୃଷିତ ବିଜନତା
ଅସ୍ତିତ୍ୱର ଲଢ଼େଇରେ ମତେ
କଲବଲ୍ ଗୋଟେ ବିଶ୍ୱାସରେ
ବାନ୍ଧିଦେଇଛି, ଜାଣେନା
ଶୁଷୁରି ହଜେଇଥିବା
ମୁଁ ଗୋଟେ ପିଲା ମେଳାରେ
ଚୁପ୍ ଚାପ୍ ହେଇଚି ଠିଆ, ଖୋଜୁଚି ମୋ
ଆଖିର ଠିକଣା

କେଉଁ ସ୍ୱପ୍ନ ମତେ ସ୍ୱପ୍ନାହତ କରିଚି
ଗଲାଦିନ ସବୁ !

କେଉଁ ଅଜ୍ଞାତବାସ ମୋ ସହରର
ନିଆଁ ନେଇ
ଜଳେଇ ଦେଇଚି ଜଙ୍ଗଲ, କହିପାରିବି ନାହିଁ
ମତେ ଗାଇବାକୁ ପଡିଚି ଚୁଚୁନ୍ଦ୍ରା ଗିଳିଥିବା
ସାପର ଗୀତ
ଚାଲି ଆସିଥିବା ରାସ୍ତା ସାରା ପ୍ରତି ପ୍ରହର
ଜାଣେନା, ସମ୍ବୋଧି ଆସିଚି
କେଉଁ ମହାସମୟକୁ
ମୁଁ ଖାଲି ଦେଖିଚି ଦୃଶ୍ୟ
ପତ୍ର କଅଁଳିବା ଓ ପତ୍ରଝଡ଼ାର

ମୋର ସକଳ ଅହଙ୍କାର ଫେରାର୍
ତୁମ ସମୁଦ୍ର ହାଓ୍ୱାରେ
ନିଖୋଜ ବିଶ୍ୱାସର କିଶୋରୀ ନଦୀ
କେଉଁ ମୃତ୍ୟୁକୁ ମୁଁ ଲେଖିପାରିବି ଏବେ ଚିଠି
ଅବା କେଉଁ ଜନ୍ମ ମତେ ବାନ୍ଧିନବ
ନର୍କ ବା ସ୍ୱର୍ଗରେ !
ପଚାରି ପାରୁନି, ଉତ୍ତର ଲାଗି
କାନ୍ଦୁଟେ ନାହିଁ ବି ସାମ୍ନାରେ

କେଉଁ ଠିକଣାରେ ନିରୁଦ୍ଦିଷ୍ଟ ମୁଁ
ଏବେ ତୁମ ସମୁଦ୍ର ହାଓ୍ୱା ଜାଣେନି
କେଉଁ ବାଲିରେ ପୋତିହେବାକୁ
ଅଙ୍ଗୀକୃତ ପଦାବଳୀ ଛାତିରେ ଲେଖିଚି
ନିର୍ବିକଳ୍ପ ମନ୍ତ୍ରଟିଏ ସତେ ଅବା ମୁଁ
ଉଚ୍ଚାରିତ ହେବି ବୋଲି
ସମୟକୁ ସଲାମ୍ କରୁଚି ॥

♥ ଶୀଳାଚିନ୍ମୟ
ମଧୁବନ ଷଷ୍ଠ ଗଳି
ଟିକରପଡା ରୋଡ଼, ପୁରୀ
(ମୋ)୯୮୯୧୯୪୬୧୭୮

### ॥ ବାଗ୍‌ଭଗ କୂଟ ॥

**ନକୁଳ ଚନ୍ଦ୍ର ସାହୁ**



ସବୁକିଛି ଈଶ୍ୱର ନିର୍ମିତ,
ନାହିଁ ଭିନ୍ନ କିଛି; ଏହା ନିଶ୍ଚିତ !

ନିତ୍ୟ ଇଂଦ୍ରିୟ ଅସୁସ୍ଥ, କାଳର ସଂପଦ
ମୁଁ ଏକ ନୀଳହଂସ
ଚିନ୍ତାରୁ ମୋ ଜାତ ହୁଏ ଦୁଃଖ।

ସବୁବେଳେ ଭୁଲ କଷେ ଅଂକ
କୃତ୍ୟ ଓ କୃତକୁ ଭାବୁଥାଏ ଚିତ୍ତ
ପିଂଜରା ଭିତରେ ଥାଇ
ପିଂଜରାକୁ ଦେଖି ନ ପାରଇ କପୋତ
କି ଗୀତ ଗାଏ ସେ ହଂସ ?

ଆଶ୍ଚର୍ଯ୍ୟମିଦଂ ବିଶ୍ୱ

ଜନ୍ମ ମୃତ୍ୟୁର ଝରକାରେ ଖଚିତ
ସୁଖ ଦୁଃଖର ନାଲି ନେଳି କାଚ
ଦ୍ୱାରଟା ଉନ୍ମୁକ୍ତ କବାଟ ! ହୀନ ସୁଖ !
ଶାଂତି ସର୍ବତ୍ର ଗଳିତ !

ମୁଁ ଅଚିହ୍ନା ନାୟକ, ହେ ସମୟ
ମୁଁ ତୁମରି ପ୍ରେମିକ
ନିଶ୍ଚୟ କବିତାର କବି ମୁଁ

ନିତ୍ୟଂ ନ ବାଗ୍‌ଛତି, ନ ଶୋଚତି
ବୋଧୋଽହମିତି, କୈବଲ୍ୟମିବ !

କୃତକୁ ଆଉ ସ୍ମରଣ ନ କଲେ ବି
ମତେ ଏଠୁ ଫେରିବାକୁ ପଡ଼ିବ

ସବୁଜ ଶାଖାର ପାଚିଲା ଆଂବଟିକୁ
ସମୟ କେମିତି ଯେ ଭୁଲିବ !!!

♥ ଶବଦଘର, ଗୋଡ଼ିସାହି
କଟକ- ୭୫୪୦୦୬
ମୋ: ୯୫୩୭୭୪୦୨୬୪



### ॥ ଦିନେ ତମେ ପହଞ୍ଚିଯିବ ॥

**ବୀଣାପାଣି ଦେବତା**

ଦିନେ ତମେ ପହଂଚିଯିବ ମୋ ପାଖରେ
ପାହାଡ଼ର ଆତ୍ମା
ନଈର ଗୀତ ହେଇ
ଯେମିତି ଖୋଜି ଖୋଜି ପହଂଚିଯାଏ
ଶୋଷିଲା କ୍ଷେତରେ
ତମେ ଦିନେ ପହଂଚିଯିବ ମୋ
ପାଖରେ ।

ମୁଁ ସିନା ଯାଇ ପାରୁନି ତୁମ ପାଖକୁ
ମାଂସ ହାଡ଼ ସ୍ନାୟୁର
ଷଡ଼ଯନ୍ତ୍ରରେ ବନ୍ଦୀ ହେଇ
ତୁମେ କିନ୍ତୁ ଖୋଜି ଆସିବ ମତେ
ଯେମିତି ନିରାମୟର ହାତ ଖୋଜିଯାଏ
ବହୁ ଦିନରୁ ଶୁଖିନଥିବା ଏକ କ୍ଷତ।


ତମେ ଦିନେ ସତରେ ପହଂଚିଯିବ।
କଂଟାଝଂଟା ପାଚେରୀ କାଚ ଡେଇଁ
ଫଳନ୍ତି ଗଛ ପାଖରେ
ଯେମିତି ପହଂଚିଯାଏ ପିଲାଙ୍କ ହାତ
ଦିନେ ତମେ
ମୋ ପାଖରେ ପହଂଚିଯିବ।

ସେଥିପାଇଁ ନିଜକୁ ଗଢ଼ି ଚାଲିଛି ମୁଁ
ସୁଘଞ୍ଚ ସଘନ ସରସ।

+୧, ସତ୍ୟ ଡକ୍ଟର ରୋଡ଼,
କୋଲକାତା-୭୦୦୨୩

### ॥ ଆତ୍ମବୋଧ ॥

**ଦୁର୍ଗାଚରଣ ଷଡଙ୍ଗୀ**



ଜୀବନଟା ସାରା ଖାଲି ଏମିତି ହିଁ ଅଛି
ତୁଚ୍ଛାରେ ବଞ୍ଚିଛି।
ଦୌଡ଼ି ଚାଲିଛି, ଠିକ୍ ଆଜି ପରି
ବାରମ୍ବାର ପ୍ରତାରିତ ହୋଇଚାଲିଛି
ଠକି ଚାଲିଛି ବି ନିଜକୁ
ଆଜି ପରି।
କେତେ ଅର୍ଥପୂର୍ଣ୍ଣ ଥିଲା ସତେ ଏ ଜୀବନ
ସବୁ ସାରି ଦେଲି।

କେତେ ସୌହାର୍ଦ - କେତେ ଯେ ଅଭୀପ୍ସା
କେତେ ବର୍ଣ୍ଣମୟ ଇନ୍ଦ୍ରଧନୁର ରଙ୍ଗ ରାଗ
ଲିଭିଗଲା ଆହାଃ
ସବୁ ଲିଭିଗଲା
କେଉଁ ମାୟା ଦର୍ପଣରେ।
କିଛି ବି ପାଇଲି ନାହିଁ
ତୁଚ୍ଛାଟାରେ ଦୌଡ଼ି ଚାଲିଛି ଆଗକୁ
ଯେ ଚାଲିଛି ମରଣ ମୁହାଁ ସେ
ଉତ୍ଫଣ ସମୁଦ୍ର ମଝି ଗଣ୍ଡକୁ।

ଏବେ ମୁଁ ଧାଇଁ ଚାଲିଛି ଆଶାକାଶା ଶୂନ୍ୟ
କାତ ଛଡ଼ା ନାଚାର ନାଉରୀ ଯେପରି
ଆଗରେ କରାଳ ଭଉଁରୀର ଦୃଶ୍ୟ
ଆଖିରେ ବେଜାଏ ଅନାବନା ସ୍ୱପ୍ନ
ସମ୍ଭାବନା ହୀନ ଜୀବନ
ତଥାପି ବଞ୍ଚିରହିଛି ମୁଁ ଠିକ୍ ଆଗ ପରି
କାହିଁକି କେଜାଣି !

ବାରମ୍ବାର ପ୍ରତାରିତ ହୋଇ ଚାଲିଛି
ତଥାପି ନିଜ ଭିତରେ ନିଜେ
କେବଳ ବଞ୍ଚିଛି
ରହିବି ବୋଲି ଠିକ୍ ପୂର୍ବ ପରି।
ଏ ଜୀବନ କ'ଣ ଚାହେଁ ସତେ !

ଚେତନାର ଶିଢ଼ିରେ ଚଢ଼ିଚଢ଼ି
କାହାକୁ ସେ ଖୋଜେ
ଆଉ ଖୋଜି ଚାଲିଥାଏ।
କେଜାଣି !
ସାରା ଜୀବନ ଖୋଜି ଚାଲିଥାଏ ସେ।

ଯେମିତି ସମାଧି ଭିତରୁ
ଖୋଜି ଚାଲିଥାଏ କିଏ
ତା ପିତୃବ୍ୟର ଆୟୁଷ
ଅଥଚ କିଛି ହିଁ ନଥାଏ
ଥାଏ ପୁଳାଏ ମାଟି ମିଶା ଲୁହ
ଆଙ୍ଗୁଳେ ଅସ୍ଥି
ଖସିପଡ଼ିଥିବା ସିମେଣ୍ଟର ପଲସ୍ତରାରେ
କେଉଁକାଳର ଶିଉଳି
ଝାପ୍‌ସା ବାର୍ଣ୍ଣିସର ରଙ୍ଗ।

ଖସି ପଡୁଥାଏ ସବୁକିଛି
ଦାନ୍ତ ନିକୁଟି ଡାକୁଥାଏ ସିଏ
କେବେ ଆସିବୁ
ଜଗିରହିଚି ମୁଁ ତତେ ପରା ଏଯାଏଁ !
ପକ୍ଷୀଟି ଉଡ଼ିଗଲାଣି ଏ ଗଛରୁ
କେବେଠୁଁ ଭାଙ୍ଗି ଦେଇ
ତା କାଠିକୁଟାର ବସା
କେଉଁଠି ଏବେ ସେ ଥିବ, କେଜାଣି !

ଆଖିରେ ଆଖିଏ ଅନ୍ଧାର
ଘନ ଗହଳ ଅରଣ୍ୟ ଡେଇଁ ଡେଇଁ
ଯେତେ ଚାହିଁଲେ ବି
ମତେ କିଛି ବି ଆଗକୁ ଦିଶୁନି
ଦୁଇ ଆଖିରେ ଏବେ ମୋର ଭର୍ତ୍ତି
ଜମାଟ ବନ୍ଧା ପରଳ !
ତଥାପି ଠକି ଚାଲିଛି ନିଜକୁ ନିଜେ
ପୂର୍ବାପର
ପ୍ରତାରିତ ହୋଇ ଚାଲିଛି ବି ଥରକୁ ଥର
ନିଜ ଭିତରେ ନିଜେ ଠିକ୍ ପୂର୍ବ ପରି।

♥ ମୋ: ୯୪୩୮୫୩୫୫୭୭

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୨୮ ମଇ ୨୦୨୩



■ ଦୃଷ୍ଟିକୋଣ- ୯ ■

# ଜନତନ୍ତ୍ର ବିଜୟର ପ୍ରତୀକ 'ସେଙ୍ଗୋଲ' ନୂତନ ସଂସଦ ଭବନରେ ସ୍ଥାପନ ଆମ ଯଥାର୍ଥ ମର୍ଯ୍ୟାଦାର

## କାଳୀପଦ ପଣ୍ଡା



ଆମ ଦେଶ ଭାରତବର୍ଷ ସ୍ୱାଧୀନ ହେବାର ୭୫ବର୍ଷର ଅମୃତ ମହୋତ୍ସବ ପାଳନ କରୁଥିବା ସମୟରେ ନୂତନ ସଂସଦ ଭବନ ନୂଆଦିଲ୍ଲୀରେ ନିର୍ମାଣ ହୋଇ ଲୋକର୍ପିତ ହେବା ସମୟରେ ଭବନର ଅଗ୍ରଭାଗରେ 'ସେଙ୍ଗୋଲ' ସ୍ଥାପନ କରାଯିବାର ନିଷ୍ପତ୍ତି ଏକ ଐତିହାସିକ ଘଟଣା । ଏହି ପ୍ରସଙ୍ଗକୁ ନେଇ ସମଗ୍ର ଦେଶର ବିଭିନ୍ନ ରାଜନୈତିକ ଦଳ ଓ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ଉଭୟ ଅନୁକୂଳ ଓ ପ୍ରତିକୂଳ ମନ୍ତବ୍ୟମାନ ପ୍ରକାଶ ପାଉଥିଲାବେଳେ ବିରୋଧିଦଳକୁ (ବିଶେଷ କରି କଂଗ୍ରେସ ଦଳକୁ) ଏ ଦିଗରେ ସେମାନଙ୍କର ଆଭିମୁଖ୍ୟର ତର୍ଜମା କରିବାର ଯଥେଷ୍ଟ ପ୍ରାସଙ୍ଗିକତା ପରିଲକ୍ଷିତ ହୁଏ । କାରଣ କଂଗ୍ରେସର ଅଦ୍ୱିତୀୟ ନେତା ତଥା ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଏହାର ଯେ' ନିର୍ମାଣର ମୂଳ କେନ୍ଦ୍ରବିନ୍ଦୁ ଥିଲେ । ଏହା ଭୁଲିଯିବା ଉଚିତ୍ ନୁହେଁ । ପଣ୍ଡିତ ନେହେରୁ ଜଣେ ଉଚ୍ଚ ଶିକ୍ଷାବିତ୍ କେବଳ ନଥିଲେ ସେ ରାଷ୍ଟ୍ରନୀତିଜ୍ଞ ଓ କୂଟନୀତିଜ୍ଞ ଭାବରେ ସର୍ବଜନ ବିଦିତ ଥିଲେ । ପରାଧିନ ଭାରତବର୍ଷରୁ ବ୍ରିଟିଶ ଶାସକମାନେ ଯେତେବେଳେ ଆମକୁ କ୍ଷମତା ହସ୍ତାନ୍ତର କରିବେ ସେତେବେଳେ ତାହା ଏକ ପ୍ରତୀକ ରହିବା ବାଞ୍ଛନୀୟ ବୋଲି ଅନୁଭବ କରି ସେ ଯେଉଁ ପରିକଳ୍ପନା ମନରେ ଆଣିଲେ ଆଉ ତାହାର ସାକାର ରୂପ ଦେବାକୁ ସେତେବେଳର ସମଗ୍ର ଭାରତର ମହାନ ପଣ୍ଡିତ ରାଜ୍ ଗୋପାଳାଚାରୀଙ୍କର ସହଯୋଗ ଲଡ଼ିଥିଲେ । ସି. ରାଜ୍ ଗୋପାଳାଚାରୀ ତାମିଲ ଭାଷା ସହିତ୍ୟର ମହାନ ବିଦ୍ୱାନ ଓ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଥିଲେ । ଭାରତର ରାଜରାଜୁଡ଼ା ଶାସନ ବ୍ୟବସ୍ଥାର ଏକ ପ୍ରଲମ୍ବିତ ଇତିହାସ ରହିଥିଲାବେଳେ ଜଣେ ରାଜା ଆଉ ଜଣେ ରାଜାଙ୍କୁ ଯେତେବେଳେ ଶାସନଭାର ହସ୍ତାନ୍ତର କରନ୍ତି ସେତେବେଳେ ଏକ ପ୍ରତିକାତ୍ମକ ଚିହ୍ନ ରାଜଦଣ୍ଡ (ସିମ୍ବଲ)ର ପ୍ରଚଳନ ସର୍ବଦା ପରିଦୃଷ୍ଟ ହୋଇଥାଏ । ଦାକ୍ଷିଣାତ୍ୟରେ ବିଶେଷ ଭାବେ ଚୋଳ ବା ପାଣ୍ଡ୍ୟା ପ୍ରଭୃତି ରାଜବଂଶରେ କ୍ଷମତା ହସ୍ତାନ୍ତର ସମୟରେ ଏହାର ପ୍ରଚଳନ ଖୁବ୍ ପ୍ରାଚୀନ । ପଣ୍ଡିତ ନେହେରୁ ସମଗ୍ର ଭାରତବର୍ଷର ବିଭିନ୍ନ ପ୍ରଦେଶର ଶାସନ ପଦ୍ଧତି, କଳା, ସାହିତ୍ୟ, ସଂସ୍କୃତି, ପରମ୍ପରା ଆଦି ସମ୍ପର୍କରେ ବିଶେଷ ଭାବରେ ଜ୍ଞାତ ଥିବାରୁ ସି. ରାଜ୍ ଗୋପାଳାଚାରୀଙ୍କ ସହ ଏ ସମ୍ପର୍କରେ ବିଚାରବିମର୍ଶ କରି ଏକ ରାଜଦଣ୍ଡ (ତାମିଲ ଭାଷାରେ 'ସେଙ୍ଗୋଲ') ନିର୍ମାଣ ସମ୍ପର୍କରେ ନିଷ୍ପତ୍ତି ଗ୍ରହଣ କରିଥିଲେ ।

ଶତବର୍ଷର ପରାଧୀନତାର ମୁକ୍ତିସୂର୍ଯ୍ୟ ଉଦୟର ସେହି ଅମୃତ କ୍ଷଣକୁ ଚିର ଉଦ୍‌ଜୀବିତ କରି ରଖିବା ପାଇଁ (ବ୍ରିଟିଶଙ୍କ ଠାରୁ ଭାରତୀୟମାନେ କ୍ଷମତା ପାଇବାର ହସ୍ତାନ୍ତରଣ ସମୟ) ଏକ ରାଜଦଣ୍ଡ ସଦୃଶ 'ସେଙ୍ଗୋଲ'ର ନିର୍ମାଣ ନିଶ୍ଚିତ ଭାବେ ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ଥିଲା ପଣ୍ଡିତ ନେହେରୁଙ୍କର । ସି. ରାଜ୍ ଗୋପାଳାଚାରୀ ଏହି କାର୍ଯ୍ୟକୁ ଏକ ମହତ୍ୱପୂର୍ଣ୍ଣ କାର୍ଯ୍ୟ ମନେକରି ସାଦରେ ଗ୍ରହଣ କରିଥିଲେ । ସେ ତାମିଲନାଡୁର 'ତିରୁବାବାଦି ତୁରାଇ ଅଧିନମ୍' ଭଳି ଏକ ପ୍ରସିଦ୍ଧ ଶୈବ ମଠର ସାହାଯ୍ୟ ନେଇ ସେତେବେଳର ପ୍ରକ୍ଷାତ ତାମିଲ ଅଳଙ୍କାର ନିର୍ମାତା ଭୂମିଦି ବାଙ୍ଗାରୁ ପରିବାର ଦ୍ୱାରା ତାହାର ନିର୍ମାଣ କରାଇବାରେ ସଫଳ ହୋଇଥିଲେ ।

ଶତବର୍ଷର ପରାଧୀନତାର ମୁକ୍ତିସୂର୍ଯ୍ୟ ଉଦୟର ସେହି ଅମୃତ କ୍ଷଣକୁ ଚିର ଉଦ୍‌ଜୀବିତ କରି ରଖିବା ପାଇଁ (ବ୍ରିଟିଶଙ୍କ ଠାରୁ ଭାରତୀୟମାନେ କ୍ଷମତା ପାଇବାର ହସ୍ତାନ୍ତରଣ ସମୟ) ଏକ ରାଜଦଣ୍ଡ ସଦୃଶ 'ସେଙ୍ଗୋଲ'ର ନିର୍ମାଣ ନିଶ୍ଚିତ ଭାବେ ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ଥିଲା ପଣ୍ଡିତ ନେହେରୁଙ୍କର ।

୧୯୪୭, ଅଗଷ୍ଟ ୧୪ତାରିଖ ରାତ୍ର ପ୍ରାୟ ୧୧ଟା ସମୟକୁ ଏହି ପାରମ୍ପାରିକ 'ସେଙ୍ଗୋଲ' ଏକ ସ୍ୱେତ ବସ୍ତ୍ର ଦ୍ୱାରା ଆଚ୍ଛାଦିତ ହୋଇ ଭାରତର ରାଜଧାନୀ ଦିଲ୍ଲୀସ୍ଥିତ ପ୍ରଥମ ପ୍ରଧାନମନ୍ତ୍ରୀ ରୂପେ ଦାୟିତ୍ୱ ନେବାରେ ଅପେକ୍ଷାରତ ଥିବା ପଣ୍ଡିତ ଜବାହାରଲାଲ ନେହେରୁଙ୍କ ବାସଭବନରେ ପହଞ୍ଚିଥିଲା । ପାରମ୍ପାରିକ ମନ୍ତ୍ରୋ ଉଚ୍ଚାରଣ ମଧ୍ୟରେ ତାହାକୁ ସେ ସେଦିନ ଗ୍ରହଣ କରିଥିଲେ । ଲର୍ଡମାଉଣ୍ଟ ବ୍ୟାଟେନ୍‌ଙ୍କ ଏଥିପ୍ରତିଥିଲା ଯଥେଷ୍ଟ ଆଗ୍ରହ । କାରଣ ସେ ଚାହିଁଥିଲେ ଯେ ବ୍ରିଟିଶରାଜର ପରିସମାପ୍ତି ଓ ଭାରତୀୟମାନଙ୍କର କ୍ଷମତା ଗ୍ରହଣ ସେହି ମାହେନ୍ଦ୍ର ବେଳାର ଏକ ସ୍ମୃତି ଫଳକ ସବୁଦିନ ପାଇଁ ଉଭୟ ଦେଶ ମଧ୍ୟରେ ପ୍ରତୀକ ସ୍ୱରୂପ ରହୁ । ଏହାକୁ ପଣ୍ଡିତ ନେହେରୁ ଗଭୀର ଭାବେ ଗ୍ରହଣ କରି ସେଙ୍ଗୋଲ ନିର୍ମାଣ କରି ଆଣିଥିଲେ । ତେବେ ପରବର୍ତ୍ତୀ ସମୟରେ ଏହି ସେଙ୍ଗୋଲ ସମ୍ପର୍କରେ ବିଶେଷ କିଛି ଧାରଣା ଭାରତୀୟଙ୍କ ପାଖରେ ରହିନଥିଲା । ଗତ ୨୦୧୯ମସିହାରେ ଏକ ତାମିଲ ସାପ୍ତାହିକୀରେ ଏ ସମ୍ବନ୍ଧରେ ଏକ ଆଲେକ୍ଷ୍ୟ ପ୍ରକାଶ ପାଇବା ପରେ ଅଳଙ୍କାର ନିର୍ମାତାଙ୍କର ଏବର ପରିବାର ବର୍ଗ ଅନୁସନ୍ଧାନରେ ଲାଗିପଡ଼ିଥିଲେ ସେହି ତାଙ୍କ ପୂର୍ବଜଙ୍କ ନିର୍ମିତ ସେଙ୍ଗୋଲ କେଉଁ ସ୍ଥାନରେ କିଭଳି ଅବସ୍ଥାରେ ଅଛି । ନିର୍ମାତା ବାଙ୍ଗାରୁ ପରିବାର ଏ ସମ୍ପର୍କରେ ଏକ ଭିଡ଼ିଓ ପ୍ରସ୍ତୁତ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲାବେଳେ ଭାରତର ଅଧୁନାତନ ଯଶସ୍ୱୀ ପ୍ରଧାନମନ୍ତ୍ରୀ ମାନନୀୟ ନରେନ୍ଦ ମଦୀ ଏହାର ପଙ୍ଖାନୁପଙ୍ଖ ଯାଞ୍ଚ କରାଇ ଐତିହାସିକ 'ସେଙ୍ଗୋଲ'ଙ୍କ ମର୍ଯ୍ୟାଦା ଜନକ ସ୍ଥାନ ପ୍ରଦାନ ପାଇଁ ଚିନ୍ତା କରିଥିଲାବେଳେ ତାଙ୍କ ସମୟରେ ଦିଲ୍ଲୀରେ ନିର୍ମିତ ନୂତନ ସଂସଦ ଭବନରେ ଏହାର ସ୍ଥାପନ ଯେ ଅଧିକ ମହିମାମୟ ହେବ ଏହାକୁ ଅନୁଭବ କରି ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କଲେ ।

ଆମ ଦେଶ କଷ୍ଟଲବ୍ଧ ସ୍ୱାଧୀନତାଲାଭ ସମୟର ସେହି ସ୍ମରଣୀୟ ମୁହୂର୍ତ୍ତକୁ ଉତ୍ତର ପିଢ଼ିଙ୍କୁ ଜଣାଇ ଦେବାର ସେହି ପ୍ରତିକାତ୍ମକ ରାଜଦଣ୍ଡ ଯାହା ତାମିଲ ଭାଷାରେ 'ସେଙ୍ଗୋଲ'କୁ ଆଜି ଭରତର ଶାସନ ବ୍ୟବସ୍ଥାର ମୂଳକେନ୍ଦ୍ର ନୂତନ ସଂସଦ ଭବନରେ ଶୋଭା ପାଇବାର ଐତିହାସିକ ନିଷ୍ପତ୍ତିକୁ ସର୍ବଗ୍ରେ ଗ୍ରହଣ କରିବା ବାଞ୍ଛନୀୟ । ବିସ୍ମୃତିଗର୍ଭରେ ଆହ୍ଲାବାଦର ମ୍ୟୁଜିୟମରୁ ଏବେ୧୪୦କୋଟି ଜନସାଧାରଣଙ୍କୁ ଦର୍ଶନ ଦେବାପାଇଁ ସେଙ୍ଗୋଲ ଆଜି ତତ୍ପର ।

ଏଠାରେ ଏ ସମ୍ପର୍କରେ ଦୈନିକ ସମ୍ବାଦପତ୍ର 'ସମ୍ବାଦ'ର ମଇ୨୭ତାରିଖର ସମ୍ପାଦକୀୟରେ 'ସ୍ମୃତିଚାରଣ' ଶୀର୍ଷକରେ ଯେଉଁ ବିସ୍ତୃତ ଆଲେଖ୍ୟଟି ପ୍ରକାଶ ପାଇଥିଲା ତହିଁରେ ଏକ କାହାଣୀର ଅବତାରଣା କରାଯାଇଥିଲା । ଯାହା ଏ ଘଟଣାର ରାଜନୈତିକରଣରୁ ମୁକ୍ତି ଦେବା ପାଇଁ ଯଥେଷ୍ଟ ପ୍ରାସଙ୍ଗିକ ରଖେ । ମାର୍କ ଟ୍ୱେନ୍‌ଙ୍କ ଏକ ପ୍ରସିଦ୍ଧ ଉପନ୍ୟାସ 'ପ୍ରିନ୍ସ ଏଣ୍ଡ ଦ ପପର୍'ର କାହାଣୀ ଅନୁସାରେ ଘଟଣା ଚକ୍ରରେ ରାଜପୁତ୍ରଙ୍କ ଭଳି ଦେଖାଯାଉଥିବା ଭିକାରୀ ଜଣକ ରାଜଦରବାରରେ ସ୍ଥାନ ପାଇବା ଏବଂ ରାଜପୁତ୍ର ଭିକାରୀ ଭାବରେ ବିବେଚିତ ହୋଇ ସଡ଼କରେ ପଡ଼ି ରହିବା ପରେ ପରବର୍ତ୍ତୀ କାଳରେ କାହାଣୀର ଅନ୍ତିମ ପର୍ଯ୍ୟାୟରେ ଉଭୟ ନିଜନିଜ ସ୍ଥାନକୁ ଫେରି ଆସିବା ଭଳି ଘଟଣା ଆମକୁ ଅନେକ ଶିକ୍ଷା ଦିଏ । ନିରିହ ଭିକାରୀ ଯୁବକଟି ସିକାର କରିନେଇଥିଲା ରାଜବାଟୀରେ ଥିବାବେଳେ ରାଜାଙ୍କ 'ସିଲ୍' (ରାଜାଙ୍କ ଆଦେଶକୁ କାର୍ଯ୍ୟକାରୀ କରିବା ମୋହର)କୁ ସେ ବାଦାମ ଚୋପା ଭଙ୍ଗିବାରେ ବ୍ୟବହାର କରୁଥିଲା ଅଜ୍ଞତା ଯୋଗୁଁ ଏଭଳି ଘଟିଥିଲା । ଆଜି ୭୫ବର୍ଷ ଧରି 'ସେଙ୍ଗୋଲ' ରାଜଦଣ୍ଡଟି ସମସ୍ତଙ୍କ ଦୃଷ୍ଟି ଆଢୁଆଳରେ ଗୋଟିଏ ତହିଁରୁ ମ୍ୟୁଜିୟମ ଭିତରେ ରହି ତାର ଅର୍ଥ ଓ ଅସ୍ତିତ୍ୱକୁ ବିଶେଷ ପ୍ରତିପାଦନ କରିପାରୁନଥିଲା ବେଳେ କେବଳ କେତେକ ଦର୍ଶକ ଏହାକୁ ଏକ ସୁବର୍ଣ୍ଣଯଷ୍ଟି ରୂପେ ଦେଖି ଆସୁଥିଲେ । କିନ୍ତୁ ଆଜି ସେହି ଅମୃତବେଳା ଉପନୀତ ହେଲା, ସେ ତା'ର ପ୍ରକୃତ ମର୍ଯ୍ୟାଦାକୁ ଫେରି ପାଇଲା । ଏହା ଲକ୍ଷ ଲକ୍ଷ ଭାରତୀୟଙ୍କ ଶତବର୍ଷର ସଂଗ୍ରାମ ଓ ବଳିଦାନର ସୁବର୍ଣ୍ଣ ସ୍ମାରକୀ ହୋଇ ଆଜି ଗଣତନ୍ତ୍ର ମନ୍ଦିରରେ ସମସ୍ତଙ୍କୁ ଦର୍ଶନ ଦେବ । ମଇ୨୮.୨୦୨୩ ଭାରତୀୟ ଜନଜୀବନ ପାଇଁ ଆଉ ଏକ ଐତିହାସିକ ଘଟଣା ହେଲା ।

ସୂନାରୁଇ, ବି.କଟିସାହି, ସିଂଲା, ବାଲିଆପାଳ, ବାଲେଶ୍ୱର-୭୫୬୦୨୩
(ବୋ).:୯୪୩୭୦୮୯୨୪୧

ଗୋଟେ ବଡ ଗପ

# ସ୍ମୃତିର ଜୁଆର

## ଲଳିତ ମୋହନ ମିଶ୍ର





ଗତାନୁଗତିକ ରୀତିରେ ବସ୍‌ଟି ଚାଲିଛି । ବସ୍ ତ ଚାଲିନି ଯେମିତି ଲାଗୁଛି ଉଭୟ ପାର୍ଶ୍ୱର ଗଛ ଗୁଡିକ ଦୌଡୁଛନ୍ତି । ବୁଢୀ ମାଉସୀଟି ତାର ମୁଣିରେ ଥିବା କୁକୁଡା ଟିକୁ ଅତି ଯତ୍ନର ସହିତ ଧରି ବସିଛି । ସେପଟେ ମଉସା ବାତାୟନ ଫାଙ୍କରେ ଚାଷ ଜମି ଗୁଡ଼ିକୁ ଅବଲୋକନ କରୁଛନ୍ତି । କଣ୍ଡକ୍ଟର ପଛରୁ ପଇସା ମାଗି ମାଗି ଆସୁଛି । ନରି ଭାଇନା ମୋବାଇଲ୍‌ରୁ କମେଡି ଦେଖି ହସିବାରେ ବ୍ୟସ୍ତ । ଛୋଟ ପିଲାଟି ତାର ମାଆକୁ ବାହାରର ଦୃଶ୍ୟ ଦେଖାଉଅଛି । ଏସବୁ ଭିତରେ କିନ୍ତୁ ଛାୟା ଅନ୍ୟମନସ୍କ ହୋଇ ପଡ଼ିଥାଏ ବସ୍ ମଧ୍ୟରେ । ବସ୍‌ର ସେ ଶୀତଳ ପବନ ତା ଦେହରେ ଭରି ଦେଉଥାଏ ଏକ ଅଜବ ଉଷ୍ମତା । ବସ୍‌ର ଗତିଠାରୁ ଆହୁରି କ୍ଷିପ୍ର ହୋଇ ଉଠୁଥାଏ ତାର ହୃତ୍ ସ୍ପନ୍ଦନ । ଅତୀତର ସେଇ ଅମାନିଆ ସ୍ମୃତି ଫର୍ଦ୍ଦରୁ ଫର୍ଦ୍ଦେ ଫର୍ଦ୍ଦେ ଆଡ଼େଇ ଚାଲି ଥାଏ । ସ୍ମୃତି କେବେ ମଧୁଝରା ଜହ୍ନରାତି ତ ପୁଣି କେବେ ଚୋରା ଚଇତି ଓ ସ୍ମୃତି କେବେ ଶୀତୁଆ ସକାଳର କାକରଟୋପା ତ ପୁଣି କେବେ ଗୋଧୂଳିର ସେଇ ନିରବତା ଓ ସ୍ମୃତିରେ ମନେପଡେ ସେଇ ପୁରୁଣା ରାସ୍ତା । ପୁଣି କେବେ ମନେପଡେ ପହିଲି ମେଘରେ ସେଇ ଭିଜାମାଟିର ବାସ୍ନା । ସ୍ମୃତି କେବେ ଅଧାଗଢ଼ା ସ୍ୱପ୍ନ ଝରା ଶେଫାଳିର ତ ପୁଣି କେବେ ମିଠା ମହକ ମଧୁମାଳତୀର ଓ ସ୍ମୃତି କେବେ ଦିଗହରା ପକ୍ଷୀ ତ ପୁଣି କେବେ ସେ ଜନ୍ମଜନ୍ମର ସାକ୍ଷୀ ଓ ଏଇ ପାଞ୍ଚ ବର୍ଷ ମଧ୍ୟ ରେ ଅନେକ କିଛି ବଦଳି ଯାଇଛି । ହେଲେ ସେ ନିଜକୁ କେବେ ବଦଳାଇ ପାରିନାହିଁ ।

ନନାଙ୍କ ଏକା ଜିଦ୍ ଆଉ ବୋଉ ଆଖିର ଉଷ୍ଣ ପ୍ରସବଣ, ତାକୁ ଖୁବ୍ ଦୁର୍ବଳ କରି ଦେଇଥିଲା । ସମାଜ ଆଉ ସଂସ୍କୃତିର ଶୃଙ୍ଖଳା ବେଡି ହିଁ ତାର ନିଷ୍ପତ୍ତି ବଦଳାଇ ଦେଲା । ଶେଷ ଥର ପାଇଁ ଅନେକ ଚେଷ୍ଟା କରି ଥିଲା ଚନ୍ଦନ ସହ ଦେଖା କରିବାକୁ । ହେଲେ... ତାହା ବି ସମ୍ଭବପର ହୋଇ ପାରି ନ ଥିଲା । ଓଲଟା ଅଲାଜୁକି ନିଲ୍ଲଜିଆଣୀର ଆଖ୍ୟା ପାଇ ପୁଣି ଫେରି ଆସିଥିଲା ଅଭିମାନରେ । ସ୍ମୃତି କେବେ ତୃପ୍ତିରେ ଆତ୍ମହରା ହୁଏ ତ ପୁଣି କେବେ ପ୍ରୀତିରେ ଆନମନା ।

ଯଥା ଲଗ୍ନରେ ବିବାହ ପରେ ପରେ ସ୍ୱାମୀଙ୍କ ସହ ସେ ଚାଲି ଯାଇଥିଲା ଗୋଲାପି ନଗରୀ ବାଙ୍ଗାଲୋରକୁ । ବାହାରେ ତୋଫା ଜହ୍ନ । ଦୂରରୁ ଶେଫାଳିର ବାସ୍ନା ଛୁଟି ଆସି ଛାୟାକୁ ବିହ୍ୱଳିତ କରିଦେଉଛି । ବୟସର ଅପରାହ୍ଣରେ ମଧ ସେଇ କୁଆଁରୀ ମନର ସ୍ମୃତି ଗୁଡିକ ଉଜ୍ଜୀବିତ ହୋଇ ଉଠୁଛି ଆଜି । ସେ ହଜିଗଲା କିଛି କ୍ଷଣ ସେଇ ଅପାସୋରା ସ୍ମୃତି ତଟରେ । ବାରମାସରେ ତେର ପର୍ବ । ପୂଜା ପାର୍ବଣରେ ଝଲସି ଉଠେ ଗାଁ । ପିଲାଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତଙ୍କ ଓଠରେ ଭରିଦିଏ ଖୁସି । କୁଆଁରୀ ମାନଙ୍କ କଥା ନିଆରା । ଯୌବନରେ ପାଦ ଥାପିବା ପରଠାରୁ ଭରିଯାଏ ଆଖିରେ ଆଖିଏ ସପନ । କେତେ ଓଷାବ୍ରତ , କେତେ ପୂଜା ବିଦ୍ଧି ମେଳ ହୋଇ କରିଥାନ୍ତି । ମାଟିଧୂଳି ଖେଳ ସହିତ ଏକା ସଙ୍ଗରେ ନଈ ପଠାରେ ଗାଧୋଇବାର ମଜା କିଛି ଅଲଗା । ସକାଳୁ ଶୋଇବା ପର୍ଯ୍ୟନ୍ତ ସାଙ୍ଗ ସାଥି ମେଳରେ ସମୟ ବିତିଯାଏ । ଖୁଦୁରୁକୁଣୀ ଜାଗର ଓଷା ବ୍ରତରେ ଉଛୁଳି ପଡେ ଗାଁ ଦାଣ୍ଡ । ନାନା ବେଶରେ ସଜାଇ ହେଉ । ନୂଆ ଶାଢ଼ୀ,ନୂଆ ଚୁଡି ସାଙ୍ଗକୁ ଅଳତା,ମେହେନ୍ଦୀର ଆସର ଲାଗେ । ଗାଁ ଦାଣ୍ଡରେ ଚାଲି ଗଲାବେଳେ ଜେଜେ ବୁଢୀ ମାଆ ଭାଉଜ ମାନେ ଥଟ୍ଟା ପରିହାସ କରନ୍ତି । 'ଆଲୋ ତୁମେମାନେ କଣ ସଜେଇ ହୋଇ ବର ଖୋଜିବାକୁ ଯାଉଛ କି' ? ଜହ୍ନି ଓଷାର କଥା ତ ନିଆରା । କେହି କାହାକୁ ନ କହିଲେ ବି ସୁନ୍ଦର ରାଜକୁମାର ପରି ବର କାମନା କରି ଓଷା ଆରମ୍ଭ କରୁ । ମାସ ସାରା ତୋଫା ଜହ୍ନ ଆଲୁଅରେ ସନ୍ଧ୍ୟା ସମୟ, ଜହ୍ନିଫୁଲ ଦେଇ ତୁଳସୀ ମୂଳେ ପୂଜା କରୁ, ମାନସିକ ରଖୁ । କୁମାରୀ ପୂର୍ଣ୍ଣିମା ଦିନ ଚାନ୍ଦକୁ ଆଞ୍ଜୁଳା ଟେକି, ମନେ ମନେ ସୁନ୍ଦର ବର କାମନା କରିଥାଉ । ସେଦିନ ଏମିତି ଜହ୍ନ ହସୁଥିଲା ନିର୍ମଳ ଆକାଶରେ । ଶେଫାଳିର ଭୁରୁ ଭୁରୁ ଗନ୍ଧ ଭାସି ଆସୁଥିଲା । ଖୁବ ଆଦରରେ ଫୁଲ ମୁଠାଏ ଧରି ଜହ୍ନ ଆଡ଼କୁ ଫୋପାଡ଼ି ଦେଲାବେଳେ ହଠାତ୍ ଲାଜରେ ନଇଁ ଗଲି । କାରଣ ସାମ୍ନାରେ ଠିଆ ହୋଇଥିଲେ ଚନ୍ଦନ । ଫୁଲ ଗୁଡିକ ବିଛାଡି ହୋଇ ପଡିଥିଲା ତାଙ୍କ ଉପରେ । ମୁରୁକି ହସି ଦେଇଥିଲେ ସେ । ମୁଁ ଲାଜରେ ଗୋଟା ପଣେ ଝାଉଁଳି ଯାଇଥିଲି । ମନ ଆଉ ହୃଦୟରେ ଆଙ୍କି ଦେଇଥିଲି ଚନ୍ଦନଙ୍କ ଛବି । ଶୟନେ ସପନେ ଖାଲି ତାଙ୍କ ଛବି । କିନ୍ତୁ କୁଆଁରୀ ମନ କଥା କାହାକୁ କହି ପାରୁଥିଲି ନା ସହି ପାରୁଥିଲି । ଏଇ ଭାବନା ମୋତେ ଅକ୍ତାମାକ୍ତା କରି ଦେଉଥିଲା । ଚନ୍ଦନ କିନ୍ତୁ ଚାଲି ଯାଇଥିଲେ ତାଙ୍କ ଚାକିରୀ ସ୍ଥଳକୁ । କିଛି ଦିନ ବିତିଯାଇଥିଲା । ନ ଥିଲା ଶରତର ଆସର । ନ ଥିଲା ଶେଫାଳିର ବାସ । ପ୍ରେମର ମିଠା ବିରହରେ ସେ ଖାଲି ଶିହରି ଉଠୁଥିଲା । ଲାଜରେ ଝାଉଁଳି ଯାଇଥିଲା ଛାୟା । ସାରା ଜୀବନ ଚନ୍ଦନକୁ ସାଥି ରୂପରେ ପାଇବାକୁ ଖୁସି ହୋଇଥିଲା । ହେଲେ ଆଶା ଆଶାରେ ରହି ଯାଇଛି । ନନା ବୋଉ ଅନ୍ୟ ହାତରେ ଟେକି ଦେଇ ତାଙ୍କର କର୍ତ୍ତବ୍ୟ ସମ୍ପାଦନ କରିଦେଇଛନ୍ତି । ତଥାପି ଛାୟା ଓଠର ଲୁହକୁ ଓଠରେ ଚାପି ଆଗକୁ ବଢିବାର ପ୍ରୟାସ କରିଛି । ହେଲେ ପୋଡ଼ା କପାଳରେ ସେତକ ବି ହୋଇପାରି ନାହିଁ । ଅନେକ ମାନ ଅଭିମାନ ଆଉ ମନୋମାଳିନ୍ୟ ଭିତରେ ନିଜ ଗୋଡ଼ରେ ନିଜେ ଠିଆ ହେବାକୁ ଚେଷ୍ଟା କଲା ବେଳକୁ, ପ୍ରତିବନ୍ଧକ ସାଜି ଉଭା ହେଲେ ସ୍ୱାମୀଙ୍କ ପୂର୍ବତନ ପ୍ରେମିକା । ବାସ୍ ! ମଧୁର ସମ୍ପର୍କ ଟା ଆରମ୍ଭ ହେବା ପୂର୍ବରୁ ସମାପ୍ତ ହୋଇ ଯାଇଥିଲା । ସମ୍ପର୍କର ସୂତା ଖଣ୍ଡକ ଛିଣ୍ଡାଇ ଦେଇ ଚାଲି ଆସିଥିଲା, ସେ କେଉଁ ଗୋଟେ ବର୍ଷା ରାତିରେ । ନନା ବୋଉଙ୍କ ଉପରେ ବୋଝ ନ ହେବାର ସଂକଳ୍ପ କରିଥିଲା । ନିଜ ଜିଦ୍ ଆଉ ସ୍ୱାଭିମାନ ଯୋଗୁ ବହୁ କଷ୍ଟରେ ଯୋଗାଡ଼ କରି ଥିଲା, ନିଜ ପାଇଁ ଘରୋଇ ଚାକିରୀ ଖଣ୍ଡେ । ସେହି ଦିନଠାରୁ ଆଉ କେବେ ବୁଲି କରି ପଛକୁ ଚାହିଁନି । ହେଲେ କିନ୍ତୁ ଭୁଲି ପାରିନି ତାର ସେ ମଧୁର ଅତୀତ ଗାଁ କୁ । ଅନେକ ଥର ଭାବିଛି ଫେରିଯିବ ପୁଣି ତାର ସେ ଗାଁ ଦାଣ୍ଡ ଧୂଳି ଖେଳକୁ । ହେଲେ ପାରିନି । ସେଠି ଚନ୍ଦନ ସହିତ ଆଉ କ'ଣ ଆଖି ରେ ଆଖି ମିଶେଇ ବାର ସାହସ ଜୁଟାଇ ପାରିବ ? ଆଜି ବି ଗାଁ ର ଫୁଲ ଗୁଡାକ ହସି ହସି ଝୁଲି ପଡୁଥିବେ । ଶରତ ଫେରେ ହେଲେ ଛାୟା ଫେରି ପାରେନି ତାର ସେଇ ଅତୀତରୁ ।

ଆଜି କିନ୍ତୁ ଯିବାକୁ ହେବ ଗାଁ କୁ । ସାନ ଭଉଣୀ ମାୟା ର ବାହାଘର । ବୋଉର ଏକା ଜିଦ୍ ତୁ ବାହାଘର ପାଞ୍ଚ ଦିନ ପୂର୍ବରୁ ଆସିବୁ । ହେଲେ ମୁଁ କଣ ଯାଇ ପାରିବି ଏତେ ଆଗରୁ ? ଛୁଟି ମିଳିବନି କହି ମଙ୍ଗଳକୃତ୍ୟ ରାତିରେ ପହଞ୍ଚିବି ବୋଲି କହି କଥାଟାକୁ ଏଡ଼ାଇ ଦେଇଥିଲି । ସେ ଯାହା ବି ହେଉ, ଆଉ କେତେ ସମୟ ପରେ ଗାଁ ଆସିଯିବ । ହୃଦୟରେ ଅପୂର୍ବ ରୋମାଞ୍ଚ । ମନରେ ଉଦ୍ଦାମତା । ହାତ ପାଦ ସବୁ ଝାଳେଇ ଆସୁଥାଏ । ଠିକ୍ ସମୟ ରେ ବସ୍ ଅଟକି ଗଲା । ଗାଁ ର ସେଇ ମାଟି ବାଲି ରାସ୍ତା ଉପରେ, ସବୁ ବଦଳି ଯାଇଛି । ଗାଁ ମାଟି ଗୋଡି ରାସ୍ତା ପରିବର୍ତ୍ତନ ହୋଇଯାଇଛି, ଏଇ ପାଞ୍ଚ ବର୍ଷ ମଧ୍ୟରେ । ବସ୍ ରୁ ଓହ୍ଲାଇ ଛାୟାର ପାଦ ଗୁଡାକ ଖୁବ୍ ଜୋର ରେ ମାଡ଼ି ଚାଲିଥାନ୍ତି ଆଗକୁ ଆଗକୁ । ଏତେ ବର୍ଷ ପରେ ଚନ୍ଦନକୁ ଟିକେ ଦେଖିବାର ସୁଯୋଗ ମିଳିବ ? ହେଲେ ସେ କଣ ବୁଝି ପାରିବ ? ଏଇ ହୃଦୟର ଅକୁହା କଥା ଗୁଡାକ..ନା ଅଜାଡି ଦେବ ତା ମନର ଘୃଣା ଦ୍ୱେଷ ? ତଥାପି ଅନେକ ଆଶା ଆକାଂକ୍ଷା ? କେତେବେଳେ ଘର ଆସି ଗଲାଣି ଜଣା ପଡ଼ିଲାନି । ଘରଟା ଭିତରେ ପ୍ରବେଶ କରୁ କରୁ ଏତେ ଭିଡ଼ ଭିତରେ ଏକ ଅଜବ ଶୂନଶାନ୍ । ଏହା ଭିତରେ କେତେ ଥର ଦୌଡ଼ି ଗଲାଣି ଛାତ ଉପରକୁ । ହେଲେ ଚନ୍ଦନ ସହିତ ଦେଖା ହୋଇ ପାରୁନି କେଉଁଠି ବି ? ଏତେ ଅଭିମାନ ? ରାତି ବିତିଗଲା ମନର ଅନେକ ପ୍ରଶ୍ନ ଉତ୍ତରରେ, ଆଉ ଅପଲକ ନୟନରେ । ମାୟାର ବାହାଘର ଦିନ ଉପନୀତ । ସମସ୍ତେ ଚଳ ଚଞ୍ଚଳ । ହେଲେ ଛାୟା ଚାହିଁ ରହିଥାଏ ଚନ୍ଦନର ଘର ଝରକାକୁ । ଅତୀତର ଏଇ ଝରକା ହିଁ ଥିଲା, ତାର ଭାବ ଆଦାନ ପ୍ରଦାନର ଏକ ମାତ୍ର ସାହାରା । ସମସ୍ତଙ୍କୁ ଲୁଚେଇ ଆଖିର ଅଜବ ଭାଷା ସବୁ ଅନୁବାଦ ହୋଇଯାଏ, ଏଇ ଝରକାରେ । ଛାୟାର ଆଜି ବି ଆଶା ଚନ୍ଦନକୁ ଦେଖିବାର, ଆଜି ବି ମାଧମ ସାଜିବ ଏଇ ଝରକା । ଅପଲକ ନୟନ ରେ ଚାହିଁ ରହିଥାଏ । ଆଶା ଆଉ କିଛି ପ୍ରତ୍ୟାଶା । ସବୁ ପ୍ରତୀକ୍ଷାର ଅନ୍ତ କରି ଚନ୍ଦନ ବାହାରି ଆସିଥିଲେ ଘରୁ । ଅଫିସ ସମୟ ହୋଇ ଯାଇଥିଲା ବୋଧେ ତାଙ୍କର । ସେଇ ଚେହେରା,ସେଇ ରଂଗ, ସେଇ ଆଖି । ଯେମିତି ସେ ତାକୁ ପାଞ୍ଚ ବର୍ଷ ଆଗରୁ ଛାଡ଼ି ଦେଇ ଯାଇଥିଲା । କିଛି ବି ବଦଳି ନ ଥିଲା । ବୟସଟା ଯେମିତି ଚନ୍ଦନ ପାଖେ ଅଟକି ଯାଇଥିଲା । ଛାୟା ପାଲଟି ଯାଇଥିଲା ଜଡମୂକ ।

ଚନ୍ଦନ ବାରମ୍ବାର ଘରୁ ବାହାର, ଭିତର ହେଉଥାନ୍ତି । ସତେ ଯେମିତି କିଛି ଗୋଟାଏ ସେ ଖୋଜି ବୁଲୁଥାନ୍ତି । ବହୁ ଚେଷ୍ଟା କଲା ଛାୟା, ଦୌଡ଼ି ଯିବ ଚନ୍ଦନ ପାଖକୁ । ଆଉ କହିଦେବ ଅତୀତର ବିବଶତା । ହେଲେ ଅତୀତର ବିବଶତା ଅପେକ୍ଷା ସେ ଆହୁରି ବିବଶ ଆଜି । ତେଣୁ ଆଜି ବି ଫେଲ୍ ମାରିଛି, ସେଦିନ ପରି । ଦୂରରୁ ଆଖି ପୁରେଇ ଦେଖି ନେଉ ନେଉ, ମନ ଭିତରେ ସ୍ମୃତି ର ଜୁଆର ଅସମ୍ଭାଳ । ସେଗୁଡିକୁ ସମ୍ଭାଳିବା ତା ପକ୍ଷେ ଅସମ୍ଭବ ହୋଇ ପଡ଼ିଛି । ଆଉ ପାରିଲାନି... ସେ ଜାଣିପାରିଲା, ସେ ଯଦି ଆଉ କିଛି ମୁହୂର୍ତ୍ତ ଚନ୍ଦନକୁ ଦେଖିବ,ଏଇ ଜୁଆରକୁ ଆଉ ଅଟକେଇ ପାରିବନି । ସେ ତାର ସବୁ ସୀମା ପାର କରିଦେବ । ମାନ ଅପମାନ କୌଣସି ଶୃଙ୍ଖଳା ତାକୁ ବାନ୍ଧି ପାରିବ ନାହିଁ । ଏବେ ହିଁ ସେ ଫେରି ଯିବ । ଚନ୍ଦନ ତାକୁ ଦେଖିବା ଆଗରୁ , ସେ ଚାଲିଯିବ ଖୁବ୍ ଦୂରକୁ । ଛାତିରେ ଜମାଟ ଲୁହର ବରଫ ଖଣ୍ଡ ସବୁ ତରଳି ବୋହି ଯିବା ଆଗରୁ ସେ ଫେରେଇ ନେଲା ତା ଦୃଷ୍ଟିପଥରେ । ବନ୍ଦ କରି ଦେଲା ସେ ଘରର ଝରକାଟା । ଆଉ ସଜାଡି ବସିଲା ତାର ବ୍ୟାଗ୍ ଖଣ୍ଡକ । ହେଲେ ଚେଷ୍ଟା କରି ମଧ ବନ୍ଦ କରି ପାରୁ ନଥିଲା, ତା ମନର ଝରକାଟିକୁ । ଯେଉଁ ଥିରେ ଥିଲା ଚନ୍ଦନର ଅବାଧ ପ୍ରବେଶ ....

+ନୟାଗଡ଼
ମୋ: ୯୪୩୭୯୮୫୮୬୬

# ଛୋଟ ଗପ

# ଶୈଶବ

## ନଗେନ୍ଦ୍ର ନାଥ ପଟ୍ଟନାୟକ



'ହେଇ ଶୁଣ, ଏବେ ମୁଁ ଫେରି ଯାଉଛି ଘରକୁ'-ମାଆ ଟିକେ ଅଭିମାନ କରି କହିଲେ ।

-ଆଲୋ ମାଆ କିଛିଦିନ ରହିଯାଉନା, ଏବେ ଖାଲି ଶ୍ରୁତିର ଗୋଟେ ପରୀକ୍ଷା ପେପର୍ ଯାହା ବାକି ଅଛି । ଖୁବ୍ ଆଗ୍ରହର ସହ ସୋନାଲ କହିଲା ମାଆକୁ ।

-ନାଇଁ ଝିଅ, ଏଣେ ଶିବାନୀ ବି ଝୁରୁଥିବ, ମତେ ଖୁବ୍ ମନେ ପକାଉଛି ସେ । ଗତକାଲି ସୁଷମା ଫୋନ ଯୋଗେ ମତେ କହୁଥିଲା । ପ୍ରକୃତରେ ନିଜ ନାତିଟୋକା କଥା ମନେ ପଡୁଥିଲା ମାଆର ।

- ଠିକ୍ ଅଛ, ଏବେ ତୁମେ ନିଜ କରଜ ଟଙ୍କା ସୁଧକୁ ଖୁବ୍ ଭଲ ପାଉଥିବ, ମୋ ଝିଅକୁ ତୁମେ ସ୍ନେହଶ୍ରଦ୍ଧା କରିବ କାହିଁକି ? ସୋନଲ ଚିଡାଉଥିଲା ମାଆକୁ । ମାଆ ବି ମିଛିମିଛିକା ଚିଡିଚିଡି ହେଇ ଫେରନ୍ତା ବାଟରେ ଚାଲିଗଲା ।

- ତୋ ମାମା କଅଣ କହୁଥିଲା ଶ୍ରୁତି ? ଜେଜେମା ଫୋନ କଲ୍ ଆସିବା ମାତ୍ରେ ଶ୍ରୁତି ବଡ ପାଟିରେ କହିଲା ମାଆ ଖାଇବା ତିଆରୁଛନ୍ତି ଜେଜେମା . . . . ତୁମେ କାଇଁକି ଚାଲିଗଲ ଯେ . . . . ଜାଣିଚ ନା ମୋର ଗୋଟେ ପରୀକ୍ଷା ପେପର୍ ସରି ଯାଇଥିଲେ ହୁଏତ ସାଥି ହୋଇ ଗୋଟିଏ ବଢିଆ ମନୋରଂଜନଧର୍ମୀ ଓଡିଆ ସିନେମା ଦେଖିବାକୁ ଯାଇଥାନ୍ତେ । ଜେଜେମାକୁ ଚିଡାଉଥିଲା ଶ୍ରୁତି ।

- କଣ ? ମତେ ଆଗରୁ ଜଣେଇଥିଲେ ମୁଁ ବି ଅଟକି ଯାଇଥାନ୍ତି ନା . . . ଜେଜେମା ମନୋଦଶାକୁ ପରଖି ମାଆକୁ ଫୋନ ଧରାଇବାକୁ ଉଚିତ ମଣିଲା ଶ୍ରୁତି ।

- କଣ ହେଲା ମାଆ ? ବେଶ୍ ଉତ୍ସାହ ଓ ଉତ୍କଂଠାର ସହ ପଚାରିଲା ସୋନଲ ।

-ତୁମେ ମତେ କାହିଁକି କହିଲନି ଏ ବାବଦରେ.. . ବରଂ ମୁଁ ସେଇଠି ରହିଥାନ୍ତି । କେବେ ବି ଗୋଟେ ଦିନ ମତେ କହିନଥିଲ ଚାଲ ସିନେମା ଦେଖି ଆସିବା ବୋଲି । ମୁଁ ଚାଲିଗଲା ପରେ ପରେ ତୁମକୁ ସିନେମା ଦେଖା ନିଶା ଘାରିଲା । ତୁମେମାନେ ତୁରନ୍ତ ଚାଲିଗଲ ସିନେମା ଦେଖିବାକୁ । ଦୁଃଖ , ଉଦାସ ଓ କ୍ରୋଧ ଫେଂଟାଫେଂଟି ସ୍ୱଷ୍ଟ ବାରି ହୋଇ ପଡୁଥଲ ମା'ଙ୍କ ସ୍ୱରରେ । ଭିତରେ ଏକ ଅବ୍ୟକ୍ତ, ଅକୁହା ପୀଡା ଯନ୍ତ୍ରଣା ଅନୁଭବ କରୁଥଲା ସୋନଲ । ସେ ଭାବୁଥିଲା ମାଆକୁ ଏ ଶ୍ରୁତିକଟୁ କଥା କେତେ ଖରାପ ଲାଗୁଥବ ନିଶ୍ଚୟ ।

- କିନ୍ତୁ ମାଆ, ତୁମେ ତ ପରେ ଚାଲିଯିବ ନା . . . . ଶ୍ରୁତି ତ ତା ଜିଦ୍‌ରେ ଅଟଳ । ଅବସୋସ ଦାନା ବାନ୍ଧୁଥଲା ତା ମନରେ । ଶବ୍ଦ ଅଟକି ଯାଉଥିଲା ମାଆ ସୋନଲର ଗଳାରେ ମଧ୍ୟ ।

- କଣ ଶୁଣିବି ଏବେ . . . . ? ଜାଣିଛ ନା କେବେଠୁ ଇଛା ଥିଲା କୁଆଡେ ଯାଇ ଢେଉଢେଉକା ପାହାଡ ଚଢିବା ପାଇଁ । ଏଥରକ ସେ କଥା ଭାବିଲାରୁ ତୋ ଭାଇ କହିଲା -ନାଇଁ ମାଆ, ତୋ କାନରେ ମେସିନ ଲଗେଇବା ନିହାତି ଜରୁରୀ, ପହିଲେ ଏଇ କାମ ଇ କରିବ । ଆରେ ତୁ ବି ମତେ ସିନେମା ଦେଖେଇ ନେଲୁନି । ମା'ଙ୍କ କଂଠସ୍ୱର ଆହତ ଥିଲା ଭଳି ଅନୁଭବ କଲା ସେ ।

- ଏମିତି ନୁହେଁ ମାଆ, ତୁମେ ଟିକେ ମନଦେଇ ଶୁଣନା . . . . . ସୋନଲ କହିବାକୁ ଆଗ୍ରହ କଲା ।

-ହଁ ସତକଥା ନା . . . . ଉତରପିଢିର ବୃଦ୍ଧବୃଦ୍ଧା ତ ଏବର ପିଢିକୁ ନାପସନ୍ଦ କରନ୍ତି । ବୋଝ ଭଳି ଲାଗନ୍ତି ବୋଲି କହି ମାଆ ଫୋନଟିକୁ ଝଟକିନା କାଟି ଥୋଇଦେଲା । କଥା ପଦକ ଆଖି ପିଛୁଡାକେ ତୁଣ୍ଡ ବାଇଦ ସହସ୍ର କୋଶ ଭଳି କୋଉଠି ନା କୋଉଠି ପହଁଚିଗଲା । ସୋନଲ ଫୋନ କଲ୍‌ବ୍ୟାକ୍ କଲାରୁ କୌଣସି ଜବାବ ଆସୁନଥିଲା ସେପଟୁ । ଆଜି ଦୁଇଦିନ ପରେ ସୋନଲ୍ ଯେତେବେଳେ ସ୍ମାଟଫୋନରେ ମିସ୍‌କଲ୍ ଗୁଡିକ ଆଖି ପୂରେଇ ନିରେଖିଲା ଝଟକିନା ଫୋନ ଲଗେଇଲା । ସେପଟୁ ଫୋନ ଅବଶ୍ୟ କଟି ଯାଇଥିଲା । ଦୁଇ ତିନିଥର ପୁଣି ଫୋନ ଲଗେଇଲା , ହେଲେ ଫୋନ ଲାଗୁ ନଥିଲା ସେପଟୁ । ସେଇଠୁ ଭୀଷଣ ବିଗିଡିଯାଇ ସେ ଭାଉଜକୁ ଫୋନ ଲଗେଇଲା ।

-ନାନୀ . . . . ମା କଥା ବହୁତ ମନେ ପଡୁଥିବ ତୁମର, ହେଲେ ଏବେ ସିଏ କଥାବାର୍ତା କେମିତି କରୁଥବ ? ସେଇଠୁ ଭାଉଜ କଥାର ରହସ୍ୟ ଭେଦକରି କହିଲେ -ହଁ, କଥାତ ଏମିତି । ଚାଲ ଦେଖି ଆସିବ ସିଏ କେମିତି ଉଦାସ ବିମର୍ଷ ମନରେ ଗାଲରେ ହାତଦେଇ ବସି ରହୁଛନ୍ତି ।

-ଚାଲ-ଚାଲ ,କଣ କଣ ଖାଇବା ଚଳିବ ତାଙ୍କର . . . . ଚାଟ୍ ପକୋଡି, ଦହିବରା, ଆଳୁ ଚିପସ୍ ହେରିକା . . . . . .

ଅଗଣାରେ ସୋନଲର ଆବାଜ ଶୁଣୁଶୁଣୁ ମୁହଁରେ ହସ ଉକୁଟିଆସିଲା ପୋପଲ୍‌ର । ଯାହାହେଉ ଶିବାନୀ,ମୋର ନକଲି ଦାନ୍ତ ଜଲଦି ନେଇ ଆଣ । ଖୁଡୀ ଆସିଛନ୍ତି ମତେ ନେବାକୁ ।

- ପୋପଲ ପାଟିରେ ପେଟିସ୍ ଖାଇ ପାରିବ ନାଇଁ । ଆରେ ହଁ, ସେଲଫି ବି ଭଲ ଆସିବନି । ଖିଲିଖିଲି ହସ ହସି ମାଆ କହି ପକାଇଲେ । ବୟସ ଭାରରେ ନଇଁପଡି ବିଚାରୀ ଉଦାସ ଦିଶୁଥବା ମାଆ ଭିତରେ ପିଲାଟି ପୁଣିଥରେ ଆଶାବାଦୀ ହୋଇ ଯାତ୍ରାପଥରେ ବାହାରି ଯିବାକୁ ଉଛନ୍ନ ହୋଇ ପଡୁଥିଲା ।

♥ ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ,
ଓଡିଶା ସରକାର
ଓସ୍କାର ସିଟି,ଲ କ୍ଷମୀସାଗର କେନାଲ
ରୋଡ, ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

ସାଂପ୍ରତିକୀ

# ନୂତନ ସଂସଦ ଉଦ୍ଘାଟନ ବନାମ ନୀତି ଆଚରଣ

## ଡକ୍ଟର ଲକ୍ଷ୍ମଣ ସାହୁ

ଆସନ୍ତା ୨୮ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆ ସଂସଦ ଭବନକୁ ଉଦଘାଟନ କରିବେ । ଏନେଇ ଗତ ୧୮ ତାରିଖରେ ଲୋକସଭା ସଚିବାଳୟ ପକ୍ଷରୁ ଘୋଷଣା କରାଯାଇଛି । ତେବେ ପ୍ରଧାନମନ୍ତ୍ରୀ ନୁହନ୍ତି, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ନୂତନ ସଂସଦ ଭବନକୁ ଉଦଘାଟନ କରିବା ଉଚିତ୍ ବୋଲି କଂଗ୍ରେସ ସମେତ ୧୯ଟି ବିରୋଧୀ ଦଳ ପକ୍ଷରୁ ଏହି କାର୍ଯ୍ୟକ୍ରମକୁ ବୟକଟ ଘୋଷଣା କରାଯାଇଥିଲା । ପ୍ରଧାନମନ୍ତ୍ରୀ ସରକାରର ମୁଖ୍ୟ ହୋଇଥିବା ବେଳେ ରାଷ୍ଟ୍ରପତି ଦେଶର ମୁଖ୍ୟ ଅଟନ୍ତି । ତେଣୁ, ରାଷ୍ଟ୍ରପତି ନୂତନ ସଂସଦ ଭବନ ଉଦ୍‌ଘାଟନ କରିବା ଉଚିତ ବୋଲି ବିରୋଧୀ ଦଳମାନେ ଯୁକ୍ତି ବାଢ଼ିଛନ୍ତି । ଏପରିକି ଏନେଇ ସୁପ୍ରିମକୋର୍ଟରେ ମଧ ପିଟିସନ୍ ଦାୟର ହୋଇଥିଲା । ଓକିଲ ସି.ଆର. ଜୟ ସୁକିନ୍ ଫାଇଲ୍ କରିଥିବା ଉକ୍ତ ପିଟିସନ୍‌ରେ ଉଲ୍ଲେଖ ଅଛି ଯେ, ଉଦ୍‌ଘାଟନ ଉତ୍ସବରେ ରାଷ୍ଟ୍ରପତିଙ୍କୁ ଅନ୍ତର୍ଭୁକ୍ତ ନ କରାଇ କେନ୍ଦ୍ର ସରକାର ଭାରତର ସମ୍ବିଧାନ ଉଲ୍ଲଂଘନ କରିଛନ୍ତି ।

ତେବେ ସେ ଯାହା ହେଉନା କାହିଁକି , ଇତି ମଧ୍ୟରେ ନୂତନ ସଂସଦ ଭବନ ଉଦଘାଟନୀ ଉତ୍ସବରେ ୨୫ଟି ରାଜନୈତିକ ଦଳ ଯୋଗଦେବେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି । ପୂର୍ବରୁ କଂଗ୍ରେସ ସମେତ ୧୮ଟି ଅନ୍ୟ ଦଳ ଏହି ଉତ୍ସବ ଠାରୁ ନିଜକୁ ଦୂରେଇ ରଖିବେ ବୋଲି କୁହାଯାଉଥିଲା । ସେ ସବୁ ଦଳଗୁଡ଼ିକର ୨୪୨ ଜଣ ସାଂସଦ ଉଭୟ ଲୋକସଭା ଓ ରାଜ୍ୟସଭାରେ ରହିଛନ୍ତି ।

ପ୍ରଧାନମନ୍ତ୍ରୀ ସରକାରର ମୁଖ୍ୟ ହୋଇଥିବା ବେଳେ ରାଷ୍ଟ୍ରପତି ଦେଶର ମୁଖ୍ୟ ଅଟନ୍ତି । ତେଣୁ, ରାଷ୍ଟ୍ରପତି ନୂତନ ସଂସଦ ଭବନ ଉଦ୍‌ଘାଟନ କରିବା ଉଚିତ ବୋଲି ବିରୋଧୀ ଦଳମାନେ ଯୁକ୍ତି ବାଢ଼ିଛନ୍ତି । ଏପରିକି ଏନେଇ ସୁପ୍ରିମକୋର୍ଟରେ ମଧ ପିଟିସନ୍ ଦାୟର ହୋଇଥିଲା । ଓକିଲ ସି.ଆର. ଜୟ ସୁକିନ୍ ଫାଇଲ୍ କରିଥିବା ଉକ୍ତ ପିଟିସନ୍‌ରେ ଉଲ୍ଲେଖ ଅଛି ଯେ, ଉଦ୍‌ଘାଟନ ଉତ୍ସବରେ ରାଷ୍ଟ୍ରପତିଙ୍କୁ ଅନ୍ତର୍ଭୁକ୍ତ ନ କରାଇ କେନ୍ଦ୍ର ସରକାର ଭାରତର ସମ୍ବିଧାନ ଉଲ୍ଲଂଘନ କରିଛନ୍ତି । ତେବେ ସେ ଯାହା ହେଉନା କାହିଁକି , ଇତି ମଧ୍ୟରେ ନୂତନ ସଂସଦ ଭବନ ଉଦଘାଟନୀ ଉତ୍ସବରେ ୨୫ଟି ରାଜନୈତିକ ଦଳ ଯୋଗଦେବେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି । ପୂର୍ବରୁ କଂଗ୍ରେସ ସମେତ ୧୮ଟି ଅନ୍ୟ ଦଳ ଏହି ଉତ୍ସବ ଠାରୁ ନିଜକୁ ଦୂରେଇ ରଖିବେ ବୋଲି କୁହାଯାଉଥିଲା । ସେ ସବୁ ଦଳଗୁଡ଼ିକର ୨୪୨ ଜଣ ସାଂସଦ ଉଭୟ ଲୋକସଭା ଓ ରାଜ୍ୟସଭାରେ ରହିଛନ୍ତି ।



ଉକ୍ତ ଏହି ଉତ୍ସବରେ ଯେଉଁ ଦଳଗୁଡ଼ିକ ଯୋଗଦେବେ ବୋଲି ଜଣାପଡିଛି ସେମାନଙ୍କ ମଧ୍ୟରେ ବିଜେପି, ଶିବସେନା , ଏନପିପି, ଏନଡିପିପି, ଏସକେଏମ, ଆରଏଲଜେପି, ଅପନା ଦଳ, ଆରପିଆଇ, ତାମିଲ ମାନିଲା କଂଗ୍ରେସ, ଏଆଇଏଡିଏମକେ, ଏଜେଏସୟୁ, ଏମଏନଏଫ, ୱାଇଏସଆରସିପି, ସିଡିପି, ଏସଏଡି, ବିଜେଡି । ତେବେ ଶେଷ ମୁହୂର୍ତ୍ତରେ ଆଉ କିଛି ଦଳ ଯୋଗଦେବା ନେଇ ଆଶା ପ୍ରକଟ କରାଯାଇପାରେ । ଏଠାରେ ସୂଚେଇ ଦେବାକୁ ଚାହେଁ ଗତ ୨୦୨୦ ମସିହା ଡିସେମ୍ବର ୧୦ ତାରିଖରେ ପିଏମ୍ ମୋଦୀ ନୂଆ ସଂସଦ ଭବନର ନିର୍ମାଣର ଶିଳାନ୍ୟାସ କରିଥିଲେ । ଏନେଇ ୨୦୧୯ ମସିହା ଅଗଷ୍ଟ ୫ରେ ଲୋକସଭା ଓ ରାଜ୍ୟସଭାରେ ସୂଚନା ଦିଆଯାଇଥିଲା । ନିର୍ମାଣ ପାଇଁ ୮୬୦ କୋଟି ଖର୍ଚ୍ଚ ଆକଳନ କରାଯାଇଥିଲେ ମଧ ତାହା ୧୨୦୦ କୋଟିରେ ପହଞ୍ଚି ଯାଇଥିଲା । ଏହି ୪ ମହଲା ବିଶିଷ୍ଟ ଭବନରେ ୧୨୨୪ ଜଣ ସାଂସଦ ବସିବାର ବ୍ୟବସ୍ଥା ରହିଛି ।

ଗୋଟିଏ ଦୃଷ୍ଟିରେ ଏହା ବୁଝିହେବ ଯେ କେବଳ ଗତ ଚାରି-ପାଞ୍ଚ ବର୍ଷର ଘଟଣାଗୁଡ଼ିକ ସ୍ୱାଧୀନତାର ପାଞ୍ଚ ବର୍ଷ ମଧ୍ୟରେ ( ୧୯୪୭ ରୁ ୧୯୫୨ ପୂର୍ବରୁ, ଭାରତୀୟ ରାଜ୍ୟର ଚରିତ୍ର 'ଗଠନ' ସହିତ ପ୍ରତିଦ୍ୱନ୍ଦ୍ୱିତା କରିପାରିବ, ପ୍ରଥମ ଜାତୀୟ ନିର୍ବାଚନ) ଗତ ସାତ ଦଶନ୍ଧି ମଧ୍ୟରେ ଏଭଳି ମୌଳିକ 'ନିର୍ମାଣ' କିମ୍ବା 'ସଜାଡିବା' ଦେଖାଯାଇ ନାହିଁ ବୋଲି କହିବା ଅତ୍ୟୁକ୍ତି ହେବନାହିଁ । କିଛି ଦିନ ପୂର୍ବରୁ ଏକ ସାକ୍ଷାତକାରରେ ରାମଚନ୍ଦ୍ର ଗୁହା ଏହା ଉପରେ ଏକ ପର୍ଯ୍ୟବେକ୍ଷଣ ରଖିଥିଲେ । ଯେପରି ଭାରତୀୟ ସମ୍ବିଧାନ ଅଜାଣତରେ ପୁନଃ ଲିଖନ କରାଯାଉଛି । ଗଣତାନ୍ତ୍ରିକ ଗଣତନ୍ତ୍ରର ଚେହେରା ଏକ ଗଭୀର ଓ ବ୍ୟାପକ ଢଙ୍ଗରେ ବଦଳୁଛି । ନଚେତ୍ ନବନିର୍ମିତ ସଂସଦ ଭବନର ଉଦଘାଟନକୁ ନେଇ ଏଭଳି ତର୍କ ବିତର୍କ ହୁଅନ୍ତା ନାହିଁ । ଭାରତୀୟ ରାଷ୍ଟ୍ରୀୟ ପ୍ରଥମ ତଥା ପ୍ରମୁଖ ବ୍ୟକ୍ତି ରାଷ୍ଟ୍ରପତିଙ୍କ ବିନା ଏଭଳି ଏକ ଐତିହାସିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇପାରି ନଥାନ୍ତା । ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ବିନା ଦ୍ୱିଧାରେ ଏଭଳି ପଦକ୍ଷେପ ନେଇ ପାରିଛନ୍ତି । ମେ ୨୮ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ବିନା ସଂସଦର ଉଦଘାଟନ ହେବାକୁ ଯାଉଛି । କେବଳ ସେତିକି ନୁହେଁ ପୂର୍ବତନ ରାଷ୍ଟ୍ରପତି ରାମ ନାଥ କୋବିନ୍ଦଙ୍କୁ ମଧ ବାଦ ଦିଆଯାଇଛି । ବର୍ତ୍ତମାନର ତଥା ପୂର୍ବତନ ରାଷ୍ଟ୍ରପତିଙ୍କ ଅନୁପସ୍ଥିତିରେ ଏହି କାର୍ଯ୍ୟକ୍ରମର କେନ୍ଦ୍ରରେ ରହିବେ - ଅବଶ୍ୟ ନିଜେ ସ୍ୱୟଂ ପ୍ରଧାନମନ୍ତ୍ରୀ । ତେଣୁ ଅନୁମେୟ ଏହି ପରିପ୍ରେକ୍ଷୀରେ ରାଷ୍ଟ୍ରର ରୂପରେଖ ଆକାର ଓ ପ୍ରକାର ବଦଳୁଛି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ତେବେ ଯେତେବେଳେ ରାମନାଥ କୋବିନ୍ଦ କିମ୍ବା ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ, ସେତେବେଳେ ମୋଦୀ ସରକାରଙ୍କ ଭୂମିକା ଉତ୍ସାହଜନକ ଥିଲା । ସ୍ୱାଭାବିକ ଢଙ୍ଗରେ ସେତେବେଳେ ଅନେକ କଥାବାର୍ତ୍ତା, ଅନେକ ଭାବପ୍ରବଣ ଶବ୍ଦ ଶୁଣା ଯାଇଥିଲା । କାରଣ ପ୍ରଥମଟି ଦଳିତ, ଦ୍ୱିତୀୟଟି ଜନ ଜନଜାତିର ଗୋତ୍ରଭୁକ୍ତ ମହିଳା । ଏହା ନିଶ୍ଚିତ ଭାବେ ରାଷ୍ଟ୍ର ପାଇଁ ଗର୍ବର ବିଷୟ । କିନ୍ତୁ ଏତେ ଦିନ ପର୍ଯ୍ୟନ୍ତ ସେହି ଗୌରବ, ଯେପର୍ଯ୍ୟନ୍ତ ପଦଟି ନିଜ ପ୍ରକୃତ ଗୌରବରେ ପ୍ରକାଶ ହୋଇପାରିବ । ଭୋଟ୍ ଦେବା ଉଦ୍ଦେଶ୍ୟରେ ସେମାନଙ୍କର ପରିଚୟକୁ ଏହି ଉପାୟରେ 'ବ୍ୟବହାର' କରିବା ଓ ସେମାନଙ୍କୁ ରାଷ୍ଟ୍ରୀୟ କାର୍ଯ୍ୟରେ ସର୍ବୋଚ୍ଚ ସ୍ତରକୁ ନିମନ୍ତ୍ରଣ ନକରିବା ଦୁଃଖ ଦାୟକ । ସତେ ଯେମିତି ଏଭଳି ଏକ ଶବ୍ଦରେ, ସର୍ବନିମ୍ନ ସ୍ତରରେ ରାଜନୈତିକ ସୁବିଧାବାଦୀତା ଓ ଗଣତାନ୍ତ୍ରିକ ରାଷ୍ଟ୍ରଗୁଡିକର ପଦୋନ୍ନତି ରାଷ୍ଟ୍ରପତି ନାମକ ଅନୁଷ୍ଠାନର ମହାନତା ତାଙ୍କୁ କେବଳ ଭୋଟର ଅସ୍ତ୍ର ଭାବରେ ଅବନାମିତ କରିଛି । ସମାଧାନ କରିବାକୁ ସଂଖ୍ୟା କିମ୍ବା ପ୍ରତୀକ ସହିତ ଅକ୍ଷର ମଧ୍ୟ ବ୍ୟବହାର କରିଥିଲେ । ରାହୁଲ ଗାନ୍ଧୀ ଓ ଅନ୍ୟ କଂଗ୍ରେସ ନେତାଙ୍କ ସମେତ ବହୁ ବିରୋଧୀ ରାଷ୍ଟ୍ରପତିଙ୍କୁ ନେଇ ପ୍ରତୀକାତ୍ମକ ରାଜନୀତିକୁ ତୁରନ୍ତ ବନ୍ଦ କରିବାକୁ ଦାବି କରିଛନ୍ତି । କେହି କେହି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ସଂସଦର 'ମାଲିକ' ନୁହଁନ୍ତି ଯେ, ସେ ଏପରି କାର୍ଯ୍ୟ କରିପାରିବେ । ସେହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ କେବଳ ରାଷ୍ଟ୍ରପତିଙ୍କର। ଯିଏ ଦେଶର ସର୍ବୋଚ୍ଚ ପଦବୀରେ ଅଛନ୍ତି ଓ ପ୍ରଥମ ନାଗରିକ ଭାବେ ସମ୍ବୋଧିତ, ସମ୍ମାନିତ ହୋଇଥାନ୍ତି ।

ତେବେ ରାଷ୍ଟ୍ରପତିଙ୍କ ଅସମ୍ମାନ କେବଳ ଏହି ଉଦ୍ଘାଟନୀ ସମାରୋହର କଳଙ୍କ ନୁହେଁ । ମେ ୨୮ ରେ ବିନାୟକ ଦାମୋଦର ସାବରକରଙ୍କ ଜନ୍ମଦିନ ଭାବରେ ସ୍ଥିର କରାଯାଇଛି । ଏହି ନିଷ୍ପତ୍ତି ଯାହା ଆକ୍ଷରିକ ଅର୍ଥରେ ସାଧାରଣ ନୁହେଁ, ଏହା ମଧ ଭାରତୀୟ ରାଷ୍ଟ୍ରର ପରିବର୍ତ୍ତିତ ଚରିତ୍ରର ଏକ ଅମୋଘ ଅସ୍ତ୍ରର ଅବିସ୍ମରଣୀୟ ପ୍ରତୀକ । ସ୍ୱାଧୀନତା ସଂଗ୍ରାମର ସମସ୍ତ ମହାନ ନେତାଙ୍କୁ ଛାଡି ରାଷ୍ଟ୍ର ସମ୍ବିଧାନର ବିଶିଷ୍ଟ ରଚୟତାଙ୍କୁ ଛାଡି ସାବାର୍କାରଙ୍କୁ ଏହି ଉପାୟରେ ତାଙ୍କର ଅପାରଗତାକୁ ବୃଦ୍ଧି କରିବା ସମଗ୍ର ଦେଶର ପାଇଁ ଅବମାନନା ହୋଇପାରେ । ସାମ୍ରାଜ୍ୟବାଦୀ ଶାସନର ସ୍ୱାକ୍ଷର ସହିତ , ଯେଉଁମାନେ ବିତର୍କ କରିବାକୁ ଚାହୁଁଛନ୍ତି, ସେମାନେ ପ୍ରମାଣକୁ ଖାତିର ନକରି ଏହା କରିପାରିବେ।

କିନ୍ତୁ ପ୍ରକୃତ କଥା ହେଉଛି ଏହି ଦେଶର ସାମ୍ରାଜ୍ୟବାଦୀ ବିରୋଧୀ ଆନ୍ଦୋଳନରେ ହିନ୍ଦୁ ଧର୍ମର ପ୍ରତିଷ୍ଠାତାଙ୍କର କୌଣସି ଗୁରୁତ୍ୱପୂର୍ଣ୍ଣ ଭୂମିକା ନଥିଲା । ତେଣୁ ନୂତନ ସଂସଦର ଉଦ୍ଘାଟନୀ ସମାରୋହ କିପରି ' ଐତିହାସିକ' ପାଲଟିବ ତାହା ବୁଝିବା କାହାକୁ କଷ୍ଟକର ନୁହେଁ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏହି ନୂତନ କୋଠା ଭାରତୀୟ 'ଅତୀତ, ବର୍ତ୍ତମାନ' ଓ ବୋଧହୁଏ 'ଭବିଷ୍ୟତ' ପରିବର୍ତ୍ତନର ଏକ ଅବିସ୍ମରଣୀୟ ପ୍ରତୀକ ପାଲଟିବ । କାରଣ ପ୍ରାଥମିକ ସ୍ତରରେ ପ୍ରଧାନମନ୍ତ୍ରୀ ମୋଦି ଏହାର ଶିଳାନ୍ୟାସ କରିଥିଲେ ଓ ଶେଷରେ ମଧ ସ୍ୱୟଂ ଉଦ୍ଘାଟନ କରିବାକୁ ଯାଉଛନ୍ତି...!!!

♥ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪
ଦୂରଭାଷା: ୯୦୪୦୧୫ ୧୪୭୫

ବହି

# 'ଜୀବନ ଦର୍ପଣ'ରେ ନିଜ ମୁହଁ ଦେଖିଲା ପରେ



## ଡ. ସାରଙ୍ଗଧର ତ୍ରିପାଠୀ

ସାଂପ୍ରତିକ ସମୟର ସବୁଠାରୁ ବଡ଼ ସମସ୍ୟା ହେଉଛି ବ୍ୟକ୍ତି ଜୀବନରେ ନୀତିନୈତିକତାର ଅଭାବ। ସେ ଭାରତୀୟ ସଂସ୍କୃତିର ଆଦର୍ଶ ଜୀବନବୋଧର ମହାମୂଲ୍ୟ ଉପଦେଶାବଳି ଏବଂ ମହାମନୀଷୀଙ୍କ ପ୍ରଦର୍ଶିତ ମାର୍ଗକୁ ଅନୁସରଣ ନକରୁଥିବା ହେତୁ ବ୍ୟକ୍ତି ଓ ସମାଜ ଚରିତ୍ରରେ ସ୍ଖଳନ ଦେଖାଯାଇଛି। ଏହି ସ୍ଖଳନରୁ କିଂଚିତ୍ ପରିମାଣରେ ରକ୍ଷା କରିବା ନିମନ୍ତେ ଉଦ୍ଦିଷ୍ଟ ସାହିତ୍ୟ ଶିଳ୍ପୀ ପଦ୍ମଲୋଚନ ବେହେରାଙ୍କ 'ଜୀବନ ଦର୍ପଣ' ଗ୍ରନ୍ଥ। ଗ୍ରନ୍ଥଟିରେ ରହିଛି ମୋଟ ଛଅଟି ପ୍ରବନ୍ଧ। ଯଥା - ଜନ୍ମ, ବ୍ରହ୍ମଚର୍ଯ୍ୟ ଜୀବନ, ଗୃହସ୍ଥାଶ୍ରମ, ସନ୍ନ୍ୟାସ ଜୀବନ, ମୃତ୍ୟୁ, ଜୀବନର ସାରତତ୍ତ୍ୱ ଇତ୍ୟାଦି। ମଣିଷର ସାମଗ୍ରିକ ଜୀବନର ଆରମ୍ଭ, ପରିଣତି ଓ ଗତିପ୍ରକୃତିର ଏକ ସଂକ୍ଷିପ୍ତ, ସାରଲ୍ୟ ଅଥଚ ଗାମ୍ଭୀର୍ଯ୍ୟପୂର୍ଣ୍ଣ ଅବତାରଣା କରାଯାଇଛି ଏହି ପୁସ୍ତକରେ। ମଣିଷର ଜୀବନ ଆରମ୍ଭ ହୁଏ ଜନ୍ମରେ ଆଉ ଶେଷ ହୁଏ ମୃତ୍ୟୁରେ। ମାତ୍ର ଏହି ଜନ୍ମ ଓ ମୃତ୍ୟୁ ମଧ୍ୟରେ ଯେଉଁ ଅଂଶଟି ରହିଲା ତାହାହିଁ ତ ଜୀବନ। ଏହି ଜୀବନ କିପରି ପରିଶୀଳିତ ଓ ତ୍ୟାଗପୂତ ହେବ ତାହାକୁ ଲେଖକ ଶ୍ରୀଯୁକ୍ତ ପଦ୍ମଲୋଚନ ବେହେରା ଭାରତୀୟ ଆର୍ଯ୍ୟ ସଂସ୍କୃତିର ଆଧାରରେ ଉପସ୍ଥାପନ କରିଛନ୍ତି। ବୈଦିକ ଆର୍ଯ୍ୟ ସମାଜରେ ଚତୁରାଶ୍ରମ ବା ବର୍ଣ୍ଣାଶ୍ରମ ପ୍ରଥା ପ୍ରଚଳନ ଥିଲା। ଯଥା - ବ୍ରହ୍ମଚର୍ଯ୍ୟ (୨୫ ବର୍ଷ ପର୍ଯ୍ୟନ୍ତ), ଗାର୍ହସ୍ଥ୍ୟ (୨୫ରୁ ୫୦ ବର୍ଷ ପର୍ଯ୍ୟନ୍ତ), ବାନପ୍ରସ୍ଥ (୫୦ରୁ ୭୫ ବର୍ଷ ପର୍ଯ୍ୟନ୍ତ) ଓ ସନ୍ନ୍ୟାସ (୭୫ରୁ ଜୀବନର ଶେଷ ପର୍ଯ୍ୟନ୍ତ)। ଏହି ସବୁ ସୋପାନ ଦେଇ ଏକ ଶୃଙ୍ଖଳିତ ନୀତିନିଷ୍ଠ ନିୟମାବଦ୍ଧ ଜୀବନ ଗଠିତ ହେଉଥିଲା।

ଗୀତାର ଅମୃତମୟ ବାଣୀ 'ଜାତସ୍ୟ ହି ଧ୍ରୁବୋ ମୃତ୍ୟୁର୍ଧ୍ରୁବଂ ଜନ୍ମ ମୃତ୍ୟସ୍ୟ ଚ' ଶ୍ଳୋକରୁ ଆରମ୍ଭ ହୋଇଛି ଏହି ପୁସ୍ତକ। ଜନ୍ମ ଅଛି ମାନେ ମରଣ ଅଛି। ଗଙ୍ଗାଧର ମେହେର ତାଙ୍କର 'ଇନ୍ଦୁମତୀ' କାବ୍ୟରେ କହିଲେ -

"ମର୍ତ୍ତ୍ୟମଣ୍ଡଳରେ ଜନମିଲେ ଦିନେ ଅବଶ୍ୟ ଅଛି ମରଣ,
ସର୍ବଗ୍ରାସୀ କାଳ ପ୍ରତି ନିମିଷକେ କରୁଛି ଆୟୁ ହରଣ।"

ନନ୍ଦକିଶୋର ବଳ ତାଙ୍କର 'ଋତୁଚିତ୍ର' କବିତାରେ କହିଲେ -

"ଏ ମର୍ତ୍ତ୍ୟମଣ୍ଡଳେ ଜନ୍ମଲଭି ଭାଇ, କେତେ କାଳ ଅବା ବଂଚିବ କିଏ,
ଭେଟିବା ସକଳେ ବେଳେ ସେହିଠାରେ ଆଗ ପଛ ହୋଇ ଯାଇଁ ସଭିଏ।"


ଅପର୍ଣ୍ଣା ଦେବୀ ତାଙ୍କର 'ଇନ୍ଦୁମତୀ' କାବ୍ୟରେ କହିଲେ -

"ନରହିବେ କେହି ଦେହୀ ଚିର ହୋଇ ଅଲଂଘ୍ୟ ନିୟତି ବଳେ,
କାଳ ସିନ୍ଧୁ ମୁଖେ ଚଳିବେ ସରବେ ଯଶଥିବ ମହୀତଳେ।"

ଜନ୍ମ ସହ ମୃତ୍ୟୁ ସମତାଳରେ ନିଃଶବ୍ଦରେ ପାଦ ଥାପି ଥାପି ଆଗେଇ ଥାଏ। ଚିନ୍ତାମଣି ମହାନ୍ତି କହିଲେ - "ଜନ୍ମ ପଛେପଛେ ମୃତ୍ୟୁ ନିଃଶବ୍ଦରେ, ଅବିଶ୍ରାମେ ସଦା ଧାଇଁଛି ସତ୍ୱରେ।" (ଘୁମୁସର କାବ୍ୟ) ଅର୍ଥାତ୍ ମନେହୁଏ ଜନ୍ମ ଠାରୁ ମୃତ୍ୟୁ ଅଭିନ୍ନ ନୁହେଁ। ଏମାନେ ପରସ୍ପର ପରିପୂରକ। ପୁଣି ଏହା ହଠାତ୍ ଆସେ। "ବଡ଼ କ୍ରୂର କାଳ ବଡ଼ ଅବିଶ୍ୱାସୀ, ହାବୋଡ଼ି ଯିବ ସେ ଆଚମ୍ବିତେ ଆସି।" (ରାଧାନାଥ) ଏ ସମ୍ପର୍କରେ ଲେଖକ ଶ୍ରୀଯୁକ୍ତ ବେହେରା ଏଠାରେ ଗୋଟିଏ ସୁନ୍ଦର ଗଳ୍ପର ଅବତାରଣା କରିଛନ୍ତି।

ସନ୍ନ୍ୟାସୀ ଭବିଷ୍ୟତ ବାଣୀ କରିଥିଲେ ରାଜପୁତ୍ର ମାତ୍ର ଷୋହଳ ବର୍ଷ ବୟସରେ ବ୍ୟାଘ୍ର ଆକ୍ରମଣରେ ମୃତ୍ୟୁବରଣ କରିବେ। ତେଣୁ ରାଜା ରାଜ୍ୟର ସୁଦୀର୍ଘ ପରିସୀମାକୁ ଅତ୍ୟୁଚ୍ଚ ଲୌହଖମ୍ବ ଦ୍ୱାରା ଆବଦ୍ଧ କରିଦେଲେ ଓ ଅହୋରାତ୍ର ପ୍ରହରୀମାନଙ୍କୁ ଜାଗ୍ରତ ରଖିବାର ବ୍ୟବସ୍ଥା କଲେ। ଏମିତି ଦିନ ପରେ ଦିନ ଚାଲିଗଲା। ମାତ୍ର ନିୟତିର ଖେଳ ବିଚିତ୍ର। ହଠାତ୍ ରାଜପୁତ୍ରଙ୍କ ମନରେ ଜାତ ହେଲା ବାଘର ରୂପରେଖ କିପରି। ଜନ୍ମରୁ ତ ସେ ବାଘ ଦେଖିନାହାନ୍ତି। ତେଣୁ ପତ୍ନୀଙ୍କୁ ବାଧ କଲେ ତା'ର ଏକ ଚିତ୍ର କାନ୍ଥରେ ଆଙ୍କିବା ପାଇଁ। ପତିବ୍ରତା ପତ୍ନୀ ସ୍ୱାମୀଙ୍କ ଆଦେଶକୁ ପାଳନ କଲେ ଓ ବ୍ୟାଘ୍ରର ଏକ ତୈଳଚିତ୍ର ଆଙ୍କିଲେ। ମାତ୍ର ଯେତେବେଳେ ତା'ର ଚକ୍ଷୁଦାନ ପୂର୍ଣ୍ଣାଙ୍ଗ ହେଲା, ସେତେବେଳେ ତାହା ହଠାତ୍ ଏକ ମହାବଳ ବାଘରେ ପରିଣତ ହେଲା ଓ ତା'ର ଆକ୍ରମଣରେ ରାଜପୁତ୍ରଙ୍କ ଜୀବନ ଗଲା। ଅତଏବ ମୃତ୍ୟୁ ଅଲଂଘ୍ୟ, ଅନିବାର୍ଯ୍ୟ। କାୟା ପଛରେ ଛାୟା ସଦୃଶ ତାହା ଆମର ଚତୁଃପାର୍ଶ୍ୱରେ ଘୂରି ବୁଲୁଛି।

ହେଲେନ୍ କେଲର କହିଲେ - **"Death is no more than passing from one room into another."** ଗୀତାରେ କୁହାଯାଇଛି 'ବାଂସାସି ଜୀର୍ଣ୍ଣାନି ଯଥା ବିହାୟ'। ଅର୍ଥାତ୍ ଜୀବାତ୍ମା ପୁରାତନ ଶରୀର ତ୍ୟାଗ କରି ନୂତନ ଶରୀର ଧାରଣ କରେ। ଜନ୍ମମରଣ ଚକ୍ର ଏମିତି ଲାଗିରହିଥାଏ। ପ୍ରାରବ୍ଧ ତଥା ଇହକାଳର ସୁକର୍ମାନୁସାରେ ପାପ ବା ପୁଣ୍ୟଫଳ ଭୋଗ କରିବାକୁ ପଡ଼େ। କର୍ମଫଳ ଭୋଗ କରିବାକୁ ସମସ୍ତେ ବାଧ। ତେବେ ବହୁ ସୁକାର୍ଯ୍ୟର ସାଧନା ଦ୍ୱାରା ଆମେ ଦୁର୍ଲଭ ମାନବ ଜନ୍ମ ପ୍ରାପ୍ତ ହୋଇଥିବା ସତ୍ତ୍ୱେ ସାଂସାରିକ ମୋହମାୟାର ଜାଲରେ ନିପତିତ ହୋଇ ପ୍ରକୃତ ମାର୍ଗକୁ ପାସୋରି ଯାଉଛୁ। ଏପରି ଜନ୍ମ ବାରମ୍ବାର ମିଳୁନଥିବାରୁ ପ୍ରତ୍ୟେକ ବ୍ୟକ୍ତି ଆଦର୍ଶ କର୍ମରେ ଲିପ୍ତ ହେବା ଉଚିତ୍। ଭାଗବତ କହେ - "କର୍ମଟି ସୁଖଦୁଃଖ ଦାତା, ବିଶ୍ୱ ସଂସାରେ ବଳବନ୍ତା।" କର୍ମ ଆଧାରରେ ବ୍ୟକ୍ତି ସଂସାରରେ ପୂଜିତ ବା ନିନ୍ଦିତ ହୁଏ। ଜୀବାତ୍ମାର ସଦ୍‌ଗତି ପାଇଁ ପ୍ରଯତ୍ନ ହିଁ ଏକମାତ୍ର କାମ୍ୟ। ସେହି ପ୍ରଯତ୍ନ ଏବେଠାରୁ, ଏହି କ୍ଷଣରୁ। କାରଣ କାଲି କେବେ ଜୀବନରେ ଆସେନା।




ଏହି ମୁକ୍ତି କିପରି ଲାଭ କରିହେବ, ତା'ର ମାର୍ଗ ଲେଖକ ବତାଇଛନ୍ତି। ଲେଖକ କହୁଛନ୍ତି ସଦ୍‌ଗୁରୁଙ୍କୁ ଆପଣେଇବାକୁ ପଡ଼ିବ। କାରଣ "ଗୁରୁବିନୁ ଭବନିଧି ତରଇ ନ କୋଇ, ଯୋ ଶଙ୍କର ସମ ହୋଇ।" ପିତାମାତାଙ୍କ ଆଶୀର୍ବାଦ, ସଂଯମ ଓ ଅଧ୍ୟାତ୍ମପୂର୍ଣ୍ଣ ଜୀବନ ଜୀଇଁବାର ଆବଶ୍ୟକତା ରହିଛି। ଭଗବତ୍ ନାମସ୍ମରଣ କରିବାର ଆବଶ୍ୟକତା ଅଛି। ସେଥିପାଇଁ ଭାଗବତ କହେ -"ମାନବ ଜନ୍ମର ଏ ଲାଭ, ଯେବେ ଗୋବିନ୍ଦ କରେ ଭାବ।"

ପୁସ୍ତକର ଦ୍ୱିତୀୟ ପ୍ରବନ୍ଧର ଶୀର୍ଷକ ରହିଛି 'ବ୍ରହ୍ମଚର୍ଯ୍ୟ ଜୀବନ'। ବୈଦିକ ଆର୍ଯ୍ୟ ସଂସ୍କୃତିର ଏହା ହେଉଛି ଅମୂଲ୍ୟ ଅବଦାନ। ଜ୍ଞାନ ଅନ୍ୱେଷଣ, ଭଗବତ୍ ଆରାଧନା, ସାତ୍ତ୍ୱିକ ଓ ଶୃଙ୍ଖଳାବଦ୍ଧ ଜୀବନଯାପନ ପୂର୍ବକ ବ୍ରହ୍ମଚର୍ଚ୍ଚାରେ ମନୋନିବେଶ କରିବା ହେଉଛି ବ୍ରହ୍ମଚର୍ଯ୍ୟ। ଆୟୁର୍ବେଦ କହେ - ବ୍ରହ୍ମଚର୍ଯ୍ୟ ଶରୀରର ତିନି ସ୍ତମ୍ଭ ମଧ୍ୟରୁ ଏକ ପ୍ରମୁଖ ସ୍ତମ୍ଭ। "ତ୍ରୟଃ ଉପସ୍ତମ୍ଭାଃ। ଆହାରଃ ସ୍ୱପ୍ନୋ ବ୍ରହ୍ମଚର୍ଯ୍ୟଂ ଚ ସତି।" (ତିନି ଉପସ୍ତମ୍ଭ, ଯଥା - ଆହାର, ନିଦ୍ରା ଓ ବ୍ରହ୍ମଚର୍ଯ୍ୟ) ସେହି ଆୟୁର୍ବେଦର ଅନ୍ୟତ୍ର କୁହାଯାଇଛି ଯଦି ଆପଣ ତିନି ମାସ ପର୍ଯ୍ୟନ୍ତ ଯଥାର୍ଥ ଭାବେ ବ୍ରହ୍ମଚର୍ଯ୍ୟ ପାଳନ କରନ୍ତି ତେବେ ଆପଣଙ୍କର ମନୋବଳ, ଦେହବଳ ଓ ବଚନବଳର ଉର୍ଦ୍ଧ୍ୱାୟନ ହେବ। ଅଥର୍ବବେଦରେ ମଧ ତା'ର ଭୁରିଭୁରି ପ୍ରଶଂସାସୂଚକ ଉଦାହରଣମାନ ଅଛି। ମୋଟାମୋଟି ଭାବରେ ଏହା ଏକ ସାଧନାର ସମୟ। ଏ ସାଧନା ଜୀବନର ଅନ୍ୟ ପର୍ଯ୍ୟାୟଗୁଡ଼ିକୁ ମହିମାନ୍ୱିତ କରାଇବ। ସଦ୍‌ଗୁରୁ ଚରଣ ଅବଲମ୍ବନ, ଈଶ୍ୱର ପ୍ରାପ୍ତି ହିଁ ଜୀବନର ଲକ୍ଷ୍ୟ ଓ କର୍ମଯୋଗର ଉପଯୋଗିତା ଉପରେ ଲେଖକ ଏଠାରେ ଗୁରୁତ୍ୱ ଦେଇଛନ୍ତି।



ପୁସ୍ତକର ତୃତୀୟ ପ୍ରବନ୍ଧ 'ଗୃହସ୍ଥାଶ୍ରମ'। ଗୃହସ୍ଥାଶ୍ରମ ବା ସାଂସାରିକ ଜୀବନ ଏକ ମାୟାଜାଲ ସଦୃଶ। ମନୁଷ୍ୟ ଏସବୁ ଜାଣି ମଧ ଏଥିରେ ପଡ଼େ। ମୁନିଋଷିମାନେ ବି ଏ ପ୍ରଲୋଭନକୁ ଏଡ଼ାଇ ଯାଇପାରନ୍ତିନି। ନାରଦ ମଧ ଏ ମାୟାଜାଲରେ ପଡ଼ିଥିଲେ ବୋଲି ବିଷ୍ଣୁପୁରାଣରେ ଦେଖିବାକୁ ମିଳେ। ମୋହ, ମାୟା, ମମତା, ଆଶା, ଲୋଭ, କ୍ରୋଧ, ଇନ୍ଦ୍ରିୟ ଲାଳସା ଆଦି ଏହି ସାଂସାରିକ ମୋହମାୟା ରୂପୀ ବୃକ୍ଷର ଶାଖାପ୍ରଶାଖା। ଚଂଚଳ ମନ, ପଂଚେନ୍ଦ୍ରିୟ ଏମାନଙ୍କ ପାଇଁ ଉତ୍‌ପ୍ରେରକ। ଆମେ ସର୍ବଦା ଏମାନଙ୍କ ଅଧୀନ ହୋଇ ମୃତ୍ୟୁ ଅଭିମୁଖୀ ହେଉ। ଅର୍ଥାତ୍ ଆମର ପତନ ପାଇଁ ଆମେ ନିଜେ ହିଁ ଦାୟୀ। କସ୍ତୁରୀ ମୃଗ ଭଳି ସୁଖପ୍ରାପ୍ତି ପାଇଁ ଇଆଡ଼େ ସିଆଡ଼େ ଘୂରି ବୁଲିଲେ ସୁଖ ମିଳିବ ନାହିଁ। ଏଥିପାଇଁ ଆତ୍ମତତ୍ତ୍ୱରେ ମତ୍ତ ହେବାକୁ ପଡ଼ିବ। ଅର୍ଥାତ୍ ଆତ୍ମାକୁ ଚିହ୍ନିବା ନିମନ୍ତେ ପ୍ରୟାସୀ ହେବା ଉଚିତ୍। ପରିବାରରେ ସନ୍ତାନମାନଙ୍କୁ ଧର୍ମାଶ୍ରିତ ସଂସ୍କାର ଶିକ୍ଷା ଦେବାକୁ ପଡ଼ିବ। ଅନ୍ୟଭାବରେ ବିଚାର କଲେ ସୁକର୍ମ ଦ୍ୱାରା ଏହି ମାୟାଗ୍ରସ୍ତ ଗୃହସ୍ଥାଶ୍ରମ ମଧ ଦିବ୍ୟମୟ ହୋଇଉଠିବ। କୁହାଯାଇଛି - "ବନେଽପି ଦୋଷା ପ୍ରଭବନ୍ତି ରାଗିଣାଂ, ଗୃହେଽପି ପଂଚେନ୍ଦ୍ରିୟ ନିଗ୍ରହ ସ୍ତପଃ। / ଅକୁତ୍ସିତେ କର୍ମଣି ଯଃ ପ୍ରବର୍ତତେ, ନିବୃତ୍ତରାଗସ୍ୟ ଗୃହଂ ତପୋବନମ୍।" ଅର୍ଥାତ୍ ଆସକ୍ତ ଲୋକ ବନରେ ରହିଲେ ମଧ ଦୋଷ ଉତ୍ପନ୍ନ କରିଥାଏ। ଘରେ ରହି ପଂଚେନ୍ଦ୍ରିୟକୁ ନିଗ୍ରହ କରିବା ମଧ ତପସ୍ୟା। ଯିଏ ଦୁଷ୍କୃତରେ ପ୍ରବୃତ୍ତ ହୁଏ ନାହିଁ ଏବଂ ଆସକ୍ତିରହିତ ଅଟେ, ତା' ପାଇଁ ଘର ବା ଗୃହସ୍ଥାଶ୍ରମ ବି ତପୋବନ ଅଟେ।

ପୁସ୍ତକ 'ଜୀବନ ଦର୍ପଣ'ର ଚତୁର୍ଥ ପ୍ରବନ୍ଧ ହେଉଛି 'ସନ୍ନ୍ୟାସ ଜୀବନ', ଯାହା ଆର୍ଯ୍ୟ ଚତୁରାଶ୍ରମର ଅନ୍ତିମ ତଥା ସର୍ବୋତ୍ତମ ସୋପାନ। ଏହି ଆଶ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମୋକ୍ଷପ୍ରାପ୍ତି। ସାଂସାରିକ ବନ୍ଧନରୁ ମୁକ୍ତ ହୋଇ ନିଷ୍କାମ ଭାବରେ ନିରନ୍ତର ବିଭୁ ପଦାରବିନ୍ଦର ସ୍ମରଣ କରିବା ହେଉଛି ସନ୍ନ୍ୟାସ। ଇନ୍ଦ୍ରିୟ ନିଗ୍ରହ ପୂର୍ବକ ଭୌତିକ ଲାଳସା ପ୍ରତି ଉଦାସୀନ ହେବା ହେଉଛି ସନ୍ନ୍ୟାସ। ଯୋଗୀର ଏକ ମହତ୍ତର ସଂଜ୍ଞା ଗୀତାରୁ ଉଦ୍ଧାର କରିଛନ୍ତି ଲେଖକ -

"ଅନାଶ୍ରିତଃ କର୍ମଫଳଂ କାର୍ଯ୍ୟଂ କର୍ମ କରୋତି ଯଃ
ସ ସନ୍ନ୍ୟାସୀ ଚ ଯୋଗୀ ଚ ନ ନିରଗ୍ନିର୍ନ ଚାକ୍ରିୟଃ॥" (୬/୧)

ତା'ର ଅର୍ଥ ହେଉଛି ଯେଉଁ ପୁରୁଷ କର୍ମଫଳକୁ ଆଶ୍ରୟ ନକରି କର୍ତ୍ତବ୍ୟ କରନ୍ତି, ସେ ସନ୍ନ୍ୟାସୀ ବା ଯୋଗୀ ଅଟନ୍ତି। ମହାଭାରତର 'ଶାନ୍ତିପର୍ବ' କହେ ଯେଉଁ ବ୍ୟକ୍ତି ହିଂସା ଭାବନାରୁ ମୁକ୍ତ, ସମସ୍ତଙ୍କ ପ୍ରତି ସମଭାବାପନ୍ନ, ସତ୍ୟନିଷ୍ଠ, ଧୈର୍ଯ୍ୟବାନ୍, ଇନ୍ଦ୍ରିୟ ସଂଯମୀ, ସବୁ ପ୍ରାଣୀଙ୍କ ଶରଣଯୋଗ୍ୟ, ସବୁ ଇଚ୍ଛାରୁ ମୁକ୍ତ, ଆକାଶ ପରି ସ୍ଥିର, ମୁଁ ମୋର ଭାବନାରୁ ମୁକ୍ତ, ଶାନ୍ତଚିତ୍ତ, ଅନ୍ୟକୁ ଯଥୋଚିତ ସମ୍ମାନ କରେ, ପ୍ରଶଂସା କାମନା ନକରେ, ସମସ୍ତ ବନ୍ଧନରୁ ମୁକ୍ତ ତାହାକୁ ସନ୍ନ୍ୟାସୀ କୁହାଯାଏ।

ଭାରତବର୍ଷ ହେଉଛି ସନ୍ନ୍ୟାସୀର ଭୂମି। ଏଠାରେ ଭୂମିଷ୍ଠ ହୋଇଛନ୍ତି ଅଗଣିତ ସାଧୁସନ୍ଥ। ଏମାନେ ସମାଜ ସଂସ୍କାରର ଅଗ୍ରଦୂତ। ଏମାନଙ୍କ ଜୀବନ ଧାରା ଓ ଉପଦେଶକୁ ଅନୁସରଣ କରିବାହିଁ ଆମର କର୍ତ୍ତବ୍ୟ। ଲେଖକ କହନ୍ତି ସାଧୁସନ୍ଥଙ୍କ ଅପାର କରୁଣାରୁ ଆମ୍ଭେମାନେ ଜୀବନ ଦର୍ପଣରେ ନିଜ ପ୍ରତିବିମ୍ବ ଦେଖିବାକୁ ପାଉ।

ଗ୍ରନ୍ଥଟିର ଅନ୍ତିମ ପ୍ରବନ୍ଧ 'ଜୀବନର ସାରତତ୍ତ୍ୱ' ହିଁ ସମୁଦାୟ ପୁସ୍ତକର ନିଷ୍କର୍ଷ ବୋଲି ମନେହୁଏ। ମାୟାବନ୍ଧନରୁ ବିମୁକ୍ତ ହୋଇ ଜୀବନର ପ୍ରକୃତ ତତ୍ତ୍ୱ ବୁଝି ଅର୍ଥାତ୍ ଅନ୍ତରାତ୍ମାର ଆହ୍ୱାନକୁ ଶୁଣି ପ୍ରକୃତ ପଥରେ ଗମନ କରିପାରିଲେ ଆମେ ହୋଇପାରିବୁ ଈଶ୍ୱରଙ୍କ ଶ୍ରେଷ୍ଠ ସନ୍ତାନ ଏବଂ ତଦ୍ୱାରା ସମଗ୍ର ସଂସାରରୁ ତଥା ଆମ ମନୋଜଗତରୁ ଭ୍ରଷ୍ଟାଚାର, ଦୁରାଚାର, ଅନ୍ୟାୟ, ଅଧର୍ମ ସବୁ ଲୋପ ପାଇଯିବ।

ବହିଟିର ନାମକରଣ ଓ ପ୍ରଚ୍ଛଦ ବେଶ୍ ଆକର୍ଷଣୀୟ। ପ୍ରଚ୍ଛଦରେ ରହିଛି ଏକ ନାରୀ ଯିଏ ନିଜର ମୁଖକୁ ଦର୍ପଣରେ ଦେଖୁଛି। ଏହି ନାରୀମୂର୍ତ୍ତି ହିଁ ଆମ ଜୀବନର ପ୍ରତୀକ। ଆମେ ତା' ପରି ସର୍ବଦା ଦର୍ପଣରେ ନିଜର ବାହ୍ୟ ରୂପ ହିଁ ଦେଖୁଛୁ ଏବଂ ତା'ର ସୌନ୍ଦର୍ଯ୍ୟ ପରିପାଟୀକୁ ଅକ୍ଷୁଣ୍ଣ ରଖିବାକୁ ପ୍ରୟାସୀ ହେଉଛି। ମାତ୍ର ଆମେ ଜୀବନ ଦର୍ପଣରେ ନିଜର ଅନ୍ତରକୁ ଦେଖି ତାକୁ ପରିଶୀଳିତ କରିବା ଉଚିତ। ପ୍ରଚ୍ଛଦ ପରିକଳ୍ପନା ସହ ବହିଟିର ଚମତ୍କାର ପାଠକୀୟ ସମୀକ୍ଷା କରିଥିବା କବି ଦୀପକ ବୋଷ ମଧ କହିଛନ୍ତି - "ପୁସ୍ତକଟି ମାଧ୍ୟମରେ ଲେଖକ ଆମକୁ 'ଜୀବନ ଦର୍ପଣ'ଟିଏ ଦେଖାଇଛନ୍ତି, ଯାହାଦ୍ୱାରା ଆମେ ଆମର ଅନ୍ତରକୁ ଭଲ ଭାବରେ ନିରୀକ୍ଷଣ କରି ନିଜ ଅନ୍ତଃକରଣକୁ ଶୁଦ୍ଧ କରିପାରିବା।" ପ୍ରତ୍ୟେକ ପାଠକ ବହିଟିକୁ ଦର୍ପଣ ମନେକରି ସ୍ୱଜୀବନର ଚିତ୍ରକୁ ଦେଖିପାରିଲେ ନିଜକୁ ନିଶ୍ଚିତ ଭାବେ ଚିହ୍ନିପାରିବେ। ବହିଟି ପାଠକ କରିବା ମାତ୍ରେ ମନ ମଧ୍ୟରେ ଏକ ନିର୍ଲୋଭ ସନ୍ନ୍ୟାସୀ ସୁଲଭ ଚେତନାର ଜାଗ୍ରତ ନିଶ୍ଚିତ ଭାବେ ହେବ।

ମୁଁ ତ ପ୍ରଥମେ ଏହାକୁ କବିତା ଗ୍ରନ୍ଥଟିଏ ବୋଲି ଭାବିଥିଲି। କାହିଁକି ନା ବହିଟିର ପଛପଟ ହିଁ ମୋ ଆଖିରେ ପଡ଼ିଥିଲା। ଯେଉଁଥିରେ ଲେଖା ହୋଇଛି ତାଙ୍କ ରଚିତ ପ୍ରଥମ କବିତା ପୁସ୍ତକ 'ଅନୁଭୂତିର କବିତା' ପାଠକୀୟ ଶ୍ରଦ୍ଧାଭାଜନ ହେବା ପରେ 'ଜୀବନ ଦର୍ପଣ' ତାଙ୍କର ଦ୍ୱିତୀୟ କବିତା ସଂକଳନ। ମାତ୍ର ବହିଟି ଓଲଟାଇବା ପରେ ମୋର ସନ୍ଦେହ ମୋଚନ ହେଲା। ଅବଶ୍ୟ ଭୁଲ୍‌କ୍ରମେ ଏପରି ହୋଇଥିବା ମନେହୁଏ।

ପୁସ୍ତକଟି ଲେଖିବା ବେଳେ ଶ୍ରୀଯୁକ୍ତ ପଦ୍ମଲୋଚନ ବେହେରା ଖୁବ୍ ଧୀ ଓ ଧୀଷଣାର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି। ଜୀବନକୁ ନିଷ୍ପାପର ଭାବରେ ସେ ପର୍ଯ୍ୟବେକ୍ଷଣ କରିଛନ୍ତି। ଓଡ଼ିଆ, ହିନ୍ଦୀ, ସଂସ୍କୃତର ସୂକ୍ତାବଳି ତଥା ଛୋଟଛୋଟ ଦୃଷ୍ଟାନ୍ତ ଶ୍ରେଣୀୟ କାହାଣୀ ଭାରତୀୟ ପୁରାଣର ବିଶାଳ ବେଳାଭୂମିରୁ ସଂଗ୍ରହ କରି ପ୍ରସଙ୍ଗ ଭିତ୍ତିରେ ଉପସ୍ଥାପନ କରିଛନ୍ତି। ସେହିପରି ପ୍ରଜ୍ଞାଶୀଳ ନହେଲେ ଏପରି ପ୍ରବନ୍ଧ ଲେଖିବା ସମ୍ଭବ ନୁହେଁ। ଏ ପରିପ୍ରେକ୍ଷୀରେ ଲେଖକଙ୍କୁ ଅଜସ୍ର ସାଧୁବାଦ। ତାଙ୍କ ପ୍ରଜ୍ଞାଶୀଳ ଚେତନାକୁ ଶତ ପ୍ରଣାମ।

ବିଶାଳ ବିଶାଳ ପୁସ୍ତକ ଲେଖାଯିବା ବା ପଢ଼ାଯିବାର କୌଣସି ମାନେ ନାହିଁ; ତାହା ଯଦି ଜୀବନର କଥା ନକହିଲା ବା ତା'ର ପ୍ରତିଟି ପୃଷ୍ଠାରେ ଯଦି ଜୀବନର ଛବି ପ୍ରତିବିମ୍ବିତ ନହେଲା। ମାତ୍ର ଜୀବନର କଥାକହୁଥିବା ପୁସ୍ତକ କୃଶାକୃତି ହେଲେ ମଧ ତାହା ପାଠକ ଚେତନାରେ ଚିରଂଜୀବୀ ହୋଇ ରହିପାରେ। ଏହି ପୁସ୍ତକଟି କ୍ଷୁଦ୍ର, ମାତ୍ର ୪୦ ପୃଷ୍ଠା କଳେବର ବିଶିଷ୍ଟ ହେଲେ ମଧ ଏଥିରେ ଯେଉଁସବୁ ଚିରନ୍ତନ ମୂଲ୍ୟବୋଧର କଥା ଅଛି; ସେଥିପାଇଁ ବହିଟି ଆଦରଣୀୟ ହେବ ନିଶ୍ଚୟ। ପାଠକଟିଏ ତା'ର ବହିଥାକରେ ବଡ଼ବଡ଼ ବହିର ସନ୍ଧିରେ ତାକୁ ଅବାଂଛିତ ଭାବେ ପୂରାଇ ନଦେଇ ତାକୁ ଶ୍ରଦ୍ଧାରେ ସବୁଠାରୁ ଉପରେ ନିଶ୍ଚିତ ରଖିବ। ଲେଖକ ପଦ୍ମଲୋଚନ ବାବୁ ଜୀବନର ଦୁଃଖଦୁର୍ଦ୍ଦଶାକୁ ପାଖରୁ ଦେଖିଛନ୍ତି। ମୁହାଁମୁହିଁ ସାମ୍ନା କରିଛନ୍ତି। ନିର୍ଭୀକ ହୋଇ ଛାତିକୁ ପଥର କରି ସେସବୁ ସହିଛନ୍ତି। ମା'ର ମମତ୍ୱବୋଧର ଅମୃତକୁ ପାନ କରିବା ପୂର୍ବରୁ, ମାଆ କୋଳର ଝୁଲଣାରେ ଝୁଲି ଦିବ୍ୟାନନ୍ଦ ପ୍ରାପ୍ତି ପୂର୍ବରୁ ମାତ୍ର ଦେଢ଼ବର୍ଷ ବୟସରେ ପୂଜ୍ୟ ଜନନୀଙ୍କୁ ହରାଇଛନ୍ତି। ଆପଣମାନେ ଭାବନ୍ତୁ ଦେଢ଼ବର୍ଷର ଶିଶୁଟି ହୁଏତ ସେତେବେଳେ ମାଆର ଅନୁପସ୍ଥିତିକୁ ବାଲ୍ୟସୁଲଭ ଅଜ୍ଞାନତାବଶତଃ ଅନୁଭବ କରିନଥିବ, ମାତ୍ର ପରବର୍ତ୍ତୀ କାଳରେ କି ଦାରୁଣ ଯନ୍ତ୍ରଣା ସହ୍ୟ କରିଥିବ ! ତେବେ ସେ ଦୁଃଖକୁ ପାନ କରି ସମୟ କ୍ରମେ ବିଦ୍ୟାଧ୍ୟୟନ କରି ଭାରତୀୟ ବାୟୁସେନାରେ ବୃତ୍ତିଗତ କର୍ମରେ ନିଯୁକ୍ତ ହୋଇଛନ୍ତି। ଆବାଲ୍ୟରୁ ତାଙ୍କ ଭିତରେ ସର୍ଜନଶୀଳତାକୁ ଲକ୍ଷ୍ୟ କରିହୁଏ। କେତେବେଳେ ସେ କବିତା ଲେଖିଛନ୍ତି, କେତେବେଳେ ନାଟକ ଲେଖିଛନ୍ତି। ପୁଣି ପାଉଡ଼ର ମାଖି ବିଭିନ୍ନ ଭୂମିକାରେ ନାଟକରେ ଅଭିନୟ କରିଛନ୍ତି। ତାଙ୍କ ଗୀତିନାଟ୍ୟ 'ମହିଷାସୁର ବଧ'; ନାଟକ 'ଆଲୋକର ପଥେ', 'ଡାକମୁନ୍‌ସି', 'ଉଆଁସୀ କନ୍ୟା' ବେଶ୍ ଆଦୃତି ଲାଭ କରିଛି।

ତେବେ ଯା'ହେଉ ପୁସ୍ତକଟି ସବୁଶ୍ରେଣୀୟ ପାଠକମାନଙ୍କ ପାଇଁ ଅବଶ୍ୟ ପଠନୀୟ। ଏହା ପାଠକୀୟ ଚେତନାର ଶିଖର ସ୍ପର୍ଶ କରିବାର କାମନା କରୁଛି।

ଗଣପତି ନଗର, ବାଲିଆ, ବାଲେଶ୍ୱର-୭୫୬୦୫୬, ମୋ: ୯୪୩୭୩୭୧୯୬୮

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୨୮ ମଇ ୨୦୨୩

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



# ରାମ ରାଜ୍ୟ

## ପରେଶ ଚନ୍ଦ୍ର ସାହୁ

ମହତୁ ମଧୁର ମା । ମା ପରେ ଯେଉଁ ଶବ୍ଦଟି ମନକୁ ଆସେ ସେ ହେଉଛି ରାମ । ଯାହା ଭଲକୁ ବୁଝାଏ । ପିଲାବେଳେ ହସ୍ତାକ୍ଷର ଲେଖିଲା ବେଳେ ଆମେ ସବୁ ଲେଖୁଥିଲୁ ରାମ ଗୋଟିଏ ଭଲ ପିଲା । ରାମ ନାମର ମହତ୍ତ୍ୱ ବୋଧ ହୁଏ ହନୁମାନ ହିଁ ସବୁଠୁ ବେଶୀ ଜାଣୁଥିଲେ । ରାମଚନ୍ଦ୍ର ଏକ ବ୍ୟକ୍ତି ଯେତେ ନୁହଁନ୍ତି ବ୍ୟକ୍ତିତ୍ୱ ବେଶୀ । ରାମାୟଣର ରାମ ହେଲେ ନାୟକ । ସଂସାରରେ ଏମିତି କୌଣସି ଭଲ ଗୁଣ ନାହିଁ ଯାହା ରାମଚନ୍ଦ୍ରଙ୍କ ପାଖରେ ନଥିଲା । ସେ ଜଣେ ବଳିଷ୍ଠ ବ୍ୟକ୍ତିତ୍ୱ ସର୍ବଶ୍ରେଷ୍ଠ ଯୋଦ୍ଧା । ଯଥାର୍ଥରେ ବିଭୂତି ଯୋଗରେ କୁହାଯାଇଛି ନ୍ତଧନୁର୍ଦ୍ଧାରୀ ମାନଙ୍କ ମଧ୍ୟରେ ରଘୁନାଥ । କୋଦଣ୍ଡଧାରୀ । ଧନୁର ଟଙ୍କାରରେ ଶତ୍ରୁ ଥରହର ହେଉଥିଲେ । ତାଙ୍କ ଠାରେ ଭଲ ପାଇବା, ସ୍ନେହ, ପ୍ରେମ, ବିଚାରଶକ୍ତି, ଆଶ୍ରିତ ବାତ୍ସଲାଦି ଗୁଣ ଭରପୁର ଥିଲା । ସେ ଥିଲେ ଜଣେ ଦକ୍ଷ ପ୍ରଶାସକ । ପ୍ରଜାମାନେ ତାଙ୍କ ପାଖକୁ ଆସୁନଥିଲେ । ସେ ପ୍ରଜାଙ୍କ ପାଖକୁ ଯାଉଥିଲେ । ସୂର୍ଯ୍ୟବଂଶୀ ରାଜା ରାମ । ଅନ୍ୟ ମାନଙ୍କ ପାଇଁ ତାଙ୍କର ଧର୍ମ । ଯାହା କହନ୍ତି ରଘୁକୁଳ ଉଜ୍ଜଳ କରିଥିଲେ । ପ୍ରଜା ମନୋରନ ଥିଲା ତାଙ୍କ ନୀତି ବା ଆଦର୍ଶ ଏପରିକି ନିଜର ପ୍ରାଣ ପ୍ରିୟା ସୀତାଙ୍କୁ ମଧ ତ୍ୟାଗ କରିଦେଇଥିଲେ । ସ୍ୱାର୍ଥ ସହ ଯେ ଜଡ଼ିତ ନୁହଁନ୍ତି ତାଙ୍କୁ ନିସ୍ୱାର୍ଥପର କହିବା ମଧ ଧୃଷ୍ଟତା ହେବ । ଏହିପରି ଜଣେ ବ୍ୟକ୍ତି ରାଜା ହୁଅନ୍ତା କିଏ ବା କାହିଁକି ଚାହଁନ୍ତା ନାହିଁ । ଯଦି ସବୁ ଭଲ କାର୍ଯ୍ୟକାରୀ ହୁଅନ୍ତା ଯଥାର୍ଥରେ ଲୋକେ କୁହନ୍ତି ତା ହେଲେ ରାମ ରାଜ୍ୟ ହୋଇଯିବ ।

ରାମଚନ୍ଦ୍ରଙ୍କୁ ସବୁଠାରୁ ଯଦି କିଏ ବେଶୀ ଭଲ ପାଉଥିଲେ ସେ ହେଲେ ଲକ୍ଷ୍ମଣ । ରାମଙ୍କ ପାଇଁ ତାଙ୍କ ଜୀବନ ଥିଲା ଉତ୍ସର୍ଗୀକୃତ । ରାମଚନ୍ଦ୍ର ଉଦବକ୍ସସଭଶ ଥିଲେ । ଲକ୍ଷ୍ମଣ **Daring** । ଦୁଇଜଣଙ୍କୁ ମିଶାଇଲେ ହୋଇଯାଏ ନୃସିଂହ । ବିଭିତୁ ଯୋଗରେ ଅଛି ପଶୁ ମାନଙ୍କ ମଧ୍ୟରେ ସିଂହ । ସିଂହ ନିର୍ଭୀକତାର ପ୍ରତୀକ । ସେଇଥିପାଇଁ ତ ଆଫ୍ରିକାରେ ସିଂହ ସଂଖ୍ୟା କମିବାରେ ଲାଗିଛି । ତାଙ୍କୁ ଯେ ଆଉ ଜଣେ ଶୀକାର କରିଦବ ସେ କଥା ତା ମନକୁ ଆସେ ନାହିଁ । ଯେ କୌଣସି ଚ୍ୟାଲେ କୁ ସାମ୍ନା କରନ୍ତି । ରାମାୟଣର ଗୋଟିଏ କଥା । ଗୁରୁ ବିଶିଷ୍ଟଙ୍କ ଠାରୁ ଶିକ୍ଷା ସମାପ୍ତ କରି ଅଯୋଦ୍ଧା ଫେରିଥାନ୍ତି ଚାରିଭାଇ ରାମ ଲକ୍ଷ୍ମଣ ଭରତ ଏବଂ ଶତ୍ରୁଘ୍ନ । ବିଶ୍ୱାମିତ୍ର ଯଜ୍ଞ ଆଦି କାର୍ଯ୍ୟରେ ଅସୁର ରାକ୍ଷସ ମାନେ ବାଧା ଉପୁଯାଉଥାନ୍ତି । ରାମ ଲକ୍ଷ୍ମଣଙ୍କୁ ତାଙ୍କ ଅନୁଷ୍ଠାନର ସହାୟତା କରିବା ପାଇଁ ଦଶରଥଙ୍କୁ ଜଣାଇଲେ । ରାମ ଲକ୍ଷ୍ମଣ ଏବଂ ଭରତ ଶତ୍ରୁଘ୍ନ ଙ୍କ ଭିତରୁ କିଏ ଚ୍ୟାଲେ ର ସମ୍ମୁଖୀନ ହେଉଛନ୍ତି ଜାଣିବା ପାଇଁ ପ୍ରଥମେ ଭରତ ଶତ୍ରୁଘ୍ନଙ୍କୁ ଆଶ୍ରମକୁ ନେଉଥିଲେ । ବାଟରେ ଜଙ୍ଗଲ ପଡ଼ିଲା । ବିଶ୍ୱାମିତ୍ର କହିଲେ ଆମକୁ ଜଙ୍ଗଲ ପାରିହବାକୁ ପଡ଼ିବ । ଦୁଇଟି ରାସ୍ତା ଅଛି । ପ୍ରଥମଟି ବିପଦ ଶଙ୍କୁଳ ଏବଂ ଅଳ୍ପଦୂର । ଦ୍ୱିତୀୟଟି ବେଶୀ ଦୂର ମାତ୍ର ବିପଦ ନାହିଁ । ଭରତ ଶତ୍ରୁଘ୍ନ ଦ୍ୱିତୀୟ ରାସ୍ତା ଚୟନ କଲେ । ପରେ ସେ ରାମ ଲକ୍ଷ୍ମଣଙ୍କୁ ନେଇଗଲେ ଏବଂ ସେଇ ପ୍ରଶ୍ନ କରନ୍ତେ ଦୁଇ ଭାଇ ପ୍ରଥମ ରାସ୍ତା ଚୟନ କଲେ ଏବଂ କହିଲେ ବିପଦ ଶଙ୍କୁଳ ହେଲେବି ତାକୁ ଅତିକ୍ରମ କରିବାରେ ବାଧା ବିଘ୍ନକୁ ସାମ୍ନା କରିହେବ । ବିଶ୍ୱାମିତ୍ର ଜାଣିବାରେ ଏଇ ଦୁଇ ଭାଇ ହିଁ ରାମ ଓ ଲକ୍ଷ୍ମଣ । ରାମ ରାଜ୍ୟର ପ୍ରଥମ ନାଗରିକ ବୋଲି ଆମେ ଯାହାକୁ କହିବା ସେ ହେଲେ ଲକ୍ଷ୍ମଣ । ସୀତାଙ୍କ ସ୍ୱୟଂବର ରେ ରାମ ଶିବ ଧନୁ ଭଙ୍ଗ କଲେ । ଧନୁ ଭଙ୍ଗର ଶବ୍ଦ ଶୁଣି ସତର ଥର କ୍ଷତ୍ରୀୟ ନିଧନ କରିଥିବା ପର୍ଶୁରାମ ଆସି ପହଞ୍ଚି ଗଲେ ଏବଂ କ୍ରୋଧ ପ୍ରକାଶ କଲେ । ଲକ୍ଷ୍ମଣ ତିଳେ ମାତ୍ର ଡ଼ରିଲେ ନାହିଁ । ପର୍ଶୁରାମଙ୍କୁ ନିର୍ଭୀକ ଭାବେ ପାଲଟା ଜବାବ ଦେଲେ । କଥାରେ ଅଛି ପଛ ଘୁଞ୍ଚା ନାହିଁ ବୀରର ଜାତକେ, ନମରେ ସେ କେବେ ପରାଣ ଆତଙ୍କେ । ରାମଚନ୍ଦ୍ର ପରେ ସବୁ କିଛି ଉଦାରତାର ସହିତ ପର୍ଶୁରାମଙ୍କୁ ସମ୍ମୁଖୀନ ହେଲେ । ସୁତରାଂ ରାମରାଜ୍ୟର ପ୍ରଥମ ସ୍ଲୋଗାନ ହେଉଛି ନିର୍ଭୀକ ହୁଅ ଏବଂ ଉଦାରତାର ସହିତ ଶତୃକୁ ସାମନା କର । ଯେଉଁଠି ଉଦାରତା ସେଇଠି ହିଁ ରାମ । ପିତୃ ସତ୍ୟ ପାଳନ କରିବା ପାଇଁ ଚଉଦ ବର୍ଷ ବନବାସକୁ ସେ ଏପରିଭାବେ ଗ୍ରହଣ କଲେ ଯେପରି ସେଇଥି ପାଇଁ ଆଗରୁ ପ୍ରସ୍ତୁତ ଥିଲେ । ଦୁଃଖ ତ ଏମାନଙ୍କୁ ସ୍ପର୍ଶ କରିପାରେ ନାହିଁ । କଷ୍ଟ ସହିବାଟା ଯେମିତି ମାତୃ ଗର୍ଭର ଶିଖି ଆସିଥାନ୍ତି । ସେମାନେ କାମଜୟୀ ଭାବନାମୁକ୍ତ । ସେଇ ଗୁଣ ଯୋଗୁଁ ଭାବନା ଯୁକ୍ତ ମଣିଷ / ରାକ୍ଷସ ରାବଣର ଅନ୍ତ କରିଦେଲେ । ଯେଉଁ ଶାସନରେ ସର୍ବୋଚ୍ଚ ପଦବୀରେ ଥିବା ବ୍ୟକ୍ତି ଏହିପରି ହୋଇପାରେ ଏବଂ ତାଙ୍କର ମୁଖ୍ୟ ସେବକ ଆହାର, ନିଦ୍ରା, ମୈଥୁନ ପରିତ୍ୟାଗ କରି ଇନ୍ଦ୍ରଜିତ ଭଳିଆ ରାକ୍ଷସ ସଂହାର କରିପାରେ ସେଇଠି ହିଁ ରାମ ରାଜ୍ୟର ମି ପୋତାଯାଇପାରେ । କିଏ କିଏ କହନ୍ତି ଦେଶରୁ ୬୦ ରୁ ୭୦ ଭାଗ ଦୁର୍ନୀତି କମିଯାନ୍ତା ଯଦି ଉପର ସ୍ତର ଦୁର୍ନୀତିମୁକ୍ତ ହୋଇଯାନ୍ତା । ବିରୁଦ୍ଧାଭାସ ହୁଅନ୍ତା ନାହିଁ । ବର୍ତ୍ତମାନ ସବୁଠି ବିରୁଦ୍ଧ ଆଚରଣ । ଶାସକ ଦଳ ଓ ବିରୋଧି ଦଳ । ବିରୋଧି ଦଳର ସୃଷ୍ଟି ଏଇଥିପାଇଁ ଯେ କ୍ଷମତାରେ ରହି ଶାସକ ଦଳ ଯଦି କିଛି ଭୁଲ କରି ବସନ୍ତି ତାଙ୍କୁ ସଚେତନ କରିବା । ଶିଶୁପାଳ ହୋଇ ଶ୍ରୀକୃଷ୍ଣଙ୍କର ବିରୋଧ କଲାଭଳିଆ ପ୍ରତି କଥାରେ ତିକ୍ତ ମନ୍ତବ୍ୟ । ଆମେ ହେଲେ କ୍ଷମତାରେ ରହିଥାନ୍ତୁ । ସମସ୍ତେ ଲୋକଙ୍କ ପାଇଁ । ଯଦି ପ୍ରଜା ମନୋରନ ଆମ ସମସ୍ତଙ୍କର ଏକ ଲକ୍ଷ୍ୟ ଶତୃତା କଲାଭଳିଆ ବିରୁଦ୍ଧାଚରଣ କେତେଦୂର ଯୁକ୍ତି ଯୁକ୍ତ । ରାମାୟଣ କାବ୍ୟର ରଚୟିତା ବାଲ୍ମୀକି । ଦସ୍ୟୁ ରତ୍ନାକର ଥିଲା ତାଙ୍କର ପ୍ରଥମ ପରିଚୟ । ସେ ଯେଉଁ ପାପ କରିଛି ତାର ଭାଗୀଦାର ସେ ନିଜେ । ରାମ ନାମ ଜପ କରିବା ପାଇଁ ଯେତେବେଳେ ତାକୁ ପରାମର୍ଶ ଦିଆଗଲା ରାମ ନାମଟି ପାଟିରେ ପଶିଲା ନାହିଁ । ମରା ଶବ୍ଦରୁ ଉଚ୍ଚାରଣ ଆରମ୍ଭ କରି କେତେବେଳେ ସେଇଟା ରାମରେ ପରିଣତ ହୋଇଗଲା ! ମରା ଅର୍ଥ ଶବ ଯେତେବେଳେ ମଣିଷ ସବୁଠାରୁ ବେଶୀ ପ୍ରଭାବିତ ହୋଇଥାଏ ଏବଂ ସେଇଟା ଯେତେବେଳେ ରାମ ହୋଇଯାଏ ଶବ ଶିବରେ ପରିଣତ ହୁଏ । ତାର ଭାବର ପରିବର୍ତ୍ତନ ଘଟେ । ଅନ୍ଦର ସେ କୁଛ ଔର ବାହାର ଯେ କୁଛ ଔର ହୋଇ ରହେ ନାହିଁ । ତା'ର **Expectaton** କମି ଶୂନ ହୋଇଯାଏ । ମଣିଷ ନିଜ ଆତ୍ମାରେ ଚଳେ । ନିଜର ସୀତା ନିଜ ପାଖରେ ସୁରକ୍ଷିତ ରହେ । ସେ ସ୍ଥିତ ପ୍ରଜ୍ଞ ଆଖ୍ୟା ବହନ କରେ । ରାମେଶ୍ୱର, ଯେଉଁଠି ସେତୁବନ୍ଧ ବାନ୍ଧିବା ପୂର୍ବର ରାମଚନ୍ଦ୍ର ଭଗବାନ ଶଙ୍କରଙ୍କର ଆବାହନ କରିଥିଲେ । ରାମ ଶିବଙ୍କୁ ଯେମିତି ସ୍ମରଣ କରନ୍ତି ଶିବ ମଧ ରାମକୁ ସ୍ମରଣ କରନ୍ତି । ସୁତରାଂ ଆମକୁ ସମୁଦ୍ର ଛାଡ଼ି ହିମାଳୟରେ ଆସ୍ଥାନ ଜମାଇବାର ଅଛି । ସମୁଦ୍ର ଉପରେ ଚନ୍ଦ୍ରର ପ୍ରଭାବ ସବୁଠୁ ଅଧିକ । ଚନ୍ଦ୍ର ମନ ଉପରେ ପ୍ରଭାବ ପକାଇଥାଏ ଏବଂ ଭାବନା ସୃଷ୍ଟି ହୁଏ । ଭାବନାଯୁକ୍ତ ମଣିଷ ପରବର୍ତ୍ତୀ ଅବସ୍ଥାରେ ଶକ୍ତିହୀନ ହୋଇଯାଏ । ସେ କର୍ମରେ ନିଜକୁ ବିନିଯୋଗ କରିପାରେ ନାହିଁ । ତାର ଅର୍ଥନୀତି ଦୁର୍ବଳ ହୋଇଯାଏ । ଦେଶର ଅର୍ଥନୀତି ମଧ ଦୁର୍ବଳ ହୋଇଯାଏ । ପୃଥିବୀ ଉପରେ ଚାପ ସୃଷ୍ଟି ହୁଏ ଏବଂ ଗଚ୍ଛିତ ସମ୍ପତ୍ତି ସରି ସରି ଆସେ । ଯେଉଁ ଅବସ୍ଥା ରାମ ରାଜ୍ୟର ଅନ୍ତରାୟ ସୃଷ୍ଟି କରେ ।


ରାମ ରାଜ୍ୟ ପାଇଁ ପ୍ରଥମ ଉପାଦାନ ରାମ । ରାମତ୍ତ୍ୱ ସମସ୍ତଙ୍କ ଠାରେ ବିରାଜ ମାନ ହେବା କଥା । ସର୍ବୋଚ୍ଚ ପଦ ପଦବୀରେ ରହୁଥିବା ବ୍ୟକ୍ତି ମାନେ ଉଦାର ମନୋଭାବ ପୋଷଣ କରିବା କଥା । ସେଥିପାଇଁ ତିଳେ ମାତ୍ର **Igo** ମନ ମଧ୍ୟରେ ରହିବା କଥା ନୁହେଁ । ମାନବ ଧର୍ମ ସର୍ବଶ୍ରେଷ୍ଠ ଧର୍ମ । ଖଣ୍ଡାଧାରରେ ଚାଲିବାକୁ ହେବ । ଭଗବାନ ସୃଷ୍ଟି ପରିଚାଳନା କରନ୍ତି । ମଣିଷ ମାନଙ୍କ ଠାରେ ବିଷ୍ଣୁ ତ୍ତ୍ୱ ରହିଲେ ହିଁ ସେମାନେ ସୃଷ୍ଟି ପରିଚାଳାନର ଆଗାଧାଡ଼ିର ବ୍ୟକ୍ତି ହୋଇ ପାରନ୍ତେ କାରଣ ଦେବତ୍ୱ ବିନା ମାନବ ଜୀବନ ସଫଳ ହୋଇପାରେ ନାହିଁ । ପୃଥିବୀରେ ଆମକୁ ସ୍ୱର୍ଗୀୟ ପରିବେଶ ସୃଷ୍ଟି କରିବା ପାଇଁ ହେବ ଯାହା ଫଳରେ ମଣିଷ ଠାରେ ଦେବତ୍ୱର ପ୍ରକାଶ ଘଟି ପାରିବ । ରାମ ରାଜ୍ୟ ସମ୍ଭବ ହେବ ।

ଜାନକୀଙ୍କ ଉଦ୍ଧାର ପାଇଁ ବାନର ସେନା ରାମଚନ୍ଦ୍ରଙ୍କ ସହାୟତା କରିଥିଲେ । ବାନର- ନର ଅନୁରୂପ ବାନର । ବାମନ ବା **dwarf type of human bieng** ଯେଉଁମାନେ ମଣିଷ ମାନଙ୍କୁ **follow** କରନ୍ତି, ଭଲ ପାଆନ୍ତି ଏବଂ ନିଜର ଆଦର୍ଶ ବୋଲି ଭାବନ୍ତି । କାରଣ ବାନର ମାନେ ଦକ୍ଷ ପ୍ରଶାସକ ହୋଇ ପାରନ୍ତି ନାହିଁ । ନିଜ ଉପରେ କିଛି ଜଂସହିଳ ନେଇ ପାରନ୍ତି ନାହିଁ । ସେଇଟା କେବଳ କ୍ଷତ୍ରିୟ କୂଳରେ ଜାତ ମଣିଷ ମାନେ ହିଁ ପାରନ୍ତି । ସୁତରାଂ ମଣିଷ ମାନେ ସମସ୍ତଙ୍କର ଆଦର୍ଶ । ଯଥାର୍ଥରେ ରାମଚନ୍ଦ୍ର ହିଁ ମର୍ଯ୍ୟାଦା ପୁରୁଷୋତ୍ତମ ରାମ ରାଜ୍ୟର ପ୍ରଧାନ ଅନ୍ତରାୟ ହେଲା ଅଭାବ । ଆମର ଯୋଜନା ଏମିତି ହେବା ଉଚିତ ସବୁ କିଛି **recurrent** ହବ ଅର୍ଥାତ ଋତୁ ପରିବର୍ତ୍ତନ ଠାରୁ ଆରମ୍ଭ କରି ନିୟମିତ ବର୍ଷା, ମାଟିର ଉର୍ବରତାର ରକ୍ଷା । ଆମର ବଜେଟ କଥା ଚିନ୍ତା କରାଯାଉ । ଯଦି ସମସ୍ତ ଟଙ୍କା ଅର୍ଥାତ ବର୍ଷିକିଆ ବଜେଟ ଟଙ୍କା ୧୩୦ କୋଟି ଲୋକଙ୍କ ମଧ ରେ କରିଦିଆହେବ ସେତିକି ଟଙ୍କାରେ ଜଣେ ହୁଏତ ୧୫ ଦିନ ଚଳି ପାରେ । ବାକି ୧୧ ମାସ ୧୫ ଦିନ କିଏ ଚଳଉଛି । ସୁତରାଂ ପ୍ରକୃତିର ଅବଲୁଣ୍ଠନ ପରିବର୍ତ୍ତେ ପ୍ରକୃତିର ଯତ୍ନ ନିତାନ୍ତ ଅପରିହାର୍ଯ୍ୟ । ଆମର ସମ୍ପତ୍ତି ହେଲା **Land, Labour, Capital** ଏବଂ **Organisation** । ଅର୍ଥନୀତିର ସୁଧାର ପାଇଁ ଏହି ଚାରୋଟି ବିଷୟ ପ୍ରତି ସର୍ବାଧିକ ଧ୍ୟାନ ଦିଆଯିବାର ଆବଶ୍ୟକତା ରହିଛି । ଆଜି କାଲିର ପିଲାଙ୍କୁ ଯଦି ଏହା ପଚରାଯାଏ ପରିବା କେଉଁଠି ମିଳେ - ହାଟରେ, ତେଲ କେଉଁଠି ମିଳେ ପେଟ୍ରୋଲ ପମ୍ପରେ ଏବଂ ଟଙ୍କା କେଉଁଠି ମିଳେ ବ୍ୟାଙ୍କରେ ଏଇଥିରେ ସୀମିତ ରହିଯିବେ । **Land** ବା ମାଟି ଆମର ମୁଖ୍ୟ ସମ୍ପତ୍ତି । ମାଟିର ଉର୍ବରତା କମିଲେ ଉତ୍ପାଦନ କମିବ ଯାହା ଅର୍ଥନୀତି ଉପରେ ସିଦାସଳଖ ପ୍ରଭାବ ପକାଇବ । ମୃତ୍ତିକା ବୈଜ୍ଞାନିକ ମାନେ କହିଲେଣି ଯଦି ଏମିତି ଜୈବିକ ଖତ ନଦେଇ ମୁଠାଏ ସାର ବୁଣିଦେଇ ଫସଲ ଅମଳ କରି ଚାଲିଥିବା ମାଟିର ଜୈବିକ ଅଂଶ କମିଯିବ, ମାଟିରେ ମାଟି କମିଯାଇ ଖାଲି ବାଲି ରହଯିବ , ମାଟି ଟାଣ ହୋଇଯିବ । **Labour efficiency** କମିଯାଉଛି । ସେମାନଙ୍କର ମଧ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଗଲାଣି । **Capital**- ପୁଂଜି ଅନ୍ୟ ଏକ ସମ୍ପତ୍ତି । ଲୋନ୍ ମାଧ୍ୟମରେ ପୁଂଜି ଯୋଗାଇଦେଲେ ତାଙ୍କ ହାତକୁ ଟଙ୍କା ଗଲା । ଯେଉଁଠି ସଂଚୟ ନାହିଁ ସେମାନେ ଲୋନ୍ ସୁଝି ପାରୁ ନାହାନ୍ତି । ଦେଶ କେବଳ ଦେବାଳିଆ ହୋଇଯାଉଛି । **Organisation** ସଂଗଠିତ ନହେବା ଏକ ବଡ଼ ସମସ୍ୟା ହୋଇଗଲାଣି । ପରସ୍ପର ଭିତରେ ସୁସଂପର୍କ ଆଉ ରହୁନାହିଁ । **Party politics** ନାଁରେ ପରସ୍ପରର ବିରୋଧି ହୋଇଯାଉଛନ୍ତି । ଭାଇଚାରା ଆଉ ନାହିଁ କହିଲେ ଚଳେ । ଲୋକ ଚରିତ୍ରରେ ଏକ ମନ ଏକ ପ୍ରାଣ ହୋଇ ରହିବା ଆଉ ଦେଖାଯାଉ ନାହିଁ । ପରସ୍ପର ପରସ୍ପର ଭିତରେ ସହଯୋଗୀତା ଦେବତା ମାନଙ୍କର ମୁଖ୍ୟ ଗୁଣ । ଅସୁର ମାନଙ୍କର ପରମ୍ପରା ଅସହଯୋଗୀତା ଦେଖାଦେଲାଣି । ଭାତୃଭାବ ହଜିଯାଉଛି । ଟଲଷ୍ଟୟଙ୍କ ଏକ କାହାଣୀ ଥିଲା ମଣିଷ କାହିଁରେ ବଞ୍ଚେ । ମଣିଷ ପ୍ରେମରେ ବଞ୍ଚେ । ସେଇଟା କ'ଣ ଅଛି ? ରାମରାଜ୍ୟ କ'ଣ ସମ୍ଭବ ??

+ଅବସରପ୍ରାପ୍ତ ଅତିରିକ୍ତ କୃଷି ନିର୍ଦ୍ଦେଶକ,
ଓଡ଼ିଶା ସରକାର
ମୋ-୯୪୩୭୦୬୮୯୧୯/୮୦୧୮୭୩୮୮୪

ସ୍ମୃତି ଶତଦଳ ୨୯

# କବି ସମ୍ମିଳନୀ-୪



ଡା. ସରୋଜିନୀ ଷଡଙ୍ଗୀ
❤ ଲିଙ୍କରୋଡ଼, କଟକ-୧୨
(ମୋ) -୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

ନାଲ୍‌କୋ ଅଡିଟୋରିୟମରେ ହେଉଥିବା କବି ସମ୍ମିଳନୀର ବିଷୟ ବସ୍ତୁ ଥିଲା 'ଜୀବନ' । ଜୀବନ ଉପରେ କବିତା ତ' ଆମେ ଆଜନ୍ମରୁ ଲେଖୁଛେଁ । ଏ କବିତା ତ' ଅସରନ୍ତି, ଅସରନ୍ତି ଆମ ଜୀବନର ଏ ଅମୃତ ଯାତ୍ରା । କେଉଁଠୁ ଏ ଯାତ୍ରାର ଆରମ୍ଭ କେଉଁଠି ପୁଣି ଶେଷହେବ ଏ ଯାତ୍ରା, ଏହାର ଲକ୍ଷ୍ୟ କ'ଣ, ଉଦ୍ଦେଶ୍ୟ କ'ଣ କେଉଁଠି କେତେବେଳେ ସମାପ୍ତ ହେବ ଏହା କେହି ଜାଣନ୍ତି ନାହିଁ । କେତେବେଳେ ଜୀବନ ଫଗୁଣରେ ମୁଠା ମୁଠା ଫଗୁର ଫୁଆର ବିଂଚିଦିଏ ତ' ଆଉ କେଉଁଠି ଲୁହ ଶ୍ରାବଣରେ ଭିଜାଇ ଦିଏ । ଜୀବନ ତ ଆନନ୍ଦ ଓ ହସର ସ୍ନିଗ୍ଧ ସ୍ରୋତରେ ପହଁରି ପହଁରି ଲୁଚକାଳି ଖେଳେ ଆଉ କେତେବେଳେ ଦୁଃଖର ଲୁହ ସମୁଦ୍ରରେ ବୁଡି ବୁଡି ମଧ୍ୟ ଜୀବନ ବିମୁଗ୍ଧ ମନ୍ତ୍ରଗାନ କରୁଥାଏ । ଜୀବନ ଏକ ଚିତ୍ରକର, ତା'ହାତରେ ଥାଏ ରଙ୍ଗର ପସରା, ହାତରେ ରଙ୍ଗ ବାକ୍ସ ଓ ତୂଳୀଧରି କାନଭାସରେ ଇନ୍ଦ୍ରଧନୁ ଆଙ୍କେ, ବାଲିରେ ପ୍ରତିମା ଗଢେ ଓ ଉଦ୍‌ଭାସରେ, ଉଲ୍ଲାସରେ ଜୀବନକୁ ଉଚ୍ଛୁଳାଇ ଦିଏ ।

କେବେ ବିଷାଦରେ, ପୁଣି ବିରହରେ/ ଜୀବନ ଲେଖନୀ ଧରି/ ଲେଖୁଥାଏ ପ୍ରାଣର କବିତା/ ଜୀବନର ଗ୍ରୀଷ୍ମଋତୁ/ କେବେ ଜଳେ, କେବେ ଜାଳେ/ କେବେ ଆଗ୍ନେୟଗିରିର ଲାଭା ଭଳି କରେ ଭୂକଂପନ/ କେବେ ପୁଣି ଜାହ୍ନବୀର ଜଳେ ଭିଜି/ କରୁଥାଏ ମୃଦୁ ମୃଦୁ ଲାଭା ବିସ୍ଫୋରଣ ।

ଲାଭା ବିସ୍ଫୋରଣ ପରେ ଜମି ଉର୍ବର ହୋଇଯିବା ଭଳି ଅମୃତ ଜଳର ସିଂଚନରେ ଜୀବନ ପାଲଟିଯାଏ କମନୀୟ କବିତାର ମୁଗ୍ଧ ନୀଳୋତ୍ପଳ । ଜୀବନର ବରଦ ମୁଦ୍ରାରୁ ଅହର୍ନିଶି ଶୁଭୁଥାଏ, ପ୍ରାଣର ପାଞ୍ଚଜନ୍ୟ ।

ସତରେ ଜୀବନ ଏକ ବିରାଟ ରଙ୍ଗମଞ୍ଚ । ଏ ଜୀବନରେ ଅଭିନୟ କରିବାକୁ ଆମେ କିଛିଦିନ ବଂଚି ରହିଛେ, ପୁଣି ନିଜ ନିଜ ଅଭିନୟ ସାରି ବାହୁଡିଯିବା କିନ୍ତୁ ଜୀବନ ପାଇଁ ଯେଉଁ ବିରାଟ ମୋହ ସେ ମୋହରୁ ମୁକ୍ତି କାହିଁ ?

ତଥାପି ଜୀବନ ଆମ ପାଇଁ ଏକ ବିରାଟ ଆକର୍ଷଣ । ବଂଚି ରହିବା ଏଠି ଈଶ୍ୱରଙ୍କର ସର୍ବୋତ୍ତମ ଦାନ । ନ୍ତଏ ଜୀବନ ଭରିଦିଏ/ ପ୍ରତିଟି ଚଲା ପଥରେ । ସମ୍ମୋହନ ପୁଣି ଆକର୍ଷଣ !! ଜୀବନର ବିଶ୍ୱରୂପ ଦେଖିବାକୁ ବାରଂବାର କରୁଥାଏ ନିଃଶବ୍ଦରେ ନୀଳ ନିମନ୍ତ୍ରଣ ।ନ୍ତ

ଜୀବନର ନିମନ୍ତ୍ରଣ ଏଡାଇବା କ'ଣ ସମ୍ଭବ ? ଜୀବନର ଆକର୍ଷଣ ବି ଅନନ୍ୟ । ସେଦିନ ରାତିରେ ନାଲକୋ ଅଡିଟୋରିୟମରେ ସମସ୍ତଙ୍କର କବିତା ପାଠ ଶେଷ ହେଲା ବେଳକୁ ପ୍ରାୟ ରାତି ସାଢେ ୯ଟା ବାଜିଯାଇଥିଲା । ସମସ୍ତ କବି ନାଲକୋ ଗେଷ୍ଟ ହାଉସକୁ ଫେରି ଗଲେ ରାତିରେ ଡିନର ଖାଇ ତା'ପରଦିନ ନିଜ ନିଜ ଗନ୍ତବ୍ୟ ସ୍ଥଳକୁ ଫେରି ଆସିବା ପାଇଁ । ଆମକୁ କିନ୍ତୁ ଫେରିବାକୁ ପଡିଲା କଟକ, ରୋଗୀମାନଙ୍କ ପାଇଁ । ଦୁଇ ନାଆରେ ଗୋଡ ଦେଲେ ନାବିକର ଯେଉଁ ଶୋଚନୀୟ ଅବସ୍ଥା ହୋଇଥାଏ, ସେ ଅବସ୍ଥା ମୋର ହୋଇଥିଲା । ଗୋଟିଏ ନାଆରେ ଜୀବନ ତ ଆର ନାଆରେ ଜୀବିକା ତ' ନୁହେଁ ସିଏ ଆଉ ଦୁଇଟି ମୂଲ୍ୟବାନ୍ ଜୀବନ ! ଗୋଡ ଖସିଗଲେ ଦୁଇ ନାଆରୁ ଜୀବନକୁ ହରାଇ ବସିବି, ତେଣୁ ଜୀବନନଦୀରେ ବହୁ କଷ୍ଟରେ ଆହୁଲା ମାରିବାକୁ ପଡିବ ଓ ଦୁଇଟି ଯାକ ନାଆକୁ କୂଳରେ ପହଞ୍ଚାଇବାକୁ ପଡିବ । ହ୍ୟାଟସ୍ ଅପ୍ କଲି ପାଜେରୋ ଗାଡିକୁ ଯିଏ ସବୁ ରାସ୍ତାରେ ନିରାପଦରେ ଆମକୁ ନିଜ ଶରୀରରେ ବହନ କରି ଆଣେ ଏବଂ ଡବଲ ହ୍ୟାଟସ୍ ଅପ କଲି ରମାରମଣଙ୍କୁ ଯିଏ ଏତେ ରାତିରେ ମଧ୍ୟ ଡ୍ରାଇଭ କରି ମତେ ନେଇ କବି ସମ୍ମିଳନୀ ପାଖରେ ପହଞ୍ଚେଇ ଦିଅନ୍ତି, ଧୈର୍ଯ୍ୟର ସହ କବି ସମ୍ମିଳନୀରେ କବିତା ଶୁଣନ୍ତି ମୋର କବିତା ଲେଖିବାର ଓ ଶୁଣିବାର ସବୁ ପାଗଳପଣକୁ ସହନ୍ତି ଓ ନିରାପଦରେ ଫେରାଇ ଆଣନ୍ତି ଘରକୁ । ପ୍ରଜାତନ୍ତ୍ରର ବିଷୁବ ମିଳନରେ କବି ସମ୍ମିଳନୀ ମଧ୍ୟ ବିଶେଷ ଉଲ୍ଲେଖଯୋଗ୍ୟ, କାରଣ ସେତେବେଳେ ବହୁ ବରିଷ୍ଠ କବିମାନେ ଖୁବ୍ ଖୁସିର ସହ ଯାଉଥିଲେ । ପୂଜ୍ୟ ବ୍ରଜନାଥ ରଥ, ପ୍ରସନ୍ନ ମିଶ୍ର ଆଦି କବିତା ପଢନ୍ତି, ହାତରେ ମଲ୍ଲୀଫୁଲର ହାର ଲଗାନ୍ତି ଏବଂ ପଣା ପିଇ ଘରକୁ ଫେରନ୍ତି । ଖାଲି ମନେପଡେ, ସେ ପୁରୁଣା ଦିନ ଆଜି ଆଉ କାହିଁ ?

(କ୍ରମଶଃ)


**ଗୋଟିଏ ନାଆରେ ଜୀବନ ତ ଆର ନାଆରେ ଜୀବିକା ତ' ନୁହେଁ ସିଏ ଆଉ ଦୁଇଟି ମୂଲ୍ୟବାନ୍ ଜୀବନ! ଗୋଡ ଖସିଗଲେ ଦୁଇ ନାଆରୁ ଜୀବନକୁ ହରାଇ ବସିବି, ତେଣୁ ଜୀବନନଦୀରେ ବହୁ କଷ୍ଟରେ ଆହୁଲା ମାରିବାକୁ ପଡିବ ଓ ଦୁଇଟି ଯାକ ନାଆକୁ କୂଳରେ ପହଞ୍ଚାଇବାକୁ ପଡିବ**

# ଧାରାବାହିକ ଅନୁବାଦ ଉପନ୍ୟାସ-(୨୩)

# ମାଆ



ମୂଳ ମରାଠୀ :
ଉତ୍ତମ କାମ୍ବଲେ






ଅନୁସୃଜନ:
ନନ୍ଦିତା ମହାନ୍ତି

(ପୂର୍ବ ପ୍ରକାଶିତ ଉତ୍ତାରୁ)

(୨୩)

ସାରା ଜୀବନ ମୋ ମାଆ ଯେଉଁ ସଂଘର୍ଷ କରିଥିଲା ଅନେକ ଥର ତାହା ମୋର ସାହିତ୍ୟ ରଚନା ପାଇଁ ପ୍ରେରଣା ହୋଇଥିଲା । ଜୀବନ ସଂଘର୍ଷରେ ତାକୁ ଯେଉଁସବୁ ଯନ୍ତ୍ରଣା ମିଳିଥିଲା ତା ଉପରେ ବା ସେଇ ସଂଘର୍ଷ କାହାଣୀର ପ୍ରତ୍ୟକ୍ଷଦର୍ଶୀ ହୋଇଥିବା କାରଣରୁ ମୋତେ ମିଳିଥିବା ଅନୁଭବକୁ ନେଇ ଛୋଟ ବଡ଼ ଅନେକ କାହାଣୀ ଲେଖୁଥିଲି ମୁଁ । ଖୁବ୍ ଚର୍ଚ୍ଚିତ ହୋଇଥିବା ଲେଖା ସବୁ ମାଆ ପଢି ପାରିନଥିଲା । ଗାଁରେ ଯଦି କୌଣସି ନାତି-ନାତୁଣୀ ପଢିକି ଶୁଣେଇ ଦେଉଥିଲେ ତେବେ ଶୁଣୁଥିଲା ସିଏ । ହେଲେ କେବେ ହେଲେ ସିଏ ନିଜର ପ୍ରତିକ୍ରିୟା ବ୍ୟକ୍ତ କରୁନଥିଲା । ନାସିକ ଆସିଲା ପରେ ମୁଁ ମୋର ଆତ୍ମ-ଜୀବନୀ 'ବାଟ ତୁଡଓ୍ୱତାନା' (ରାସ୍ତା ପାରି କରୁଥିବା ଅବସରରେ) ମାଆ ସାମ୍ନାରେ ରଖିଲି । "ଏଇ ପୁସ୍ତକରେ ତୋ ବିଷୟରେ ଲେଖାଯାଇଛି ।"ମାଆକୁ ମୁଁ କହିଲି । ସିଏ ବହି ଉପରେ ତାର ଡାହଣ ହାତକୁ ବୁଲେଇ ଆଣି କହିଲା "ଖୁବ୍ ଭଲ ।"

ତାକୁ ବହି ପଢିବା ଆସୁନଥିଲା । ହେଲେ 'ଭଲ କେମିତି ଲାଗିଲା' ସେଇ ପ୍ରଶ୍ନ ମୋ ମନରେ ଉଙ୍କି ମାରୁଥିଲା । ମୁଁ ସହଜ ଭାବରେ କହିଲି "ଆଚ୍ଛା ମାଆ,ତୁ ତ ପଢିପାରୁନାହୁଁ,ତଥାପି ବହିଟି ଭଲ ଏକଥା କେମିତି କହୁଛୁ ତୁ ?"

ସିଏ: ଏବେ.... ଦେଖ... କଥାଟା ଏମିତ କି... ତୋତେ ବୁଝଉଛି ରହ, ଭଲ କଥା ନ ପଢି ବି ବୁଝି ହେଇଯାଏ ।

ଅଦ୍ଭୁତ ଉତ୍ତର ଥିଲା ମାଆର । ମୋ ମନରେ ଏପରି ଏକ ବିଚାର ତିଆରି ହେବାରେ ଲାଗିଥିଲା ଯେ, ମାଆ କଣ ନିଜର ନିରକ୍ଷରତାକୁ ସମର୍ଥନ କରୁଛି, ନା ପୁଅ ଲେଖିଛି ସେଇଥିପାଇଁ ବହିଟି ଭଲ ବୋଲି ମାଆ କହିବାକୁ ଚାହୁଁଛି । ମୁଁ ନିଜକୁ ସମ୍ଭାଳି ପାରିଲିନି । ମୁଁ ପୁଣି କହିଲି, ମାଆ ଏଇ ବହିରେ ମୁଁ ତୋ ବିଷୟରେ ଅନେକ କିଛି ଲେଖିଛି । ତୁ କେତେ କେତେ କଷ୍ଟ କରିଛୁ । ଆମ ପଇଁ ତୋତେ ଭୋକିଲା ପେଟରେ ରହିବାକୁ ହୋଇଛି... ସବୁ କିଛି ଲେଖିଛି ।"

ସିଏ କହିଲା, "ଏଥିରେ ଲେଖିଲା ପରି କଣ ଅଛି ଯେ ? ମାଆ ହେଲା ପରେ ଏସବୁ ତ କରିବାକୁ ପଡ଼େ । ସବୁ ମାଆମାନେ କରନ୍ତି ।"

ମୁଁ: "ମାଆ, ତୁ କିନ୍ତୁ ଏକଦମ୍ ଅଲଗା ।"

ସିଏ: "ସବୁ ପୁଅମାନଙ୍କୁ ସେମିତି ହିଁ ଲାଗେ । ହେଲେ ମାଆ କେବଳ ମାଆ ହିଁ ହୋଇଥାଏ ।" 'ଆଇ' ବା 'ମାଆ' ଶବ୍ଦର ମହତ୍ତ୍ୱକୁ ଅନୁଭବ କରିବା, ମାଆକୁ ବୁଝିବା ଭାରି କାଠିକର ପାଠ, ଏ କଥାକୁ ଅନେକ ଥର ହୃଦୟଙ୍ଗମ କରିଥିଲି ମୁଁ । ହେଲେ ମୁଁ ଆଜି ବି ସେଇ ଚେଷ୍ଟାରେ ରହିଛି । ମୋର ପୁଅମାନେ ବି ନିଜର ପିତା-ମାତାଙ୍କୁ ବୁଝିବାକୁ ଚେଷ୍ଟା କରିଥିଲେ । ଆଜିକାଲି ମଦର୍ସ ଡ଼େ' ବା ଫାଦର୍ସ ଡ଼େ' ପାଳନ କରିବାର ପରମ୍ପରା ସ୍କୁଲମାନଙ୍କରେ, ବିଶେଷ କରି ଇଂରାଜୀ ମାଧ୍ୟମ ବିଦ୍ୟାଳୟମାନଙ୍କରେ ଆରମ୍ଭ ହୋଇଯାଇଛି । ଥରେ ବଡ଼ ପୁଅକୁ ଫାଦର୍ସ ଡ଼େ'ରେ ବାପାଙ୍କ ଉପରେ ଗୋଟେ ସୁନ୍ଦର କବିତା ବା ଅତି କମ୍‌ରେ ଚାରୋଟି ଧାଡ଼ି ଲେଖି ଆଣିବା ପାଇଁ ସ୍କୁଲରେ କୁହାଯାଇଥିଲା । ଛୋଟ ପୁଅକୁ କୁହାଯାଇଥିଲା, ମାଆ ଉପରେ କିଛି ଲେଖିକରି ଆଣିବା ପାଇଁ । ହେଲେ ସେମାନେ ଲେଖିବେ କଣ, ଏଇ ପ୍ରଶ୍ନ ଥିଲା ଦୁଇ ପୁଅଙ୍କ ସାମ୍ନାରେ । ଦୁଇଜଣ ଯାକ ସମସ୍ୟାରେ ଥିଲେ । ବଡ଼ ପୁଅ ବେଶୀ ଉଦ୍‌ବିଗ୍ନ ଥିଲା । ମୋ ଠାରୁ ଖାଇଥିବା ମାଡ଼ କଥା ବୋଧହୁଏ ତାର ମନେ ପଡୁଥିବ । କଣ ଲେଖିବ, ସେଇ କଥା ଭାବି ତାକୁ ବ୍ୟସ୍ତ ଲାଗୁଥିବ । ସିଏ ରାତିରେ କିଛି ଲେଖିଲା । ସକାଳୁ ଉଠି ସ୍କୁଲ ଗଲା । ନିଜର ପିତାଙ୍କ ବିଷୟରେ ସିଏ କଣ ଲେଖିଲା ତାହା କାହାକୁ ଦେଖେଇଲା ନାହିଁ । ସନ୍ଧ୍ୟାରେ ସିଏ କହିବାକୁ ଲାଗିଲା, "ବାପା, ଆପଣଙ୍କ ବିଷୟରେ ମୁଁ ଫୋର ଲାଇନ୍‌ସ ଲେଖିଛି । ଯଦି ତୁମେ ତାକୁ ଶୁଣି ବିରକ୍ତ ନହେବ, ତେବେ ମୁଁ ତୁମକୁ ଶୁଣେଇବି ।" ମୁଁ ନ ରାଗିବାର ଆଶ୍ୱାସନା ଦେଲି । ସିଏ କହିଲା "ଶୁଣ ବାପା... ।"

ପ୍ଲାଷ୍ଟିକ୍ ଇଜ ପ୍ଲାଷ୍ଟିକ୍
ଇଲାଷ୍ଟିକ୍ ଇଜ୍ ଇଲାଷ୍ଟିକ୍
ମାଇ ଫାଦର ଇଜ୍ ଭେରି ଭେରି ଫାଣ୍ଟାଷ୍ଟିକ୍ ।

ଏଇ ବାକ୍ୟ ସବୁ ଶୁଣି ମୁଁ ମନକୁ ମନ ହସିଲି । ଏହା ନିଶ୍ଚିତ ହୋଇଯାଇଥିଲା ଯେ ପ୍ଲାଷ୍ଟିକ୍ ଓ ଇଲାଷ୍ଟିକ୍‌ର ଯୁଗ ଏବେ ନିଜର ପିତାଙ୍କୁ ବର୍ଣ୍ଣନା କରିବା ଯାଏଁ ପହଞ୍ଚି ଯାଇଛି । ଏଥିରେ ମୋ ପୁଅର କିଛି ଦୋଷ ନଥିଲା । ସର୍ବବ୍ୟାପୀ ହେଉଥିବା ପ୍ଲାଷ୍ଟିକ୍‌ର ହିଁ ଥିଲା ....

ଛୋଟ ପୁଅ ମାଆ ଉପରେ କିଛି ବାକ୍ୟ ଲେଖୁଥିଲା...

ମୋ ମାଆ ବହୁତ ଭଲ । ସିଏ ମୋତେ ବହୁତ ଭଲ ଲାଗେ । ସିଏ ମୋତେ ଖାଇବାକୁ ଦିଏ । ମୋତେ ପଢାଏ ବି । ମୋର କପଡ଼ା ଧୁଏ । ମୋତେ ବହୁତ ଭଲ ପାଏ ।

ବାଃରେ ବାଃ ! ଏମିତି ସବୁ କଣ ମାଆର ବର୍ଣ୍ଣନା କରାଯାଏ ? ଶବ୍ଦ ଦ୍ୱାରା ତାର ପ୍ରତିଛବି କଣ ଏଇପରି ଅଙ୍କାଯାଏ ? ମନରେ ଆସିଲା, ପିଲାଙ୍କୁ ଜଣେଇବା ଉଚିତ୍ ଯେ ମାଆର ମହତ୍ତ୍ୱ ତଉଲିବା ପାଇଁ ଏହା କଣ ଏକମାତ୍ର ଶୈଳୀ ? ମାଆ ଖୁବ୍ ଭଲ । ମାଆ ଭଲ ପାଏ । ଏ ସାର୍ଟିଫିକେଟ୍ ଦେବାକୁ ତୁମେ କିଏ ? ଟିକେ ମୋ ମନ ଭିତରକୁ ବି ଉହୁଙ୍କି ଦେଖ ମୋର ବାପାମାନେ ! ମୁଁ ବି କେତେ ସଂଘର୍ଷ କରୁଛି । କେତେ ବର୍ଷ ହେଲା ଧର୍ମ-ଯୁଦ୍ଧ କରି ଚାଲିଛି । ମାଆକୁ ଶବ୍ଦ ମାଧ୍ୟମରେ ବୁଝିବାକୁ ହେଲେ ଶଳା, ସବୁ ଶବ୍ଦ ବାମନ ଲାଗୁଛନ୍ତି ଯେତେବେଳେ ତାଙ୍କ ସାମ୍ନାରେ 'ଆଇ' ବା 'ମାଆ' ଶବ୍ଦ ଏକ ହିମାଳୟ ପରି ଛିଡ଼ା ହୋଇଯାଉଛି । କୌଣସି ଶବ୍ଦରେ ଏତିକି ସାହସ ନାହିଁ ଯେ ସିଏମୋର ମାଆକୁ ନିଜର ପରିଧି ଭିତରେ ଆବୋରି ନେଇପାରିବ । ସବ ଶବ୍ଦ ଅର୍ଥହୀନ... ସବୁ କଳ୍ପନା... ସବୁ ବିଶେଷଣ ! ମନ ଭିତରେ ଉଠୁଥିବା ଭାବନାକୁ ମୁଁ ନିଜ ମନ ଭିତରେ ହିଁ କେଉଁଠି କବର ଦେଇଦେଲି । ଛୁଆମାନେ ଅର୍ଥାତ୍ ଛୋଟ ଛୋଟ ଜୀବନସବୁ । ତାଙ୍କ ଭିତରେ ଏତେ କ୍ଷମତା କେଉଁଠୁ ଆସିବ ଯେ ସେମନେ ମାଆ ଶବ୍ଦର ଆକାଶଛୁଆଁ ଉଚ୍ଚତାକୁ ଛୁଇଁ ପାରିବେ ? ମାଆକୁ ଦେଖିବା ପାଇଁ ଏକ ଅନ୍ତର୍ଦୃଷ୍ଟି ଦରକାର । ଏମିତି ଏକ ଦୃଷ୍ଟିକୋଣ ମୋ ଭିତରେ ତିଆରି ହୋଇଯାଇଥିଲା । ଏଇଟା ଭଲ ହେଲା ଯେ ପିଲାମାନେ ପ୍ଲାଷ୍ଟିକ୍, ଇଲାଷ୍ଟିକ୍ ପର୍ଯ୍ୟନ୍ତ ହିଁ ସୀମିତ ରହିଛନ୍ତି... ସେମାନେ କମ୍ପ୍ୟୁଟର ମାଉସ, ଏଣ୍ଟର ଓ ଡିଲିଟ୍ ଯାଏଁ ପହଞ୍ଚି ପାରିନାହାନ୍ତି ।..... ସତେ ଯେମିତି ସେମାନେ ଆମ ଉପରେ ଏକ ଦୟା କରିଛନ୍ତି ।

ପିଲାମାନଙ୍କ ଠାରୁ ବାପାମାନେ ଯେ ଅଧିକ ବୁଦ୍ଧିଆ ଏଇ ଭୁଲଧାରଣାର ଆଧାରରେ ଏକ ମତ ମନ ଭିତରେ ତିଆରି କରି ଦେଇଥିଲି ମୁଁ । ଆରେ ପିଲାମାନେ ! ତୁମର ବାପା ବି 'ଆଇ' ବା 'ମାଆ' ଶବ୍ଦର ଅର୍ଥ ଏବେ ଯାଏ ଠିକ୍‌ରେ ବୁଝିପାରିନି, ଆଉ ତୁମେମାନେ ବା କେଉଁଠୁ ବୁଝିବ ? କମଲ ମାଉସୀର ବିବାହ ସ୍ଥିର ହୋଇଗଲା । ସିଏ ଥିଲା ଅଜାଙ୍କର ସବୁଠାରୁ ଛୋଟ ଗେହ୍ଲା ଝିଅ । ଗାଁରେ ଯଲ୍ଲମ୍ମାଙ୍କ ମେଳାରେ ଯେତେବେଳେ ସିନେମା ଆସେ, ସିଏ ମୋତେ କୋଳରେ ଉଠେଇ ନିଏ । ମୋତେ ତାର ଶାଢୀର ଅଞ୍ଚଳରେ ଘୋଡ଼ାଇ ପକାଏ ଆଉ ମୋର ଟିକଟ ନକାଟି, ମୋତେ ନେଇ ତମ୍ବୁରେ ପଶିଯାଏ । ଟିକେଟ୍ ଚେକର ଯଦି ଭୁଲରେ ପଚାରିଦିଏ ତେବେ ସିଏ ଉତ୍ତର ଦେଉଥିଲା "ଛାଡରେ ବାବା ! କୋଳର ଛୁଆଟା । ତାର ଟିକଟ ଗୋଟେ କଣ ମାଗୁଛୁ ଯେ ? ମୁଁ ତମ୍ବୁ ଭିତରକୁ ଗଲା ମାତ୍ରେ ତା କୋଳରୁ ତଳକୁ ଓହ୍ଲାଇ ଯାଉଥିଲି । ଆଉ ବାର/ଚଉଦ ବର୍ଷର ପିଲା ପରି ତମ୍ବୁ ଭିତର ସାରା ଦୌଡାଦୌଡ଼ି ଆରମ୍ଭ କରି ଦେଉଥିଲି । ପରଦା ଉପରେ ମଣିଷମାନେ କେମିତି ଦେଖା ଯାଉଛନ୍ତି ଆଉ ସ୍ୱର କେଉଁଠୁ ଆସୁଛି ସେ କଥା ଯାଞ୍ଚ କରିବା ପାଇଁ କ୍ରମାଗତ ଭାବରେ ପରଦା ପଛକୁ ଦୌଡୁଥିଲ । କମଲ ମାଉସୀ ଚିଡ଼ି ଯାଉଥିଲା । "ଆରେ ଦୌଡ଼ାଦୌଡ଼ି କରନା... ଚୁପ୍‌ଚାପ୍ ବସିକି ଖେଳ । ଏବେ ସେ ଟିକେଟ-ଚେକର ଯଦି ଦେଖିନବ, ଟିକେଟ କିଣବା ପାଇଁ କହିବ । ତୁ ଚୁପ୍‌ଚାପ୍ ଆସି ମୋ ପାଖରେ ବସିଯାଆ ।"

ମୋତେ ଏମିତି ଭଲ ପାଉଥିବା ମାଉସୀର ବି ବାହାଘର ଠିକ୍ ହେଇଯାଇଥିଲା । ମାମୁଁଘର ନିକଟସ୍ଥ, ଅର୍ଥାତ୍ ଟାକଲିବାଡ଼ି ପାଖରେ ପୁରୁଣା ଦାନଓ୍ୱାଡ଼ ଗାଁରେ ଥିଲା ତାରି ଶାଶୁଘର । ତାର ସ୍ୱାମୀ କୃଷି-ବିଭାଗରେ କାମ କରୁଥିଲା । ତା ସ୍ୱାମୀର କିଛି ନଈ କୂଳିଆ ଜମି ବି ଥିଲା । ମୋ ଅଜାଙ୍କୁ ଏହି ପ୍ରସ୍ତାବ ପସନ୍ଦ ଆସିଯାଇଥିଲା । ବାହାଘରର କିଛି ଦିନ ପୂର୍ବରୁ ହିଁ ମାଆର ଡେଲିଭରି ହୋଇଥିଲା । ସିଏ ମୋର ଆଉ ଗୋଟେ ଭାଇକୁ ଜନ୍ମ ଦେଇଥିଲା । ସଦ୍ୟ-ପ୍ରସୂତି ହୋଇଥିବାରୁ ସିଏ ତାର ଭଉଣୀ ବାହାଘରେ ଆସି ପାରିନଥିଲା । ସମସ୍ତେ ଏଇ କଥାରେ ଏକମତ ଥିଲେ ଯେ ପ୍ରସୂତିକୁ ନବଜାତ ସହିତ ବାହାଘରକୁ ଆସିବା କଥା ନୁହେଁ । ଏବେ ମାଆ ପାଖରେ ରହିବ କିଏ ? ସମସ୍ତଙ୍କର ବାହାଘରକୁ ଯିବାକୁ ଇଚ୍ଛାଥିଲା । ଗୋଟିଏ ଦିନର କଥା । କାରଣ ବରଯାତ୍ରୀ ସକାଳେ ଆସି ସନ୍ଧ୍ୟା ବେଳକୁ ଫେରି ଯିବା କଥା ଥିଲା । ମାଆ କହିବାକୁ ଲାଗିଲା "ମୁଁ ଏକୁଟିଆ ରହିଯିବି । ତୁମେମାନେ ସବୁ ଯାଅ ବାହାଘରରେ । ଏକୁଟିଆ ରହିବାରେ ମୋର କିଛି ଅସୁବିଧା ବେହନାହିଁ ।" ବରଯାତ୍ରୀ ଦଳ ଦାନବାଡ଼୍ ପାଇଁ ବାହାରି ସାରିଥିଲେ । ରାତିରେ ଖାଇବା ପିଇବା ସରିଲା । ଦ୍ୱିପ୍ରହରରେ ଏକ ସ୍ୱତନ୍ତ୍ର ମିଠା ଓ ରାତିରେ ଅନ୍ୟ ସବୁ ରେଷେଇ ବୋଧହୁଏ ହୁଏ । ମୋର ଯାହା ମନେ ପଡୁଛି ବୋଧହୁଏ ମଇଁଷୀ କଟା ଯାଇଥିବ । ଭୋଜି ଖାଇ ସାରିବା ପରେ ବରଯାତ୍ରୀ ଦଳ ଫେରନ୍ତା ରାସ୍ତାରେ ଥିଲେ । ରାତି ବାରଟା ବାଜି ଯାଇ ସାରିଥିଲା । ବରଯାତ୍ରୀ ଦଳ ଘରର କବାଟ ସାମ୍ନାରେ ପହଞ୍ଚି ଯାଇଥିଲା । କେହି ଜଣେ କବାଟ ବାଡଉଥିଲା, ହେଲେ ଖୋଲି ପାରୁନଥିଲା । ଦ୍ୱିତୀୟ, ତୃତୀୟ ଆଉରି କେତେଜଣ କବାଟ ଖଟ୍‌ଖଟ୍ କଲେ । ହେଲେ କିଛି ଜବାବ୍ ମିଳୁନଥିଲା । ତାପରେ ନାଁ ଧରି ଡାକିବା ଆରମ୍ଭ କଲେ । "ଇଲନ୍ଦା ଆଆଆ... କବାଟ ଖୋଲ, ବରଯାତ୍ରୀ ଦଳ ଫେରି ଆସିଲେଣି । ଇଲନ୍ଦା କବାଟ ଖୋଲ, ଖୋଲ କବାଟ..." ବାରବାର ଡାକିଲେ ବି କବାଟ ଜମାରୁ ଖୋଲୁନଥିଲା । ଭିତରୁ କୌଣସି ହଲଚଲ୍ ହେବାର ଶବ୍ଦ ବି ଶୁଭୁନଥିଲା । ଏବେ କଣ କରାଯିବ ? ସମସ୍ତେ ବ୍ୟସ୍ତ ହୋଇ ପଡ଼ିଥିଲେ । ଧକ୍କା ମାରି କବାଟ ଭାଙ୍ଗି ଦିଅ । କାହା କାହା ମନରେ ତ ଆଶଙ୍କାର ପେଚା ପକ୍ଷ ମେଲାଉଥିଲା ।

(କ୍ରମଶଃ)

❤ ରାଜଭବନ ଡାକଘର,
ଭୁବନେଶ୍ୱର-୮
(ମୋ) ୮୨୪୯୪୩୭୨୭୬

# ଆଦାନି ଫାଉଣ୍ଡେସନ୍ ପକ୍ଷରୁ ଉତ୍ଥାନ ପ୍ରକଳ୍ପ ଅଧିନରେ ଗ୍ରୀଷ୍ମକାଳୀନ ଶିବିର




ଧାମରା, ୨୭/୦୫ (ନି.ପ୍ର): ଆଦାନି ଗ୍ରୁପ ଅଫ୍ କମ୍ପାନୀର ସିଏସ୍ଆର୍ ବିଭାଗ, ଆଦାନି ଫାଉଣ୍ଡେସନ ପକ୍ଷରୁ ଉତ୍ଥାନ ପ୍ରକଳ୍ପ ଅଧିନରେ ଏକ ଗ୍ରୀଷ୍ମକାଳୀନ ଶିବିର ଆୟୋଜିତ ହୋଇଯାଇଛି । ଉତ୍ଥାନ ପ୍ରକଳ୍ପ ଅଧିନରେ ପୋର୍ଟ ପାରିପାର୍ଶ୍ୱସ୍ଥ ୪୦ ଟି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହି ଶିବିରରେ ସକ୍ରିୟ ଅଂଶଗ୍ରହଣ କରିଛନ୍ତି । ଚଳିତବର୍ଷ ନିରନ୍ତର ଗ୍ରୀଷ୍ମପ୍ରବାହ ଯୋଗୁ ଓଡ଼ିଶା ସରକାରଙ୍କ ପକ୍ଷରୁ ଏପ୍ରିଲ ୨୧ ତାରିଖରୁ ଜୁନ ମାସ ୧୮ ତାରିଖ ପର୍ଯ୍ୟନ୍ତ ଗ୍ରୀଷ୍ମଛୁଟି ଘୋଷଣା କରାଯାଇଛି । ଏହି ଗ୍ରୀଷ୍ମଛୁଟି ଅବସରରେ ବିଦ୍ୟାଳୟଗୁଡ଼ିକର ଶିକ୍ଷକମାନଙ୍କ ତଦାରଖରେ, ଆମର ଉତ୍ଥାନ ସହାୟକମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଗୋଷ୍ଠୀସ୍ତରୀୟ କାର୍ଯ୍ୟକ୍ରମମାନ ଯୋଜନା କରାଯାଇଛି । ବିଶେଷ କରି ଏହି ଛୁଟିର ସଦୁପଯୋଗ କରିବା ପାଇଁ ତଥା ଛାତ୍ରଛାତ୍ରୀମାନଙ୍କୁ ଗଣିତ ଓ ମାନସାଙ୍କ ଭଳି ବିଷୟରେ ଅଧିକ ପାରଙ୍ଗମ କରିବା ପାଇଁ ଏହି ଶିବିରର ଆୟୋଜନ କରାଯାଇଛି । ଚଳିତବର୍ଷ ଉତ୍ଥାନ ସହାୟକମାନଙ୍କ ଦ୍ୱାରା ପରିଚାଳିତ ଏହି ଗ୍ରୀଷ୍ମକାଳୀନ ଶିବିରରେ ୨୫୦୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି । ଶିବିରରେ ଛାତ୍ରଛାତ୍ରୀମାନଙ୍କୁ ଚିତ୍ରକଳା, ଭାଷାଗତ ଦକ୍ଷତା, କ୍ରୀଡ଼ା ଆଦି ବିଷୟ ଉପରେ ତାଲିମ ଦିଆଯାଇଥିଲା ଏବଂ ଯେଉଁଥିରେ ସେମାନେ ନିଜକୁ ସାମିଲ କରିପାରିଛରନ୍ତି । ଏହା ବ୍ୟତୀତ, ଚଳିତ ବର୍ଷ ଏହି ଗ୍ରୀଷ୍ମକାଳୀନ ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସ୍କୁଲ ପାଠରେ ପଛୁଆ ରହୁଥିବା ଛାତ୍ରଛାତ୍ରୀମାନଙ୍କୁ ଏକତ୍ର କରିବା ଏବଂ ସେମାନଙ୍କ ଅଭିଭାବକମାନଙ୍କୁ ବିଶେଷ କରି ମା'ମାନଙ୍କୁ ଏଥିରେ ସାମିଲ କରାଇବା । ଏଥିସହ ମା'ମାନଙ୍କ ଏକ ଗ୍ରୁପ ଗଠନ କରାଯାଇ ପ୍ରତି ମାସରେ ଅଭିଭାବକ ବୈଠକ ମାଧ୍ୟମରେ ବର୍ଷତମାମ ଏହି କାର୍ଯ୍ୟକ୍ରମର ଚାଲୁରଖିବା ଉପରେ ଗୁରୁତ୍ୱ ଦିଆଯାଇଛି । ୨୦୧୯ ମସିହାରୁ ଚାନ୍ଦବାଲି ବ୍ଲକରେ ୩ ଟି ଶିକ୍ଷା କ୍ଲଷ୍ଟର ଉତ୍ଥାନ ପ୍ରକଳ୍ପ କରାଯାଇଥିବା ବେଳେ ଏହାଦ୍ୱାରା ୭୦୦୦ ଛାତ୍ରଛାତ୍ରୀ ଲାଭବାନ ହୋଇପାରିଛନ୍ତି ।

# ପର୍ଯ୍ୟଟନ ବିଭାଗର କାର୍ଯ୍ୟାବଳୀ ସମୀକ୍ଷା

ଭୁବନେଶ୍ୱର, ୨୭/୦୫ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ପର୍ଯ୍ୟଟନ ବିଭାଗର ସମୀକ୍ଷା କରିଥିଲେ । ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ସାମ୍ବାଦିକମାନଙ୍କୁ ସୂଚନା ଦେଇ କହିଛନ୍ତି ଯେ ୨୦୦୦ ମସିହାରେ ଓଡ଼ିଶା ପର୍ଯ୍ୟଟନ କ୍ଷେତ୍ର ବିପର୍ଯ୍ୟୟ ପରିଚାଳନା ଓ ଦାରିଦ୍ର୍ୟ ଭଳି ସମସ୍ୟାର ସମ୍ମୁଖୀନ ହେଉଥିବାବେଳେ ବର୍ତ୍ତମାନ ଏହା ବହୁ ଆଗକୁ ବଢ଼ିଛି । ବିଶେଷ କରି ଓଡ଼ିଶାରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ଗତ ୪ ବର୍ଷ ମଧ୍ୟରେ ଅଭୂତପୂର୍ବ ହୋଇଛି । ରାଜ୍ୟରେ ଜିଲ୍ଲା ପର୍ଯ୍ୟଟନ ପ୍ରୋତ୍ସାହନ ପରିଷଦ ଗଠନ ପାଇଁ ସରକାରଙ୍କ ପ୍ରତିଶ୍ରୁତିକୁ ଦୋହରାଇଛନ୍ତି ଏବଂ ପର୍ଯ୍ୟଟନରେ ବ୍ୟବସାୟିକ ସୁଯୋଗ ଯୋଗାଇବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି ଦୁଇଟି ପ୍ରତିଶ୍ରୁତିକୁ ପୂରଣ କରି ବିଭାଗ ପକ୍ଷରୁ ଓଡ଼ିଶା ପର୍ଯ୍ୟଟନ ନୀତି ୨୦୨୨ ଅନୁଯାୟୀ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଗୁଡ଼ିକରେ ସ୍ଥାନୀୟ ପର୍ଯ୍ୟଟନ ପ୍ରୋତ୍ସାହନ ପରିଷଦ ଗଠନ କରାଯାଇଛି । ଏହି ପରିଷଦଗୁଡ଼ିକ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟ କରିବ । ଏହାବ୍ୟତୀତ ପର୍ଯ୍ୟଟନ ବିଭାଗ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଗୁଡ଼ିକରେ ଥିବା ୨୦ଟି ପଥପ୍ରାନ୍ତ ସୁବିଧା କେନ୍ଦ୍ର ଏବଂ ୧୨ଟି କାଫେଟେରିଆକୁ ମିଶନ ଶକ୍ତି ଏସ୍ଏଚ୍ଜିମାନଙ୍କୁ ହସ୍ତାନ୍ତର କରିବା ପାଇଁ ପ୍ରକ୍ରିୟା ଜାରି ରହିଛି । କୋଭିଡ୍ ମହାମାରୀ ସତ୍ତ୍ୱେ ୨୦୨୧ରେ ରାଜ୍ୟରେ ଘରୋଇ ପର୍ଯ୍ୟଟକଙ୍କ ସଂଖ୍ୟା ୩୭ ଲକ୍ଷ ୪୨ ହଜାର ୨୨୧ ଏବଂ ଅନ୍ତର୍ଜାତୀୟ ପର୍ଯ୍ୟଟକଙ୍କ ସଂଖ୍ୟା ୨ ହଜାର ୨୬୯ ରହିଛି, ଯାହା ଆଗକୁ ଆହୁରି ବଢ଼ିବ ବୋଲି ଆଶା କରାଯାଉଛି ।ଗତ ୪ ବର୍ଷ ମଧ୍ୟରେ ୫୦୦୦ କୋଟି ଟଙ୍କାରୁ ଅଧିକ ପୁଞ୍ଜିନିବେଶ ସହିତ ରାଜ୍ୟରେ ଅଗ୍ରଣୀ ଗ୍ଲୋବାଲ ହସ୍ପିଟାଲିଟି ଏବଂ ଆମୋଦପ୍ରମୋଦ ପାର୍କ ବ୍ରାଣ୍ଡର ପ୍ରବେଶ ସହିତ ଏହା ପ୍ରତିଫଳିତ ହୋଇଛି । ତାଜ୍ ଭିଭାନ୍ତା, ଆଇଟିସି ୱେଲକମ୍, ଲେମନ ଟ୍ରି, ପାର୍କ ହୋଟେଲ୍ସ ଏବଂ ନୋଭୋଟେଲ୍ ଭଳି ଗ୍ଲୋବାଲ୍ ହସ୍ପିଟାଲିଟି ବ୍ରାଣ୍ଡ୍ ଗୁଡିକ ଭୁବନେଶ୍ୱର ଏବଂ ଗୋପାଳ ପୁରରେ ହୋଟେଲ ପ୍ରତିଷ୍ଠା ସହିତ ରାଜ୍ୟରେ ପ୍ରବେଶ କରିଛନ୍ତି । ଏହାବ୍ୟତୀତ ତାଜ୍ ଗ୍ରୁପ୍ ଓ ସ୍ୱସ୍ତି ଗ୍ରୁପ୍ ପୁରୀରେ ହୋଟେଲ ପ୍ରତିଷ୍ଠା କରିବାକୁ ଯାଉଛନ୍ତି । ଭାରତର ଅଗ୍ରଣୀ ଆମୋଦପ୍ରମୋଦ ପାର୍କ ୱଣ୍ଡରଲା ଭୁବନେଶ୍ୱରରେ ଦେଶର ଚତୁର୍ଥ ଆମୋଦପ୍ରମୋଦ ପାର୍କ ଖୋଲିବାକୁ ଯାଉଛି । । ଗଣମାଧ୍ୟମକୁ ସୂଚନା ଦେଇ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର କହିଥିଲେ ଯେ ୨୦୨୨-୨୩ ବର୍ଷରେ ପର୍ଯ୍ୟଟନ ବିଭାଗର ବଜେଟ୍ ୬୬୦ କୋଟି ଟଙ୍କା ହୋଇଥିବାବେଳେ ୨୦୦୦-୦୧ ରେ ଏହା ୨.୬୭ କୋଟି ଟଙ୍କା ଥିଲା, ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ରାଜଦଣ୍ଡ....

ଏହା କୋଟି କୋଟି ଭାରତୀୟଙ୍କ ଆଶା ଓ ଆକାଂକ୍ଷାର ପ୍ରତୀକ । ନୂଆ ସଂସଦ ଭବନର ଉଦଘାଟନ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଂଚିଛି । ସକାଳ ୭ଟାରୁ ଆରମ୍ଭ ହେବ ସମାରୋହ । ଦୁଇଟି ପର୍ଯ୍ୟାୟରେ ଏହା ଅପରାହ୍ନ ପ୍ରାୟ ସାଢେ ୨ଟା ଯାଏଁ ଚାଲିବ । ଆସନ୍ତାକାଲି ପୂଜାର୍ଚ୍ଚନା ଏବଂ ପ୍ରାର୍ଥନାସଭା ସହ ନୂଆ ସଂସଦ ଭବନର ଲୋକାର୍ପଣ ହେବ । ଏଥିପାଇଁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରିତ ତାମିଲନାଡୁର ୨୧ ଜଣ ସନ୍ଥ ପହଁଚିସାରିଛନ୍ତି । ଧର୍ମପୁରମ ଅଧିନମର ଏହି ସନ୍ଥ ସମୂହ ସ୍ୱତନ୍ତ୍ର ପୂଜାବିଧି କରିବା ସହ କ୍ଷମତା ହସ୍ତାନ୍ତରର ପ୍ରତୀକ ରାଜଦଣ୍ଡ ବା ସେଙ୍ଗୋଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଦାନ କରିବେ । ବାଚସ୍ପତିଙ୍କ ଆସନ ନିକଟରେ ଏହାକୁ ସ୍ଥାପନ କରାଯିବ । ୪ ମହଲା ବିଶିଷ୍ଟ ନୂତନ ସଂସଦ ଭବନରେ ହୋଇଛି ୧୨ ଶହ ୭୨ ସାଂସଦଙ୍କ ପାଇଁ ବସିବା ବ୍ୟବସ୍ଥା । ଲୋକସଭାରେ ୮୮୮ ସିଟ୍ ଥିବା ବେଳେ, ରାଜ୍ୟସଭାରେ ରହିଛି ୩୮୪ ଆସନ । ପୁରୁଣା ପାର୍ଲାମେଣ୍ଟ ଠାରୁ ନୂଆରେ ପ୍ରାୟ ୫ଶହ ସିଟ୍ ଅଧିକ । ଜାତୀୟ ପକ୍ଷୀ ମୟୂର ଶୈଳୀରେ ଲୋକସଭା ନିର୍ମିତ ହୋଇଥିବାବେଳେ ଜାତୀୟ ପୁଷ୍ପ ପଦ୍ମ ଦ୍ୱାରା ପ୍ରେରିତ ହୋଇଛି ରାଜ୍ୟସଭା । ନୂଆ ସଂସଦ ସୌଧରେ ପ୍ରତିଟି ସାଂସଦଙ୍କ ସିଟରେ ରହିଛି ମଲ୍ଟିମିଡିଆ ଡିସପ୍ଲେ । ଯୋଗାଯୋଗ ପାଇଁ ଅଛି ଅତ୍ୟାଧୁନିକ ବ୍ୟବସ୍ଥା । ବାଚସ୍ପତିଙ୍କ ପୋଡିୟମ ନିକଟକୁ ଆସି ହଟ୍ଟଗୋଳ କରିବା ଭଳି ଘଟଣା ଏଡାଇବାକୁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି । ଗୃହ ପରିଚାଳନା ଦାୟିତ୍ୱରେ ଥିବା ବାଚସ୍ପତିଙ୍କ ଆସନ ବହୁ ଉଚ୍ଚରେ ରଖାଯାଇଛି । ପ୍ରାୟ ୧ ହଜାର କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଛି ଏହି ଅଟ୍ଟାଳିକା । ମାତ୍ର ଅଢେଇ ବର୍ଷରେ ନିର୍ମାଣ ଶେଷ କରିଛି ଟାଟା ପ୍ରୋଜେକ୍ଟସ ଲିମିଟେଡ୍ । ଅତ୍ୟାଧୁନିକ ସୁବିଧାଯୁକ୍ତ ଏହି ସୌଧ ପରିବେଶ ଅନୁକୂଳ ଏବଂ ଭୂକଂପ ପ୍ରତିରୋଧୀ ମଧ୍ୟ । ନୂତନ ପାର୍ଲାମେଣ୍ଟ ବିଲ୍ଡିଂ ଲୋକାର୍ପଣ ପରେ ପୁରାତନ ସଂସଦ ଗୃହକୁ ଗଣତନ୍ତ୍ରର ସଂଗ୍ରହାଳୟରେ ପରିଣତ କରାଯିବ ।

## ନୀତି ଆୟୋଗ....

ସରକାରୀସୂତ୍ରରୁ ପ୍ରକାଶ, 'ନୀତି ଆୟୋଗ ଗଭର୍ଣ୍ଣିଙ୍ଗ୍ କାଉନ୍ସିଲ୍ ମିଟିଙ୍ଗ୍' ବର୍ଜନ କରିବା ରାଜ୍ୟର ବିକାଶକୁ ବର୍ଜନ କରିବା ସଙ୍ଗେ ସମାନ । ଏହି ବୈଠକରେ ଶତାଧିକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚନା କରାଯିବ । ନୀତି ଆୟୋଗର ଗଭର୍ନିଂଗ କାଉନସିଲର ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗ ଦେଇ ନାହାନ୍ତି । ସେ କେଉଁ କାରଣରୁ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗ ଦେଲେ ନାହିଁ ତାହାକୁ ନେଇ କୌଣସି ପ୍ରକାର କାରଣ ସ୍ପଷ୍ଟ କରା ଯାଇ ନାହିଁ । ତେବେ ତାଙ୍କ ଚଳିତ କାର୍ଯ୍ୟକାଳର ଚତୁର୍ଥ ବର୍ଷ ପୂର୍ତ୍ତି ଅବସରରେ ବିଭିନ୍ନ ବିଭାଗର ସମୀକ୍ଷା କାର୍ଯ୍ୟକ୍ରମ ପୂର୍ବରୁ ନିର୍ଧାରିତ ହୋଇଥିବାରୁ ସେ ଏହି ବୈଠକରେ ଯୋଗ ଦେଇ ନ ଥିବା କୁହା ଯାଉଛି ।

## କେନ୍ଦ୍ରର ଅଧ୍ୟାଦେଶ ....

ବିଆରଏସକୁ ଅନୁରୋଧ କରିଛନ୍ତି । ଏହା ପୂର୍ବରୁ ମେ ୨୨ ତାରିଖରେ କେଜରିୱାଲ ବିହାରର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ଭେଟି ଅଧ୍ୟାଦେଶ ବିରୋଧରେ ସମର୍ଥନ ଲୋଡ଼ିଥିଲେ । ଏଥିସହ ସେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ମଧ୍ୟ ଭେଟିଥିଲେ । ମମତା ବାନାର୍ଜୀ କେଜରିୱାଲଙ୍କୁ ଆଶ୍ୱାସନ ଦେଇଛନ୍ତି ଯେ, ସଂସଦରେ ତୃଣମୂଳ କଂଗ୍ରେସ ନରେନ୍ଦ୍ର ମୋଦୀ ସରକାରଙ୍କ ଅଧ୍ୟାଦେଶକୁ ବିରୋଧ କରିବ । ମେ ୨୫ ତାରିଖରେ କେଜରିୱାଲ ଏବଂ ଭଗୱନ୍ତ ମନ ମୁମ୍ବାଇରେ ଜାତୀୟତାବାଦୀ କଂଗ୍ରେସ ପାର୍ଟି(ଏନସିପି)ର ଅଧ୍ୟକ୍ଷ ଶରଦ ପାୱାରଙ୍କୁ ସାକ୍ଷାତ କରିଥିଲେ । ଏଥିସହ ଶିବସେନା ନେତା ଉଦ୍ଧବ ଠାକରେଙ୍କୁ ପୃଥକ ଭାବେ ଭେଟିଥିଲୁ । ଶରଦ ପାୱାର ଏହି ପ୍ରସଙ୍ଗରେ ଅନ୍ୟ ବିରୋଧୀଙ୍କୁ ମନାଇବାରେ ସହାୟତା କରିବେ ବୋଲି କେଜରିୱାଲଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ।

## ରାଜ୍ୟରେ ବଦଳିବ....

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଆସିଲେ ଏନେଇ କାର୍ଯ୍ୟ ହେବ । ସେହିପରି ଯେଉଁ ଏସ୍ଏଚ୍ଜି ମହିଳାମାନେ ଆହାର କେନ୍ଦ୍ରମାନଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରୁଛନ୍ତି ସେମାନଙ୍କୁ ମୁନିସିପାଲଟି ମାନେ ଟଙ୍କା ପୈଠ କରୁଛନ୍ତି । ତେବେ ପ୍ରତି ମାସ ୭ ତାରିଖ ସୁଦ୍ଧା ସେମାନଙ୍କ ଟଙ୍କା ପୈଠ ପାଇଁ କଡ଼ା ନିର୍ଦ୍ଦେଶ ଦିଆଯାଇଥିବା କୁହାଯାଇଛି । ଏପଟେ ଖାଦ୍ୟର ମାନ ଭଲ ରଖାଯାଉଥିବା ଆହାର ଦାୟିତ୍ୱରେ ଥିବା ଏସ୍ଏସ୍ଜି ସଦସ୍ୟ କହିଛନ୍ତି । ପ୍ରତିଦିନ, ହଜାରରୁ ଉର୍ଦ୍ଧ୍ୱ ଲୋକେ ଖାଦ୍ୟ ଖାଉଛନ୍ତି । ଏପଟେ ଆହାର କେନ୍ଦ୍ରରେ ମିଳୁଥିବା ଖାଦ୍ୟକୁ ଖାଉଟିମାନେ ମଧ୍ୟ ପସନ୍ଦ କରିଛନ୍ତି ।

## ମରାମତି ହେବ....

ଉଭୟ କାର୍ଯ୍ୟ ରଥଯାତ୍ରା ଅବଧି ମଧ୍ୟରେ ସାରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି ବୋଲି ସେ କହିଛନ୍ତି । ଦାତାମାନେ ରୁପା ଦାନ କରିବେ ବୋଲି ସେ ସୂଚନା ଦେଇଛନ୍ତି । ଉଲ୍ଲେଖଯୋଗ୍ୟ, ମହାପ୍ରଭୁଙ୍କ ଗଜଦନ୍ତ ରନ୍ ପଲଙ୍କ ପୁରୁଣା ହେଲାଣି । ପଲଙ୍କର ଗୋଡ଼ ସହ ଅନ୍ୟାନ୍ୟ ସ୍ଥାନ ସବୁ ଭାଙ୍ଗି ଦୋହଲିଲାଣି; ଲାଗିଥିବା ରୁପା ଛାଡ଼ିଗଲାଣି । ବହୁଦିନରୁ ମରାମତି ଦାବି ହୋଇ ଆସୁଥିଲେ ବି ଶ୍ରୀମନ୍ଦିର ପ୍ରଶାସନ ଆବଶ୍ୟକ ପଦକ୍ଷେପ ନିଆଯାଉ ନଥିଲା । ଦେ ?ନିକ ଭଙ୍ଗା ପଲଙ୍କରେ ମହାପ୍ରଭୁ ଶୋଉଛନ୍ତି । ଆଉ ଏହି ଭଙ୍ଗା ପଲଙ୍କରେ ସବୁ ନୀତିକାନ୍ତି ହେଉଛି । ସେପଟେ ଯେଉଁ ଶେଯ ପଡ଼ିଛି, ତାହା ବି ପୁରୁଣା ହୋଇଗଲାଣି ବୋଲି ଅଭିଯୋଗ ଉଠିଥିଲା । ନିକଟ ଅତୀତରେ ଶ୍ରୀମନ୍ଦିରର ବିଭିନ୍ନ ଦ୍ୱାର ରୁପା ଚାଦରରେ ଆଚ୍ଛାଦିତ କରାଯାଇଥିବା ବେଳେ ମହାପ୍ରଭୁଙ୍କ ଏହି ଭଙ୍ଗା ଗଜଦନ୍ତ ପଲଙ୍କର ମରାମତି ସହ ନୂଆ ଶେଯ, ତକିଆ ଆଦି ବ୍ୟବସ୍ଥା କରିବାକୁ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ, ସେବାୟତମାନେ ଦାବି କରିଥିଲେ ।

## ଶ୍ରୀମନ୍ଦିରରେ....

ଫଳରେ ପ୍ରଦୀପଙ୍କ ଗୋଡ଼ ସମ୍ପୂର୍ଣ୍ଣ ଫୋଟକା ହୋଇଯାଇଛି । ସେହିପରି ପପିଙ୍କ ଗୋଡ଼ରେ ଗରମ ଡାଲି ପଡ଼ିବାରୁ ଫୋଟକା ହେବା ସହ ପାହାଚରେ ପଡ଼ି ସେ କ୍ଷତାକ୍ତ ହୋଇଛନ୍ତି । ଆଜି ଅପରାହ୍ନ ପ୍ରାୟ ୩ଟା ବେଳେ ଭୋଗ ମଣ୍ଡପ ଉଠିବା ପରେ ହିଁ ଏହି ଅଘଟଣ ଘଟିଥିଲା ।

# ଦନ୍ତା ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ

ଖୋର୍ଦ୍ଧା, ୨୭/୦୫ (ନି.ପ୍ର): ଖୋର୍ଦ୍ଧା ବନଖଣ୍ଡ ଟାଙ୍ଗୀ ରେଞ୍ଜ ଅଧିନ ମୟୁର ଝାଲିଆ -କମାଗୁରୁ ରାସ୍ତାରେ ଦନ୍ତା ଆତଙ୍କ । ଦନ୍ତା ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ରଣପୁର ବ୍ଲକ ନରସିଂହପୁର ପଂଚାୟତ ନାଟିମୀ ଗ୍ରାମର ସତ୍ୟ ବ୍ହେରା (୫୬ ବର୍ଷ) । ସୂଚନା ମୁତାବକ, ରଣପୁର ବ୍ଲକ ନରସିଂହପୁର ପଂଚାୟତ ନାଟିମୀ ଗାଁ ର ୩ ଜଣ ବ୍ୟକ୍ତି ଆଜି ସକାଳେ କମାଗୁରୁ ଗ୍ରାମକୁ ସାଇକେଲରେ କୂଅ ଖୋଳିବାକୁ ଯାଉଥିଲେ ।

# ପଛୁଆ ବର୍ଗ ସର୍ଭେରେ ଖୋର୍ଦ୍ଧା ପୌରପରିଷଦ ଓ ବ୍ଲକ୍ ପଛରେ

ଖୋର୍ଦ୍ଧା: ଖୋର୍ଦ୍ଧା ଜିଲ୍ଲା ଖୋର୍ଦ୍ଧା ପୌରପରସିଦ ଲୋକଂକ ସାମାଜିକ ଓ ଶୈକ୍ଷିକ ସ୍ଥିତି ସମ୍ପର୍କରେ ଆଜି ତା ୨୭,୫, ୦୨୩ରିଖ ଶେଷ ହୋଇଛି । ମେ ମାସ ୧ ତାରିଖରୁ ଏହି କାର୍ଯ୍ୟ ଆରମ୍ଭ ହୋଇ ଆଜି ଶେଷ ହୋଇଥିଲେ ମଦ୍ୟ ଏକ ନମ୍ବର୍ ଜିଲ୍ଲା ଖୋର୍ଦ୍ଧା ନୈରାଶ୍ୟ ଜନକ । ଅନ୍ୟ ଜିଲ୍ଲା କଥା କହିବା କଣ୍ ? ଏହାର ଗଣନା ଏକ ପ୍ରହସନ ପାଲଟିଛି । ଏହି ଜନଗଣନା ( ଙଇରଝ) ତାଲିମ ପାଇ ଥିବା କର୍ମ ଚାରି ଓ ଅଙ୍ଗନବାଡ଼ି କର୍ମୀ କେଉଂଠି ,କିପରି, ବସି ଏହାର ଗଣନା କରୁଛନ୍ତି । ଏହାର ପ୍ରଚାର୍ ଓ ପ୍ରସାର ନିମ୍ନ ମାନର । ପ୍ରକୃତ୍ ପକ୍ଷ ସବୁର ପ୍ରଚାର୍ ଓ ପ୍ରସାର ପ୍ରିଣ୍ଟ ଓ ବୈଦ୍ୟୁତିକ ମିଡିଆ ଦେଶର ମୂଳ ମାଧ୍ୟମ । ଏବେ ଓଡ଼ିଶା ସରକାର ପ୍ରତେକ ଜିଲ୍ଲା ପ୍ରଶାସନ ଯେଉଁ ପ୍ରେସ ମିଟ କରୁଛନ୍ତି ଜିଲ୍ଲା ପାଳ ଓ ସମ୍ପୃକ୍ତ ବିଭାଗ ଅଧିକାରମାନେ ମିଡିଆ ପର୍ଶୋନାଲ ଙ୍କୁ ଅନ୍ଧାରେ ରଖି ଚାଲିଛନ୍ତି । କାରଣ କଣ୍ ସେହି ଜିଲ୍ଲା ପାଳ ହିଁ ,ଜାଣନ୍ତି ।ଖୋର୍ଦ୍ଧା ଜିଲ୍ଲାରେ ଏକ ତ ପ୍ରାୟ ଅଧିଙ୍କାସ ବିଭାଗ ମୁଖ୍ୟ ତାଙ୍କ ତଳ ଅଫିସର ମାନେ ରାଜଧାନୀରେ ରହନ୍ତି । ସେହି ନିୟମ ଉଲଘଂନ କାରୀ ଅଧିକାରୀଙ୍କୁ ଧରୀ ସମ୍ପୃକ୍ତ ଜିଲ୍ଲା ପାଳ ଓ ଉପ ଜିଲ୍ଲା ପାଳ ମାନେ ଜିଲ୍ଲା ମୁଖ୍ୟାଳରେ ସଭା ସମିତି ଓ ତାଲିମ କରିଥାନ୍ତି । ବିନା ମିଡିଆ କିପରି ପ୍ରଚାର ପ୍ରସାର ହେବ ଆର୍ଶଯ୍ୟ କଥା । ସହର ଭିତରେ ମୁଖ୍ୟ ରାସ୍ତା ଉପରେ ଅଟୋରେ ମାଇକ ପ୍ରଚାର୍ ସନ୍ତୋଷ ଜନକ ନୁହେଁ । ସହର ଗଳି ଗନ୍ଦି ରହୁଥିବା ଲୋକମାନେ ଜାଣି ପାରନ୍ତି ନାହିଁ । ଗାଁ ଗହଳି କଥା ପଛ । ଆଗରୁ ଯେତେ ସବୁ ଗଣନା ହୋଇଛି ସ୍କୁଲ ଶିକ୍ଷକ ଓ ଅଙ୍ଗନବାଡ଼ି କର୍ମୀ ଘରକୁ ଘର ବୁଲି ଗଣନା କରନ୍ତି । ଏବେ ତାହା ହେଉନାହିଁ । ଏହି ଓ, ବି, ଇ, ସି, ସର୍ଭେ ମାତ୍ର ପଞ୍ଚାୟତ ଏରିଆରେ ୧୦ ଭାଗ୍ ଓ ସହର ଅଂଚଳ ମତ୍ର ୨୦ ଭାଗ ରୁ କମ ।ଖୋର୍ଦ୍ଧା ପୌରପରିଷଦ ମୂରବୀ ବିହୀନ । ଏଠି ମାତ୍ର ୧୫%ହୋଇଛି । ଯଦି ଆମ ଲୋକ ପ୍ରିୟ ସରକାର ଠିକ୍ ପଛୁଆ ବର୍ଗ ସର୍ବେ କରାଇବାକୁ ଜାହାନ୍ତି ,ଦୁଆର, ଦୁଆର, ଜାଇ ସରକାରୀ କି, ବେସରକାରୀ କର୍ମଚାରୀ ଓ ମୁନ୍ସିପାଲିଟୀ କର୍ମଚାରୀ ମାନକୁ ପ୍ରତେକ ୱାର୍ଡ କାଉନସିଲର ଙ୍କ ତଦ୍ୱାବଧାନେରେ, ଦ୍ୱାର ଦ୍ୱାର ଜାଇ ସର୍ଭେ କରନ୍ତୁ । ଲୋକଙ୍କ ମାନକ ରାଜସ୍ୱରୁ ରେ ଦରମା ଓ ଭତା ପାଉଛନ୍ତି । ମାତ୍ର ଲୋକଙ୍କ ଦୁଆରକୁ ଯାଇ ସର୍ଭେ କରିବା ନିୟମ କେଉଁ ଆଁଭାଆନ୍ କାଳରୁ ଅଛି । ଆଉ ମିଡିଆକୁ ଜିଲ୍ଲା ପାଳ ମାନେ ପ୍ରେସ ମୀଟ ଡାକିବା ବିଧି ବେବସ୍ଥା ଅଛି । ଏବେ ବହୁ ବିଭାଗ ଅଧିକାରିମାନେ ମିଡିଆ ଙ୍କ ପ୍ରଶ୍ନ ବାଣ ସାମାନା କରିବା ସାହାସ କମ ।,କାରଣ ସଚ୍ଚୋଟ କାମିକା ଅଧିକାରୀ ଭୟ ନାହିଁ । ମାତ୍ର କିଛି ଅପାରଗ ଅଧିକାରୀ ଓ ଦୁର୍ନୀତି ଗସ୍ତ ଭୟ କରନ୍ତି । ଶୁଣିବାକୁ ଓ ଦେଖିବାକୁ ମିଳେ । ଆସା ଖୋରଧା ଜିଲ୍ଲାପାଳ ନିଜେ କାମୁକା,ସଚ୍ଚୋଟ ସେ କାହିଁକି ଖୋର୍ଦ୍ଧା ଜିଲ୍ଲାରେ ଓ ଖୋର୍ଦ୍ଧା ସହରରେ ପଛୁଆ ବର୍ଗ ସର୍ଭେ ନୈରାଶ୍ୟ ଜନକ ହେଲା, ଏହାର ଅନୁସନ୍ଧାନ ନିଜେ କରନ୍ତୁ ଲୋକଂକ ଦାବୀ । ପ୍ରକୃତ ରହସ୍ୟ ପଦାକୁ ଆସି ପାରେ ।ସାଧାରଣ ଲୋକଙ୍କ ସଚେତନା ଅଭାବ ନା ଜିଲ୍ଲା ପ୍ରଶାସନ କାର୍ଯ୍ୟ ବିଧି ଅଭାବ ।


## AFFIDAVIT

By virtue of an affidavit befrore Executive Magistrate Khaira, Balasorel I Niranjan Parmanik aged about 61 years S/o Bhima Paramanik of Village Krushnadaspur, Po. Gandibed, P.s. Khaira, Dist. Balasore state that Wrongly my name has been mentioned as Niranjan Paramanick in Aadhaar card and PAN card. But in voter identity card and S.B.I Khaira Branch Account No-40480594508, Employees provident Funds and Employees pension scheme my name has been mentiond as Niranjan Paramanik. But I am one and same person in the name of Niranjan Paramanik. Henceforth i will be known as Niranjan Paramanik in all purpose.

Niranjan Paramanik


# ଭଦ୍ରକ ଜିଲ୍ଲାସ୍ତରୀୟ ମେଧାବି ଅଭିନନ୍ଦନ ସମାରୋହ

## ଅଧ୍ୟବସାୟ ହିଁ ସଫଳତାର ଚାବିକାଠି: ଜିଲ୍ଲାପାଳ




ଭଦ୍ରକ , ୨୭/୦୫ (ନି.ପ୍ର): ହାଇସ୍କୁଲ ପରୀକ୍ଷାରେ ଏ-୧ ଗ୍ରେଡ୍ ହାସଲ କରିଥିବା ଭଦ୍ରକ ଜିଲ୍ଲାର ସମସ୍ତ ସଫଳ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା ଓ ଅଭିନନ୍ଦନ ଜ୍ଞାପନ ଉଦ୍ଦେଶ୍ୟରେ ଜିଲ୍ଲାସ୍ତରୀୟ ମେଧାବି ଅଭିନନ୍ଦନ ସମାରୋହ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ଶହୀଦ ସ୍ମୃତି ଭବନ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଶୁଭ ଉଦ୍ଘାଟନ କରିଥିଲେ । ଜିଲ୍ଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏଥିରେ ଅନ୍ୟତମ ସମ୍ମାନିତ ଅତିଥିଭାବେ ଏସ୍.ପି.ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ, ମାୟାଧର ସାହୁ ଏବଂ ପ୍ରଣୟ କୁମାର ନାୟକ ଯୋଗ ଦେଇଥିଲେ । ନିଷ୍ଠାର ସହିତ ପରିଶ୍ରମ କଲେ ସଫଳତାକୁ ଛୁଇଁ ହୁଏ । ସଫଳତାକୁ ବଜାୟ ରଖିବାକୁ ହେଲେ ଅଧ୍ୟବସାୟକୁ ଜାରି ରଖିବାକୁ ପଡ଼ିବ । ଭବିଷ୍ୟତ କ୍ୟାରିଅର ଗଠନ ଦିଗରେ ପିଲାମାନେ ଯେଉଁ ସ୍ୱପ୍ନ ଦେଖିଛନ୍ତି ତାହା ପୂରଣ ପାଇଁ ସାଧନାରୁ କେହି ବିରତ ନହେବାକୁ ଜିଲ୍ଲାପାଳ ବକ୍ତବ୍ୟ ପ୍ରସଙ୍ଗରେ ଏହି ଅଭିନନ୍ଦନ କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ମେଧାବୀମାନଙ୍କୁ ପରାମର୍ଶ ପ୍ରଦାନ କରିଥିଲେ । ସଫଳ ଶିକ୍ଷା ବିନା ଜୀବନ ବି ସଫଳ ହୁଏ ନାହିଁ ବୋଲି ଏସ୍.ପି. ମଧ୍ୟ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । ସୂଚନାଯୋଗ୍ୟ କି ସଦ୍ୟ ପ୍ରକାଶିତ ହାଇସ୍କୁଲ ପରୀକ୍ଷା ଫଳାଫଳରେ ଭଦ୍ରକ ଜିଲ୍ଲରେ ୧୭୦ଜଣ ଏ-ୱାନ୍ ଗ୍ରେଡ୍ରେ ସଫଳତା ହାସଲ କରିଥିଲେ । ଏହି କାର୍ଯ୍ୟକ୍ରମରେ ସେହି ସମସ୍ତ ୧୭୦ ମେଧାବୀ ବିଦ୍ୟାର୍ଥୀଙ୍କୁ ଟ୍ରଫି, ମାନପତ୍ର ଓ ଭାରତର ପୂର୍ବତନ ରାଷ୍ଟ୍ରପତି ଏ.ପି.ଜେ.ଅବଦୁଲ କାଲାମ୍ଙ୍କ ଜୀବନୀ କୃତିତ୍ୱ ସମ୍ବଳିତ ପୁସ୍ତକ ପ୍ରଦାନ କରାଯାଇଥିଲା । ଏହି ୧୭୦ଜଣଙ୍କ ମଧ୍ୟରେ ୬୩ଜଣ ପିଲା ଭଦ୍ରକ ବ୍ଲକ, ୨୮ଜଣ ବାସୁଦେବପୁର, ୨୧ଜଣ ଭଣ୍ଡାରିପୋଖରୀ, ୮ଜଣ ବନ୍ତ, ୧୫ଜଣ ଚାନ୍ଦବାଲି, ୧୨ଜଣ ଧାମନଗର, ୨୩ଜଣ ତିହିଡ଼ି ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୮ଜଣ ପିଲା ଥିଲେ ।

# ଜିଲ୍ଲାସ୍ତରୀୟ ଜାତୀୟ ତମାଖୁ ନିୟନ୍ତ୍ରଣ ସଭା

ମାଲକାନଗିରି, ୨୭/୦୫ (ନି.ପ୍ର): ସ୍ଥାନୀୟ ରକ୍ତ ଭଣ୍ଡାର ସଭା ଗୃହରେ ଏକ ଜିଲ୍ଲା ସ୍ତରୀୟ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ସଭା ଅତିରିକ୍ତ ଜିଲ୍ଲାପାଳ ତ୍ରିନାଥ ମାଝୀଙ୍କ ସଭାପତିତ୍ୱରେ ଆଜି ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଫୁଲ୍ଲ କୁମାର ନନ୍ଦ, ଡି.ପି.ଏଚ.ଓ. ଡା. ସନ୍ଧ୍ୟାରାଣୀ ପଟ୍ଟନାୟକ, ଅତିରିକ୍ତ ଏସପି ବଳଭଦ୍ର ଦୀପ, ଡି.ଏସ୍.ପି. ସତ୍ୟ ପ୍ରକାଶ ଭୂୟାଁ, ପୌର ପରିଷଦ ନିର୍ବାହୀ ଅଧିକାରୀ କାହ୍ନୁ ଚରଣ ପଟ୍ଟନାୟକ, ଡି.ପି.ଏସ. ସସ୍ମିତା ସାହୁ, ଜିଲ୍ଲା ଯୁବ ରେଡକ୍ରସ୍ ସମ୍ପାଦକ ଡା. ରଞ୍ଜନ କୁମାର ସ୍ୱାଇଁ, ଜିଲ୍ଲା ଯୁବ ଅଧିକାରୀ ହରିଶ୍ ରୂପାଲ, ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର ସେଠୀ, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ କୁମାର ଭୁଜବଳ ଉପସ୍ଥିତ ରହି ମାଲକାନଗିରି ଜିଲ୍ଲାକୁ ତମାଖୁ ମୁକ୍ତ କରିବାକୁ ନିଜର ମତାମତ ରଖିଥିଲେ ଏବଂ ଆଗାମୀ କାର୍ଯ୍ୟକ୍ରମ ପାଇଁ ଏକ ସୁଚିନ୍ତିତ ଯୋଜନା କରାଯାଇଥିଲା । ଆଗାମୀ ଦିନରେ ସମସ୍ତ ଅଫିସ, ବସଷ୍ଟାଣ୍ଡ, ବ୍ୟାଙ୍କ, ପୋଷ୍ଟ ଅଫିସ ସମେତ ସମସ୍ତ ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟକୁ ତମାଖୁ ମୁକ୍ତ କରିବାକୁ ନିଷ୍ପତି ନିଆଯାଇଅଛି ।

# ପୁଲିସର କୋମ୍ବିଂ ଅପରେସନରେ ଆଉ ୩ ଶିକାରୀ ଗିରଫ : ୫ଟି ଦେଶୀ ବନ୍ଧୁକ ଜବତ




ବାରିପଦା, ୨୭/୦୫ (ନି.ପ୍ର): ଗତ ୨୨ ତାରିଖରେ ଶିକାରୀଙ୍କ ଗୁଳିରେ ବନରକ୍ଷୀ ବିମଳ ଜେନାଙ୍କର ମୃତ୍ୟୁ ହେବା ପରେ ସରକାର ଙ୍କର ଚେତା ପଶିଛି. ଶିମିଳିପାଳ ଏରିଆରେ ବେଆଇନ ଅସ୍ତ୍ର ଶସ୍ତ୍ରର ବହୁଳ ବ୍ୟବହାର ହେଉଥିବାରୁ ଏହାକୁ ରୋକିବାପାଇଁ ପୋଲିସ ଓ ବନ ବିଭାଗର ମିଳିତ ଅପରେସନ ଚଲାଇଛି । ତେବେ ଆଜି ପୁଲିସର କୋମ୍ବିଂ ଅପରେସନରେ ଆଉ ୩ ଶିକାରୀ ଧରାପଡିଥିବା ବେଳେ ସେମାନଙ୍କୁ ଗୁପ୍ତ ସ୍ଥାନରେ ରଖି ପଚରାଉଚୁରା ଜାରି ରହିଥିବା ସହ ୩ ଜଣଙ୍କ ପାଖରୁ ଆଉ ୫ଟି ଦେଶୀ ବନ୍ଧୁକ ଓ ଗୁଳି ଜବତ କରାଯାଇଛି । ଗୁରୁବାର ରାତିରେ ପୁଲିସର ସ୍ୱତନ୍ତ୍ର ଟିମ ଶିମିଳିପାଳ ପାଦଦେଶ ବଡ଼ଗାଁ ଏବଂ ଆଖ ପାଖ ଅଂଚଳରେ ଅପରେସନ ଚଲାଇଥିବା ବେଳେ ସୁନାପୋଷି ଗ୍ରାମର ପୂର୍ବତନ ସରପଞ୍ଚ ବୁଦ୍ଧଦେବ ସିଂଙ୍କ ସହିତ କୁଆଳି ଗ୍ରାମର ସୁକୁଲାଲ ମାରାଣ୍ଡି ଓ ସୁନାପୋଷି ଜରଗାଡେହି ଗ୍ରାମର ଜୁଗୁଲୁ ସିଂ(ସୁକୁରା ) ଗିରଫ ସହିତ ବନ୍ଧୁକ ଓ ଅଫୁଟା ଗୁଳି ଜବତ କରାଯିବା ସହିତ ସେମାଙ୍କୁ ଗିରଫ କରାଯାଇଛି । ତେବେ ଏହିଟିମରେ ଆହୁରି ବହୁ ଅପରାଧୀ ସାମିଲ ଥିବାର କୁହାଯାଉଥିବା ବେଳେ ପୋଲିସ ଅଧିକ ତଦନ୍ତ ଚଲାଇଛି । ବନରକ୍ଷୀ ଗୁଳି କାଣ୍ଡ ଘଟଣାରେ ଏହି ଅପରାଧୀ ମାନେ ସାମିଲ ଥିବାର ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି । ତଦନ୍ତ ଚାଲିଥିବାରୁ ପୋଲିସ ସମ୍ପୂର୍ଣ୍ଣ ତଥ୍ୟ ଦେଇ ନାହିଁ । ଏହି ଘଟଣାକୁ ମିଶାଇ ପୁଲିସ ମୋଟ ୬ଜଣ ଶିକାରୀଙ୍କୁ ଧରିବା ସହିତ ୧୦ଟି ଦେଶୀ ବନ୍ଧୁକ ଜବତ କରିସାରି ଲାଣି । ତେବେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ଓ ଉତ୍ତର ବନ୍ୟପ୍ରାଣୀ ବନଖଣ୍ଡର ସୀମାନ୍ତ ଅଞ୍ଚଳ ନଅଣା ରେଞ୍ଜ ବାଉଁଶଖାଲ ବିଟ ଅଞ୍ଚଳରେ ଏହି ଗୁଳିକାଣ୍ଡ ଘଟଣା ସୋମବାର ଅପରାହ୍ନରେ ଘଟିଛି । ଅଭୟାରଣ୍ୟରେ ପେଟ୍ରୋଲିଂ ସମୟରେ ଶିକାରୀ ପ୍ରବେଶ ନେଇ ଖବର ମିଳିଥିଲା । ୨ଟି ବାରହା ଓ ୩ଟି କୁଟୁରା ଶିକାର କରି ଏକ ୨୦ଜଣିଆ ଶିକାରୀ ଦଳ ଫେରୁଥିବା ବେଳେ ମୃତ ବନରକ୍ଷୀ ସମେତ ଅନ୍ୟ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ । ତେବେ ସେଠାରେ ଶିକାରୀ ମାନେ ବନ କର୍ମଚାରୀ ଙ୍କୁ ଗୁଳି କରିଥିଲେ । ଏଥିରେ ବନରକ୍ଷୀ ବିମଳଙ୍କ ପିଠି ପଟୁ ଗୁଳିବାଜି ଛାତି ପଟେ ବାହାରି ଯାଇଥିଲା । ଗୁଳି ଶବ୍ଦ ଶୁଣି ସାଥି କର୍ମଚାରୀ ତାଙ୍କୁ ଉଦ୍ଧାର ପାଇଁ ଆସିବା ସମୟରେ ମାରଣାସ୍ତ୍ର ସହିତ ଥିବା ଶିକାରୀଙ୍କୁ ମୁକାବିଲା କରି ପାରିନଥିଲେ । ଶିକାରୀ ମାନେ ଦୀର୍ଘ ସମୟ ଧରି ମୃତ ବିମଳଙ୍କୁ ଜଗି ରହିଥିଲେ । ଘଟଣା ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ସୂଚନା ଦେବା ପରେ ନିହତ ବିମଳଙ୍କୁ ପୁଲିସ ଓ ଅଧିକ ବନକର୍ମଚାରୀ ପହଞ୍ଚି ଉଦ୍ଧାର କରିଥିଲା ।

ରବିବାର, ମଇ ୨୮, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଆହାର କେନ୍ଦ୍ରକୁ ଅଚାନକ ପରିଦର୍ଶନ କରିବା ବାଧ୍ୟତାମୂଳକ

ଭୁବନେଶ୍ୱର, ୨୭/୦୫ (ନି.ପ୍ର): ଆହାର କେନ୍ଦ୍ର କାର୍ଯ୍ୟକୁ ସୁରୁଖୁରୁରେ ଚଳାଇବା ଏବଂ ଉଚ୍ଚ ମାନ ବଜାୟ ରଖିବା ପାଇଁ ବିଭିନ୍ନ ସ୍ତରରେ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ଅଚାନକ ଗସ୍ତ କରିବା ବାଧ୍ୟତାମୂଳକ ବୋଲି ନିଷ୍ପତି ନିଆଯାଇଛି। ଶନିବାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଯୁଗ୍ମ ସଚିବ ତଥା ରାଜ୍ୟ ନୋଡାଲ ଅଧିକାରୀ 'ଆହାର' ସାରଦା ପ୍ରସାଦ ପଣ୍ଡା ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଥିବା 'ଆହାର' କେନ୍ଦ୍ରକୁ ଅଚାନକ ପରିଦର୍ଶନରେ ଯାଇଥିଲେ। ଦାୟିତ୍ୱରେ ଥିବା ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ସହ ଆଲୋଚନା କରିଥିଲେ, ଏବଂ ସମ୍ମାନର ସହ ହିତାଧିକାରୀଙ୍କ ସେବା କରିବା ଉପରେ ଗୁରୁତ୍ୱାରୋପ କରିଥିଲେ, ଖାଦ୍ୟର ଅପଚୟକୁ କମ୍ କରିବା, ଏବଂ ସମ୍ବେଦନଶୀଳ ଗୋଷ୍ଠୀଙ୍କୁ ବିଶେଷ ଧ୍ୟାନ ଦେଉଛି, ସଫେଇ ସାମଗ୍ରୀର ପର୍ଯ୍ୟାପ୍ତ ମହଜୁଦ ରଖିବା, ସେବା କରିବା ସମୟରେ ସୁରକ୍ଷା ପୋଷାକର ବ୍ୟବହାର କରନ୍ତୁ, ସେବା ଅବଧି ମଧ୍ୟରେ ନିୟମିତ ସଫେଇ ଓ ମୋପିଙ୍ଗ କରିବା ପାଇଁ ପରାମର୍ଶ ଦେଇଥିଲେ। ସେହିପରି ଏସଏଚଜିର ଆର୍ଥିକ ଆବଶ୍ୟକତାକୁ ପୂରଣ କରିବା ପାଇଁ ସରକାର ସହରାଂଚଳ ସ୍ଥାନୀୟ ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି ଯେ ମିଶନ ଶକ୍ତି ଏସଏଚଜିକୁ ସମସ୍ତ ଆବଶ୍ୟକ ସହାୟତା ପ୍ରଦାନ କରନ୍ତୁ ଏବଂ ପ୍ରତ୍ୟେକ ମାସର ୭ ତାରିଖ ସୁଦ୍ଧା ସେମାନଙ୍କୁ ନିର୍ଦ୍ଧାରିତ ସମୟରେ ପାରିଶ୍ରମିକ ପ୍ରଦାନ ସୁନିଶ୍ଚିତ କରନ୍ତୁ। ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ 'ଆହାର' ଠାରୁ ତଦାରଖ ଶୁଳ୍କ ବାବଦରେ ୧୩ କୋଟି ଟଙ୍କାରୁ ଅଧିକ ଆୟ କରିସାରିଛନ୍ତି। ସୂଚନାଯୋଗ୍ୟ ଯେ ୫ଟି ମହାନଗର ନିଗମରେ ୨୧ଟି 'ଆହାର' କେନ୍ଦ୍ର ଆରମ୍ଭ ହୋଇଥିଲା,। ବର୍ତମାନ ରାଜ୍ୟର ସମସ୍ତ ୧୧୫ ଟି ସହରାଂଚଳ ସ୍ଥାନୀୟ ସଂସ୍ଥାକୁ ନେଇ ଗଠିତ ଓଡ଼ିଶାରେ ୧୬୭ ଟି 'ଆହାର' କେନ୍ଦ୍ର ରହିଛି। ବର୍ତମାନ ସୁଦ୍ଧା ୧୫୦ ନିୟୁତରୁ ଅଧିକ ଖାଦ୍ୟ ବିପନ୍ନଙ୍କୁ ଯୋଗାଇ ଦିଆଯାଇଛି। 'ଆହାର' କାର୍ଯ୍ୟକ୍ରମରେ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସାମିଲ କରାଯାଇଛି । ସମସ୍ତ ୧୬୭ ଟି ଆହାର କେନ୍ଦ୍ର ଓ ୨୭ଟି ଆହାର ରୋଷେଇ ଘର ପରିଚାଳନା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଦିଆଯାଇଛି। ଏହାବ୍ୟତୀତ ପାଖାପାଖି ୧୭ କୋଟି ଟଙ୍କା ବ୍ୟୟ ଅଟକଳରେ ୫୬ ଟି ନୂତନ 'ଆହାର' ରୋଷେଇ କେନ୍ଦ୍ର ପ୍ରତିଷ୍ଠା କରା ଯାଉଚି, ଯାହା ପ୍ରସ୍ତୁତ ହେବା ପରେ ମିଶନ ଶକ୍ତି ଗ୍ରୁପକୁ ମଧ ହସ୍ତାନ୍ତର କରାଯିବ।

## କ୍ରମାଗତ ଚୋରୀକୁ ନେଇ ଖଇରାରେ ଆତଙ୍କ

ଖଇରା, ୨୭/୦୫ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ଅଞ୍ଚଳରେ ଦିନକୁ ଦିନ ଚୋରୀ ଘଟଣା ବୃଦ୍ଧି ପାଉଥିବାରୁ ଜନସାଧାରଣ ଭୟଭିତ ହୋଇ ପଡିଛନ୍ତି । ଗତ ମାସରେ ୫ରୁ ଅଧୀନ ଚୋରୀ ଘଟଣା ରେ ମନରୁ ଭୟ ଯାଇନଥିବା ବେଳେ ପୁନଷ୍ଟ ନନ୍ଦୁର ଗ୍ରାମ ପଞ୍ଚାୟତ ଅଧୀନ ରୁଢିଙ୍ଗିଆ ଗ୍ରାମର ପୂର୍ଣ୍ଣଚନ୍ଦ୍ର ଘଡେଇ ଓ ନେତ୍ରାନନ୍ଦ ଘଡେଇଙ୍କ ଘରୁ ଶୁକ୍ରବାର ରାତିରେ ଚୋରୀ ହୋଇଥିବା ନେଇ ଖଇରା ଥାନାରେ ଅଭିଯୋଗ ହୋଇଛି । ପାଖାପାଖି ୫ଜଣ ଦୁବୃତ୍ତ ମାରଣାସ୍ତ୍ର ଦେଖାଇ ମହିଳା ମାନେ ପନ୍ଧିଥିବା ଓ ଆଲମିରାରେ ଥିବା ସୁନାଗହଣା ନେଇ ପଳାଇଥିବାର ଅଭିଯୋଗରେ ଉଲ୍ଲେଖ କରାଯାଇଛି । ଖଇରା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଛି । ସେପଟେ ପଳସା-ଡୁଙ୍ଗୁରା ରାସ୍ତାର ପଳସା ଆର୍‌ଏମସି ଗୋଦାମ ନିକଟରେ ରାସ୍ତା ଉପରେ ଚେନ ଛିଣ୍ଡି ପଡିରହିଥିବା ନମ୍ବର ବିହିନ ବାଇକକୁ ଶୁକ୍ରବାର ପୋଲିସ ଥାନାରେ ଜବତ କରିଥିବା ବେଳେ ସେହି ରାତିରେ ତୋରାଣିପଦା ଛକରି ନିକଟରୁ ଅନ୍ୟ ଏକ ବାଇକ ଚୋରୀ ଚର୍ଚ୍ଚାର ବିଷୟ ପାଲଟିଛି ।

# ଗ୍ରାମବାସୀଙ୍କ ଜୋରଦାର ବିରୋଧ ଯୋଗୁଁ ଶ୍ମଶାନ ପାଖରୁ ଅଙ୍ଗନୱାଡ଼ି ଗୃହ ନିର୍ମାଣ ହଟିଲା

ଲଙ୍ଗଳେଶ୍ୱର , ୨୭/୦୫ (ନି.ପ୍ର): ବାଲିଆପାଳ ବ୍ଲକ ବଡ଼ାଶ ପଞ୍ଚାୟତର ତାହାଲିଆ ଗ୍ରାମରେ ଶୁକ୍ରବାର ଗ୍ରାମବାସୀଙ୍କ ଜୋରଦାର ବିରୋଧ ଯୋଗୁଁ ପ୍ରଶାସନ ଶ୍ମଶାନ ପାଖରୁ ଅଙ୍ଗନୱାଡ଼ି ଗୃହ ନିର୍ମାଣକୁ ସ୍ଥାନାନ୍ତରିତ କରିବାକୁ ବାଧ ହୋଇଛି। ଫଳରେ ଦୀର୍ଘଦିନର ଛକା ପଞ୍ଜାର ଅବସାନ ଘଟିଛି। ସୂଚନା ମୁତାବକ ତାହାଲିଆ ଗ୍ରାମରେ ୨ନମ୍ବର ଅଙ୍ଗନୱାଡ଼ି କେନ୍ଦ୍ର ଗୃହ ନିର୍ମାଣ ପାଇଁ ବହୁଦିନରୁ ବିବାଦ ଲାଗି ରହିଥିଲା। ଗ୍ରାମର ଗୋଟିଏ ଗୋଷ୍ଠୀ ଶ୍ମଶାନ ପାଖରେ ଅଙ୍ଗନୱାଡ଼ି ଗୃହ ନିର୍ମାଣ କରିବାକୁ ଦାବି କରିଆସୁଥିବା ବେଳେ ଅନ୍ୟ ଏକ ଗୋଷ୍ଠୀ ଗ୍ରାମ ମଝିରେ ରାସ୍ତା ପାଖରେ ଅଙ୍ଗନୱାଡ଼ି ଗୃହ ନିର୍ମାଣ କରିବାକୁ ଦାବି କରିଥିଲେ। ତେବେ



ପ୍ରଶାସନ ଶ୍ମଶାନ ପାଖରେ ଅଙ୍ଗନୱାଡ଼ି କେନ୍ଦ୍ର ଗୃହ ନିର୍ମାଣ କରିବା ନିଶ୍ଚିତ ହୋଇ ଶୁକ୍ରବାର ବାଲିଆପାଳ ବିଡ଼ିଓ ବିନୋଦ ଚନ୍ଦ୍ର ପଣ୍ଡା, ବାଲିଆପାଳ ତହସିଲଦାର ଦୀପକ କୁମାର ଦାଶ , ବାଲିଆପାଳ ଥାନା ଦାୟିତ୍ୱରେ ଥିବା ଆଇ ଆଇ ସି ବିଶ୍ୱଜ ରାଉତରାୟ , ଜମାକୁଣ୍ଡା ଫାଣ୍ଡି ଅଧିକାରୀ ଶାରଦା ପ୍ରସନ୍ନ ମୁଦୁଲି, ବାଲିଆପାଳ ତହସିଲର୨ ଜଣ ରାଜସ୍ୱ ନିରୀକ୍ଷକ, ତହସିଲ ଅମିନଙ୍କ ସହିତ ୧ପ୍ଲାଟୁନ ପୋଲିସ ଫୋର୍ସ ଘଟଣା ସ୍ଥଳରେ ପହଞ୍ଚି ଥିଲେ। ମାତ୍ର ଗ୍ରାମବାସୀଙ୍କ ଜୋରଦାର ବିରୋଧ ଓ ଶ୍ମଶାନ ପାଖରେ ଅଙ୍ଗନୱାଡ଼ି କେନ୍ଦ୍ର ଗୃହ ନିର୍ମାଣହେଲେ ଗ୍ରାମବାସୀ ଅଙ୍ଗନୱାଡ଼ି କେନ୍ଦ୍ରକୁ ନିଜ ପିଲାମାନଙ୍କୁ ପାଠ ପଢ଼ିବା ପାଇଁ ପଠାଇବେ ନାହିଁ ବୋଲି ଅଡି ବସିଥିଲେ। ଫଳରେ ପ୍ରଶାସନ ବାଧ ହୋଇ ଅନ୍ୟତ୍ର ଗୃହ ନିର୍ମାଣ ପାଇଁ ସ୍ଥାନ ନିରୋପଣ କରିଛି।

## ସଂସ୍କୃତି ବିଭାଗ ତରଫରୁ ନେହେରୁଙ୍କ ଶ୍ରାଦ୍ଧଦିବସ ପାଳନ

ଭୁବନେଶ୍ୱର, ୨୭/୦୫ (ନି.ପ୍ର): ଭାରତ ବର୍ଷର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁଙ୍କ ୫୯ତମ ଶ୍ରାଦ୍ଧ ଦିବସ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଆଜି ପ୍ରତ୍ୟୁଷରେ ଭୁବନେଶ୍ୱର ରେଳଷ୍ଟେସନ୍ ସମ୍ମୁଖସ୍ଥ ତାଙ୍କ ପ୍ରତିମୂର୍ତିସ୍ଥଳୀରେ ଭକ୍ତିପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଉତ୍ସବରେ ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ ବନ୍ଦନା ଗାନ କରିଥିବା ବେଳେ ଶିକ୍ଷାବିତ୍ କାମଦେବ ମହାପାତ୍ର ସ୍ୱରଚିତ କବିତା ଆବୃତି କରିଥିଲେ । ବିଧାୟକ ପ୍ରଫୁଲ୍ଲ ସାମଲ, ସୁରେଶ କୁମାର ରାଉତରାୟ, ରାଜ୍ୟ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ, ଶିବାନନ୍ଦ ରାୟ, ମନୋରଂଜନ ଦାଶ ଓ ବରିଷ୍ଠ କଂଗ୍ରେସ କର୍ମୀ, ଅଧ୍ୟାପକ ଡଃ ରଙ୍ଗାଧର ସାହୁ, ଉଇ ଫର ଭୁବନେଶ୍ୱର ପକ୍ଷରୁ ନରେନ୍ ସାହୁ ଓ କର୍ମକର୍ତାବୃନ୍ଦ, ଜୟ ଓଡ଼ିଶା ଅଧକ୍ଷ ରୁଦ୍ର ନାରାୟଣ ସାମନ୍ତରାୟ, ଗିରିଜା ଶଙ୍କର ମହାପାତ୍ର, ଭାସ୍କର ସେଠୀ, ବିଜେଡ଼ି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ସତ୍ୟବ୍ରତ ଜେନା ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସ୍ୱର୍ଗତ ନେହେରୁଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ । ନେହେରୁଙ୍କ ଦ୍ୱାରା ପ୍ରବର୍ତିତ ପଂଚଶୀଳନୀତି ବିଶ୍ୱ ଶାନ୍ତି ଦିଗରେ ଏକ ଐତିହାସିକ ପଦକ୍ଷେପ ଥିଲା, ଯାହାର ଗୁରୁତ୍ୱ ଏବେ ମଧ ବିଶ୍ୱବାସୀ ଅନୁଭବ କରୁଛନ୍ତି । ଶିଶୁମାନଙ୍କୁ ସେ ବହୁତ ଭଲ ପାଉଥିବା ହେତୁ ତାଙ୍କ ଜନ୍ମ ଦିବସକୁ ଶିଶୁ ଦିବସ ଭାବରେ ସମସ୍ତେ ପାଳନ କରୁଛନ୍ତି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ ।

## ସ୍କିଲ୍-ଇନ୍-ଓଡିଶା ଆଜି ବିଶ୍ୱ ବ୍ରାଣ୍ଡ ଭାବେ ପରିଚିତ - ମନ୍ତ୍ରୀ

ଭୁବନେଶ୍ୱର, ୨୭/୦୫ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି । ବିଭାଗୀୟ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡେଇ ଏବଂ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢୀ ବିଭାଗୀୟ ସମୀକ୍ଷା ବୈଠକର ନିର୍ଯ୍ୟାସ ଓ ସଫଳତା ସମ୍ବନ୍ଧରେ ଗୀତ ଗୋବିନ୍ଦ ସଦନରେ ଏକ ସାମ୍ବାଦିକ ସମ୍ମିଳନୀରେ ତଥ୍ୟ ଉପସ୍ଥାପନ କରିଥିଲେ। ମନ୍ତ୍ରୀ ଶ୍ରୀ ଘଡେଇ କହିଲେ ଯେ ଭବିଷ୍ୟତର କୌଶଳ ଏବଂ ନୂତନ ଯୁଗର ପାଠ୍ୟକ୍ରମରେ ଦକ୍ଷତା ପ୍ରଦାନ ପାଇଁ ଓଡିଶା ବଜେଟ୍ ୨୦୨୩-୨୪ ରେ ନୂତନ ଉନ୍ନତ ଅଭିଳାଷ ଯୋଜନାରେ ୧୦୦ କୋଟି ଟଙ୍କା ଆବଂଟନ କରାଯାଇଥିଲା । କ୍ଲାଉଡ୍ କମ୍ପ୍ୟୁଟିଂ, ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ, ଅଗମେଂଟେଡ୍ ରିଅଲିଟି-ଭର୍ଚୁଆଲ୍ ରିଅଲିଟି, ଡାଟା ସାଇନ୍ସ ଏବଂ ୩ଡି ପ୍ରିଂଟିଙ୍ଗ୍ ଭଳି ଉଦୀୟମାନ ପ୍ରଯୁକ୍ତିବିଦ୍ୟାରେ ଏକ ଲକ୍ଷ ଯୁବକଙ୍କୁ ଦକ୍ଷତା ତାଲିମ ପ୍ରଦାନ କରିବାକୁ ଏହି ସ୍କିମ୍ ଲକ୍ଷ୍ୟ ରଖିଛି । ମନ୍ତ୍ରୀ କହିଛନ୍ତି ଯେ ଆଜି ୨୦,୦୦୦ ପ୍ରାର୍ଥୀ, ୩୪ ଟି ସରକାରୀ ପଲିଟେକ୍‌ନିକ୍ସ, ୮୨ ଟି ଦକ୍ଷତା ବିକାଶ କେନ୍ଦ୍ର, ୨ ଗୋଟି ପରିଚାଳନା ପ୍ରତିଷ୍ଠାନ, ୫ ଟି ଇଞ୍ଜିନିୟରିଂ କଲେଜ ଏବଂ ୩ ଟି ବୈଷୟିକ ବିଶ୍ୱବିଦ୍ୟାଳୟ ସହିତ ୬୦ ଟି ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ଯୁବବର୍ଗଙ୍କୁ ଦକ୍ଷତା ଦେବା ପାଇଁ ପ୍ରତିବଦ୍ଧ । ଦେଶର ୧୦୦ ଟି ସର୍ବଶ୍ରେଷ୍ଠ ଆଇ.ଟି.ଆଇ ଅନୁଷ୍ଠାନ ମଧ୍ୟରୁ ଓଡିଶାର ୬ ଗୋଟି ଅନୁଷ୍ଠାନ ସ୍ଥାନିତ ହୋଇଛି । ଏଭଳି ଏକ ଦୃଢ଼ ନେଟୱାର୍କ ପାଇଁ ରାଜ୍ୟ ଗର୍ବ ଅନୁଭବ କରିବା ସହିତ ଦେଶରେ ସ୍କିଲ୍-ଇନ୍-ଓଡିଶାର ମୂଳଦୁଆ ସ୍ଥାପିତ ହୋଇ ପାରିଛି ।

## ମିଶନ ଶକ୍ତି ବିଭାଗର କାର୍ଯ୍ୟାବଳୀ ସମୀକ୍ଷା

ଭୁବନେଶ୍ୱର, ୨୭/୦୫ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ମିଶନ ଶକ୍ତି ବିଭାଗର ବିଗତ ୪ ବର୍ଷ ମଧ୍ୟରେ କରାଯାଇଥିବା ବିଭିନ୍ନ କାର୍ଯ୍ୟାବଳୀର ସମୀକ୍ଷା କରିଛନ୍ତି । ମିଶନ ଶକ୍ତି ବିଭାଗର ବିଭିନ୍ନ କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିବା ସହ ମୁଖ୍ୟମନ୍ତ୍ରୀ ମହିଳା ସଶକ୍ତିକରଣ ଦିଗରେ ଆହୁରି ଆଗକୁ ଯିବାକୁ ପ୍ରୋତ୍ସାହିତ କରିଥିଲେ ।

# ମାଗୁଣି ଚରଣ ବାଳାଶ୍ରମର ବାର୍ଷିକ ଉତ୍ସବ ପାଳିତ

ବସ୍ତା, ୨୭/୦୫ (ନି.ପ୍ର): ଏବର ସମାଜରେ ଶିକ୍ଷା ସାଙ୍ଗକୁ ନାଚ, ଗୀତ, ଖେଳ ନିତ୍ୟାନ୍ତ ଜରୁରୀ ।ତା ସହିତ ପିଲା ମାନଙ୍କର ଚରିତ୍ର ଗଠନ କରିବାରେ ଶିକ୍ଷକ ଶିକ୍ଷୟତ୍ରୀଙ୍କ ଭୂମିକା ଅତୁଳନୀୟ ବୋଲି ବସ୍ତା ବ୍ଲକର ମଥାନୀ ମାଗୁଣିଚରଣ ବାଳାଶ୍ରମରେ ୪୭ତମ ବାର୍ଷିକ ଉତ୍ସବରେ ଅତିଥିମାନେ ମତ ବ୍ୟକ୍ତ କରିଛନ୍ତି । ଆଶ୍ରମର ସମ୍ପାଦକ ପ୍ରତାପଚନ୍ଦ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ରେ ଆୟୋଜିତ ଉତ୍ସବରେ ବାଳାଶ୍ରମର ସଭାପତି ବିଜୟ କୁମାର ସିଂହ ଙ୍କ ପୌରହିତ୍ୟରେ ମୂଖ୍ୟ ଅତିଥିଭାବେ ବାଲେଶ୍ୱର ସି ଡବ୍ଲୁ ସି ଜଗଦୀଶ ଚନ୍ଦ୍ର ଘଡେଇ ମୁଖ୍ୟବକ୍ତା, ପୂର୍ବତନ ସି ଡବ୍ଲୁସି ଭାଗିରଥି ବାରିକ ପ୍ରାକ୍ତନ ସିଡବ୍ଲୁସି ପଦ୍ମଲୋଚନ ଦତ୍ତ, ସମ୍ମାନୀତ ଅତିଥି ଜିଲ୍ଲାଶିଶୁ ମଙ୍ଗଳ




ଅଧିକାରୀ ସ୍ୱାଗତୀକା ଦାସ , ଜିଲ୍ଲାପରିଷ ଦ ସଦସ୍ୟା ଦେବୀକା ସୋରେନ, ପୂର୍ଣ୍ଣଚନ୍ଦ୍ର ଜେନା, ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତଥିଲେ । ଅଧ୍ୟାପକ ରାମ ଶଙ୍କର ମହାପାତ୍ର ଅତିଥି ପରିଚୟ କରିଥିବା ବେଳେ ଆଶ୍ରମର ଅଧ୍ୟକ୍ଷ ଡା ହରିହର ମହାପାତ୍ର ମଞ୍ଚ ସଂଯୋଜନା କରିଥିଲେ । ବିଜୟୀନି ରାଜ,ସସ୍ମୀତା ଜେନା,ସସ୍ମୀତା ରାଉତ, ସରୋଜ କୁମାର ମହାନ୍ତି,ବୈଶାଳି ମହାନ୍ତି,ମିନାକ୍ଷି ଜେନା,ଡା ପ୍ରସନ୍ନ କୁମାର ସେନାପତି, ପ୍ରଦୀପ ବାରିକ,ପ୍ରଭାତ ବେହେରା,ଐସୂର୍ଯ୍ୟା ବେହେରା, ଓମ ପ୍ରକାଶ ଆଇଚ, କାଜଲ ଘଡେଇ,ଫୁଲମଣୀ ଗିରି, ଅର୍ଚ୍ଚନା ମହାପାତ୍ର,କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ । ସଭା ଆରମ୍ଭରେ ଆଶ୍ରମର ପିଲାଙ୍କ ଦ୍ୱାରା ଆବାହନୀ ସଂଗୀତ ପରିବେଷଣ ହୋଇଥିଲା ।କୃତି ଛାତ୍ରଙ୍କୁ ମାନପତ୍ର ଓ ପୁସ୍ତକ ଦେଇ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । କାହ୍ନୁ ସିଂହ ଧନ୍ୟବାଦ ଜଣାଇଥିଲେ।

## ଜାପାନରେ ଭାରତର ରାଷ୍ଟ୍ରଦୂତଙ୍କୁ ଭେଟିଲେ ମନ୍ତ୍ରୀ ଅଶୋକ ପଣ୍ଡା

ଭୁବନେଶ୍ୱର, ୨୭/୦୫ (ନି.ପ୍ର): ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଏବଂ ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଶନିବାର ଜାପାନରେ ଭାରତର ରାଷ୍ଟ୍ରଦୂତ ଶିବି ଜର୍ଜଙ୍କୁ ସାକ୍ଷାତ କରିଛନ୍ତି । ମନ୍ତ୍ରୀ ଶ୍ରୀ ପଣ୍ଡା ଓଡ଼ିଶା ପକ୍ଷରୁ ରାଷ୍ଟ୍ରଦୂତଙ୍କୁ ଅଭିନନ୍ଦନ ଜଣାଇବା ସହିତ ସୌଜନ୍ୟମୂଳକ ମତବିନିମୟ କରିଥିଲେ । ଆଲୋଚନା ସମୟରେ ମନ୍ତ୍ରୀ ଶ୍ରୀ ପଣ୍ଡା ଓଡ଼ିଶାରେ ବାୟୋଟେକ୍‌ନୋଲୋଜି ବିକାଶ ନେଇ ମତ ରଖିଥିଲେ । ଜାପାନୀ ଭାଷା ଶିକ୍ଷାଗ୍ରହଣ ସହିତ ଭବିଷ୍ୟତର ନିଯୁକ୍ତି ସୁଯୋଗକୁ ଓଡ଼ିଶାରେ ସଂପ୍ରସାରିତ କରିବା ଲକ୍ଷ୍ୟ ଏବଂ ବାୟୋଟେକ୍‌ନୋଲୋଜି ଅଧ୍ୟୟନ ତଥା ଗବେଷଣା କ୍ଷେତ୍ରରେ ଛାତ୍ର ବିନିମୟ କାର୍ଯ୍ୟକ୍ରମ ଉପରେ ମନ୍ତ୍ରୀ ଶ୍ରୀ ପଣ୍ଡା ଗୁରୁତ୍ୱ ଦେଇଥିଲେ । ସେହିପରି ସାମୁଦ୍ରିକ ବିଜ୍ଞାନ ଅଧ୍ୟୟନ ଓ ଗବେଷଣା ସାଙ୍ଗକୁ ରାଜ୍ୟରେ ବୟସ୍କମାନଙ୍କ ବାର୍ଦ୍ଧକ୍ୟଜନିତ ସମସ୍ୟାର ଉପଚାର ନିମନ୍ତେ ବିଶେଷ ସହଭାଗିତା ଉପରେ ମତବିନିମୟ ହୋଇଥିଲା । ରାଜ୍ୟରେ ବୌଦ୍ଧ ପର୍ଯ୍ୟଟନର ବିକାଶ ନେଇ କଥାବାର୍ତା ହୋଇଥିଲା।

# 'ଛା' ଉନ୍ନୟନ ପରିଷଦ ଗଠିତ

## ବିଭିନ୍ନ ସମସ୍ୟାର ସମାଧାନ ସଂପର୍କରେ କାଉନସିଲରଙ୍କ ସହ ଆଲୋଚନା

ବାରିପଦା, ୨୬/୫ (ଆପ୍ର): ପାଲବଣୀ ନିକୋଫ୍ୟାକ୍ଟ୍ରି ପଛରେ ବସବାସ କରୁଥିବା ବାସିନ୍ଦାଙ୍କୁ ନେଇ ଛାଞ୍ଚ ଉନ୍ନୟନ ପରିଷଦ ଗଠିତ ହୋଇ ଯାଇଛି । ଛାଞ୍ଚ ଅଞ୍ଚଳର ବିଭିନ୍ନ ସମସ୍ୟାର ସମାଧାନ ଓ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ 'ସଂରଚନା' ଠାରେ ଅନୁଷ୍ଠିତ ବୈଠକରେ ସର୍ବସମ୍ମତି କ୍ରମେ ଅବସର ପ୍ରାପ୍ତ ଅଧ୍ୟକ୍ଷ ଲକ୍ଷ୍ମୀଧର ଜେନାଙ୍କୁ ସଭାପତି ଭାବେ ଚୟନ କରାଯାଇଥିବା ବେଳେ ବରିଷ୍ଠ ସାମ୍ବାଦିକ ସଞ୍ଜୟ କୁମାର ଚୌଧୁରୀଙ୍କୁ ସଂପାଦକ ଭାବେ ମନୋନୀତ କରାଯାଇଛି । ସେହିପରି ଉପସଭାପତି ଭାବେ ସମାଜସେବୀ ଅଶୋକ କୁମାର ମଣ୍ଡଳ, ଯୁଗ୍ମ ସଂପାଦକ ଭାବେ ଶିକ୍ଷାବିତ୍ ନୀଳରତ୍ନ କଲିଆ, ସଂଯୋଜକ ଭାବେ ଦେବବ୍ରତ ସାମଲ, ସହ ସଂଯୋଜକ ଭାବେ ପ୍ରଭାସ କୁମାର ଦ୍ୱିବେଦୀ ଏବଂ କମଳ ଲୋଚନ ମହାପାତ୍ର, କୋଷାଧ୍ୟକ୍ଷ ଭାବେ ତାପସ କୁମାର ନାୟକ, ସହ କୋଷାଧ୍ୟକ୍ଷ ଭାବେ ମାନସ କୁମାର ବାରିକ୍‌ଙ୍କୁ ମନୋନୀତ କରାଯାଇଛି । କାର୍ଯ୍ୟକାରୀ କମିଟୀରେ ରାସେଶ୍ୱର ଜେନା, ରବି ନାରାୟଣ ଦାଶ, ସନ୍ତୋଷ କୁମାର ମହାନ୍ତ,ବୃନ୍ଦାବନ ପଣ୍ଡା, ହରିଶ ଚନ୍ଦ୍ର ନାଥ, ଶରତ ଚନ୍ଦ୍ର ପାତ୍ର, କାର୍ତ୍ତିକେଶ୍ୱର ଦାଶ ଏବଂ ସୁଶାନ୍ତ



କୁମାର ସାହୁଙ୍କୁ ଗ୍ରହଣ କରାଯାଇଥିବା ବେଳେ ଉପଦେଷ୍ଟା ମଣ୍ଡଳୀରେ ଶ୍ରୀକାନ୍ତ ବେହେରା, ଶ୍ୟାମବନ୍ଧୁ ସଦୁଆଳ, ଦୟାନିଧି ଆଚାର୍ଯ୍ୟ,ରବୀନ୍ଦ୍ରକୁମାର ପୁହାଣ ଏବଂ ସତ୍ୟଭାମା ବେହେରା ପ୍ରମୁଖ ରହିଛନ୍ତି । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ନିକୋପଛ ଛାଞ୍ଚରେ ରହୁଥିବା ବାସିନ୍ଦା ବିଭିନ୍ନ ସମସ୍ୟାରେ ବୁଡି ରହିଛନ୍ତି । ଯାତାୟାତ କରିବା ପାଇଁ ଭଲ ରାସ୍ତା ଖଣ୍ଡେ ନ ଥିବା ବେଳେ ଜାତୀୟ ରାଜପଥ ୧୮ର ଝୁଲନ୍ତା ପୋଲ ଏବଂ ଦକ୍ଷିଣପୂର୍ବରେଳ ପଥର ବାଧକ ସାଜିଛି । ବିଭିନ୍ନ ସାହିର ରାସ୍ତା ଗୁଡିକ ଯାତାୟାତ ପାଇଁ ଅନୁପଯୋଗୀ ହୋଇ ପଡିଥିବା ବେଳେ ଏହାର ମରାମତି ବା ଉନ୍ନତିକରଣ ହେଉନି । ସେପଟେ ପାନୀୟ ଜଳ ଟୋପେ ପାଇବା ପାଇଁ ଏଠିକାର ବାସିନ୍ଦା ପ୍ରତିଦିନ ଦହଗଞ୍ଜ ହେଉଥିବା ବେଳେ ପାଇପ ଯୋଗେ ସବୁଠି ପାଣି ପହଞ୍ଚୁନି । ସେହିପରି ଦିନକୁ ୨୦ରୁ ୩୦ଥର ବିଦ୍ୟୁତ ବିଭ୍ରାଟ ଯୋଗୁଁ ଏଠାରେ ବଞ୍ଚିବା ସାଧାରଣ ଲୋକଙ୍କ ପାଇଁ ଦୁର୍ବିସହ ହୋଇ ପଡୁଛି । ତେଣୁ ଏହି ସମସ୍ତ ମୌଳିକ ସୁବିଧା କିପରି ଜନ ସାଧାରଣ ପାଇ ପାରିବେ ସେ ନେଇ ପୌରପରିଷଦ ପାଖରେ ଏବଂ ପ୍ରଶାସନ ପାଖରେ ଦାବି ରଖିବାକୁ ହୋଇଥିବା ନିଷ୍ପତ୍ତି କ୍ରମେ ୨୭ତାରିଖରେ ସ୍ଥାନୀୟ ୨୫ନମ୍ବର ୱାର୍ଡର କାଉନସିଲର ଦେବାଶିଷ ପାତ୍ରଙ୍କୁ ଆମନ୍ତ୍ରଣ କରାଯାଇ ୱାର୍ଡର ବିଭିନ୍ନ ସମସ୍ୟା ସଂପର୍କରେ ଅବଗତ କରାଯିବା ସହିତ ଏ ସବୁର ସମାଧାନ ଯେମିତି ରାସ୍ତାଘାଟ ନିର୍ମାଣ, ପାନୀୟଜଳ ପାଇଁ ନୂତନ ବୋରିଂକୋଲି ପମ୍ପହାଉସ ନିର୍ମାଣ, ବାରମ୍ବାର ପାୱାରକଟ ରୋକିବାକୁ ରୁରାଲ ଫିଡରରୁ ଏହି ଅଞ୍ଚଳକୁ ଅର୍ବାନକୁ ଆଣିବାକୁ ପ୍ରୟାସ, ପିଲା ଓ ବୟସ୍କଙ୍କ ଆମୋଦ ପ୍ରମୋଦ ପାଇଁ ସରକାରୀ ଜମିରେ ପାର୍କନିର୍ମାଣ, ସହିତ ଏହି ଅଞ୍ଚଳରେ ଦିନକୁ ଦିନ ନୂତନ ଜନବସତି ବୃଦ୍ଧି ହେଉଥିବାରୁ ଏହାକୁ 'କଲ୍ୟାଣ ନଗର' ନାମରେ ନାମିତ କରିବାକୁ ଦାବି କରାଯାଇଛି । ଏ ସମସ୍ତ ପ୍ରସଙ୍ଗରେ ଆଲୋଚନା ପରେ ଛାଞ୍ଚ ଉନ୍ନୟନ ପରିଷଦର ସଦସ୍ୟଙ୍କ ସହ ଖୋଦ କାଉନସିଲର ମିଳିମିଶି ୱାର୍ଡର ସର୍ବାଙ୍ଗୀନ ଉନ୍ନତି କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସଂରଚନାରେ ଅନୁଷ୍ଠିତ ଏହି ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ ସୁଦର୍ଶନ ନାୟକ, ଶିବ ମହାନ୍ତ, ତାପସ କୁମାର ନାୟକ, କମଳାକାନ୍ତ ପଣ୍ଡା, ସିଙ୍ଗରାୟ ମୁର୍ମୁ, ହିମାଂଶୁ ଦତ୍ତ, ସୁଧାଂଶୁ କୁମାର ମିଶ୍ର, ପ୍ରଦୀପ କୁମାର ପାତ୍ର, ଅଜିତ୍ ଦାସଙ୍କ ସମେତ ଛାଞ୍ଚ ଅଞ୍ଚଳର ପ୍ରାୟ ୪୦ରୁ ଅଧିକ ଅଧିବାସୀ ଉପସ୍ଥିତ ଥିଲେ ।

## ରାଧାକୃଷ୍ଣ କଲ୍ୟାଣ ମଣ୍ଡପକୁ ଲୋକାର୍ପଣ କଲେ ବିଧାୟକ

ଖଇରା, ୨୭/୦୫ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ପତିରାଜପୁର ମେଳନ ପଡିଆରେ ପର୍ଯ୍ୟଟନ ବିଭାଗ ଆର୍ଥୀକ ସହଯୋଗରେ ନିର୍ମିତ ରାଧାକୃଷ୍ଣ କଲ୍ୟାଣ ମଣ୍ଡପ ଶୁକ୍ରବାର ଲୋକାର୍ପିତ ହୋଇ ଯାଇଛି । ଉଦ୍‌ଘାଟକ ଭାବେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗ ଦେଇ ପ୍ରସିଦ୍ଧ ପତିରାଜପୁର ମେଳା ପଡିଆ ର ସୌନ୍ଦର୍ଯ୍ୟକରଣ ପାଇଁ ସେ ୨୦୧୪ ମସିହା ପରଠାରୁ ଉଦ୍ୟମ କରିଆସୁଛନ୍ତି । ଭକ୍ତ ଭଗବାନର ମିଳନ ସ୍ଥଳ ଭାବେ ପରିଗଣିତ ପବିତ୍ର ପୀଠର ଉନ୍ନତି ପାଇଁ ସେ ପ୍ରତିଶୃତିବଦ୍ଧ ବୋଲି କହିଥିଲେ । ଯୁବନେତା ରମେଶ ଚନ୍ଦ୍ର ଘଡେଇ ଙ୍କ ଆବାହକତ୍ୱରେ ଆୟୋଜିତ ଉକ୍ତ




ଉଦ୍‌ଘାଟନୀ ଉତ୍ସବରେ ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର,ସରପଞ୍ଚ ପୁଷ୍ପଲତା ଘଡେଇ,ପୁର୍ବତନ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ମହଲା,ସମିତି ସଭ୍ୟ ରଞ୍ଜନ କୁମାର ରାଉତ,ପତିରାଜପୁର ମେଳା କମିଟିର ସାଧାରଣ ସମ୍ପାଦକ ଭରତ ଚନ୍ଦ୍ର ରାଉତ,ବରିଷ୍ଠ ସଭ୍ୟ ଭୀଷ୍ମଚରଣ ନାୟକ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ସ୍ୱାଧିନତାର ୭୦ବର୍ଷ ମଧ୍ୟରେ ଉନ୍ନୟନ କାର୍ଯ୍ୟରୁ ବଞ୍ଚିତ ଥିବା ପୀଠ ଆଜି ଶିଖରରେ ପହଞ୍ଚିଛି ବୋଲି ପ୍ରକାଶ କରିଥିଲେ। ସ୍ୱଳ୍ପ ଖର୍ଚ୍ଚରେ ଯେକୌଣସୀ ବ୍ୟକ୍ତି ଏଠାରେ ବାହାଘର,ବ୍ରତଘର ଭଳି ସାମାଜିକ କାର୍ଯ୍ୟକ୍ରମ କରିପାରିବେ ବୋଲି ଯୁବନେତା ଶ୍ରୀ ଘଡେଇ ପ୍ରକାଶ କରିଥିଲେ । ପ୍ରାକ୍ତନ ପ୍ରଧାନଶିକ୍ଷକ ଉଦୟ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।ଉଦ୍ଧବ ଘଡେଇ,ପ୍ରଦୀପ କୁମାର ସାମଲ ଓ ମେଳା କମିଟି ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଦରଡା ମଣ୍ଡଳର ବିଜେପିର ମହା ସମ୍ପର୍କ ଅଭିଯାନ ପାଇଁ ବୈଠକ

ବସ୍ତା, ୨୭/୦୫ (ନି.ପ୍ର): ବିଜେପି ଦରଡା ମଣ୍ଡଳ ପକ୍ଷରୁ କୁଣ୍ଡପୁର ଠାରେ ମହା ସଂମ୍ପର୍କ ଅଭିଯାନ ପାଇଁ ପ୍ରସ୍ତୁତି ବୈଠକ ଶନିବାର ଦରଡା ମଣ୍ଡଳ ସଭାପତି ବସନ୍ତ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ମେ ୩୦ତାରିଖ ଠାରୁଜୁନ ୩୦ ପର୍ଯ୍ୟନ୍ତ ଏହି ଅଭିଜାନକୁ ସଫଳ କରିବାପାଇଁ କର୍ମୀ ଓ ନେତୃବୃନ୍ଦଙ୍କୁ ବିଭିନ୍ନ ଦାଇତ୍ୱ ବଣ୍ଟନ କରାଯାଇଥିଲା । ପ୍ରଭାରୀ ଅଜୟସାହୁ ପରେଶକୁମାର ବେହେରା, ଗୋପବନ୍ଧୁ ସାହୁ, ବିଶ୍ୱନାଥ ସିଂ, ଗକୁଳାନନ୍ଦ ଜେନା, କମଳାକାନ୍ତ ବେହେରା, ଅଜୟ ବେହେରା, ବିଣାପାଣୀ ଦାସ ଅଧିକାରୀ, ବରିଷ୍ଠ ନେତା ରାଜେନ ପରିଡା, ସୁନିଲ ବେହେରା, ଫର୍ଣ୍ଣାଲ ବିଶ୍ୱାଳ, କୃଷ୍ଣଦତ୍ତ, ସମେତ ବହୁ ବିଜେପିକର୍ମୀ ଯୋଗ ଦେଇଥିଲେ।



❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo